


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୧୬ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 16 SEPTEMBER 2022

Vol.No. 35 ■ No. 244 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଗୁଜରାଟ ମୈଦାନରେ ସେନାପତି ଭାବେ ରାଘବ ଚଢ଼ାଙ୍କୁ ଓହ୍ଲାଇବ ଆପ୍

ନୂଆଦିଲ୍ଲୀ, ୧୫/୦୯ : ଗୁଜରାଟରେ ଆମ ଆଦମୀ ପାର୍ଟିର ପ୍ରମୁଖ ଚେହେରା ହେବେ ଯୁବ ନେତା ରାଘବ ଚଢ଼ା । ଆଉ କିଛି ମାସ ପରେ ଗୁଜରାଟ ବିଧାନସଭା ନିର୍ବାଚନ ଥିବା ବେଳେ ପୂରା ଦମରେ ଲାଗିପଡ଼ିଛି ଆପ୍ । ଆପ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗୁଜରାଟକୁ ଘନ ଘନ ଗସ୍ତ କରି ଆଗୁଆ ପ୍ରଚାରକୁ ଜୋରଦାର କରିଛନ୍ତି। ପଞ୍ଜାବ ପରେ ଗୁଜରାଟ ମିଶନ୍‌ରେ ଥିବା ଆପ୍ ରାଜ୍ୟ ପାଇଁ ଜଣେ ଯୁବ ଏବଂ ଲୋକପ୍ରିୟ ଚେହେରାକୁ ଲଞ୍ଚ କରିବାକୁ ଯୋଜନା କରିଛି । ଏଥିପାଇଁ ଦଳ ରାଘବ ଚଢ଼ା ଉପରେ ଭରସା କରିଛି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏବେ ଆପ୍ ପକ୍ଷରୁ ରାଜ୍ୟସଭା ସଦସ୍ୟ ଥିବା ରାଘବ ଚଢ଼ାଙ୍କୁ ଗୁଜରାଟ ମୈଇଦାନରେ ସେନାପତି ଭାବେ ଓହ୍ଲାଇବାକୁ ଯୋଜନା କରିଛି ।



କାରଣ ପଞ୍ଜାବ ବିଜୟ ପଛରେ ପ୍ରମୁଖ ଭୂମିକା ନିଭାଇଥିଲେ ରାଘବଚଢ଼ା। ଦଳ ପାଇଁ ଉଭୟ ଦିଲ୍ଲୀ ଏବଂ ପଞ୍ଜାବ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାମ କରିଛନ୍ତି ରାଘବ। ରାଜନୀତିରେ ଯୁବପିଢ଼ିଙ୍କ ମଧ୍ୟରେ ଅତି ଅଳ୍ପ ଦିନରେ ରାଘବ ବେଶ ଲୋପ୍ରିୟ ହୋଇ ପାରିଥିବା ଦଳ ଅନୁଭବ କରିଛି। ତେଣୁ ରାଘବଙ୍କ ଲୋକପ୍ରିୟତାକୁ ଦଳ କାମରେ ଲଗାଇବାକୁ ଯୋଜନା କରୁଛି । ଚଳିତ ବର୍ଷ ଶେଷ ଆଡ଼କୁ ଗୁଜରାଟ ବିଧାନସଭା ନିର୍ବାଚନ ରହିଛି। ଦୀର୍ଘ ବର୍ଷ ହେବ ଏଠାରେ କଂଗ୍ରେସ କ୍ଷମତାରୁ ଅପସାରିତ ହୋଇ ବନବାସ ଅବସ୍ଥାରେ ଅଛି। ତେଣୁ ମୋଦିଙ୍କ ହାତକୁ କ୍ଷମତା ଗଲା ପରେ ବିଜେପିର ▶▶ପୃଷ୍ଠା ୭

# ଯଦି କେନ୍ଦ୍ରରେ ସରକାର ଆସେ ପଛୁଆ ରାଜ୍ୟକୁ ମିଳିବ ସ୍ୱତନ୍ତ୍ର ପାହ୍ୟା : ନୀତୀଶ କୁମାର

ନୂଆଦିଲ୍ଲୀ, ୧୫/୦୯ : ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଲେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। କେନ୍ଦ୍ରରେ ବିଜେପି ହଟାଅ ଅଭିଯାନରେ ବାହାରିଥିବା ନୀତୀଶ କୁମାର କହିଛନ୍ତି ଯେ, ଯଦି ୨୪ରେ କେନ୍ଦ୍ରରେ ଅଣରାଜନୈତିକ ସରକାର ଗଠନ ହୁଏ ତେବେ ପଛୁଆ ବର୍ଗ ରାଜ୍ୟ ଗୁଡ଼ିକୁ ସ୍ୱତନ୍ତ୍ର ମାନ୍ୟତା ମିଳିବ। ଆଜି ନୀତୀଶ କହିଛନ୍ତି ଯେ, ଯଦି ଆମେ ସରକାର ଗଠନ କରିବାକୁ ସୁଯୋଗ ପାଉ ପଛୁଆ ବର୍ଗ ରାଜ୍ୟ ଗୁଡ଼ିକୁ ନିଶ୍ଚିତ ସ୍ୱତନ୍ତ୍ର ମାନ୍ୟତା ଦେବୁ। ସେ କହିଛନ୍ତି ଯେ,ମୁଁ କେବଳ ବିହାର କଥା କହୁ ନାହିଁ।



ଅନ୍ୟ ରାଜ୍ୟ କଥା ବି କହୁଛି। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ଆଜି ନୀତୀଶ ଏହା କହିଛନ୍ତି। ନିକଟରେ ବିରୋଧୀଙ୍କୁ ଏକାଠି ଲାଗି ନୀତୀଶ କୁମାର ଦିଲ୍ଲୀ ଗସ୍ତ କରିଥିଲେ। ଏହି ସମୟରେ ଅନେକ ବିରୋଧୀ ଦଳ ନେତାଙ୍କୁ ଭେଟି ୨୪ରେ ବିଜେପିକୁ ଚେକ୍ ଦେବାକୁ ଆଲୋଚନା କରିଥିଲେ। ଗତ ମାସରେ ବିହାରରେ ବିଜେପି ସହ ସମ୍ପର୍କ ତୁଟାଇ ଆରଜେଡି ଓ କଂଗ୍ରେସ ମିଶି ମହାମେଣ୍ଟ ସରକାର ଗଠନ କରଇନ୍ତି ନୀତୀଶ । ୨୦୦୭ରୁ ନୀତୀଶ କୁମାର ବିହାର ପାଇଁ ସ୍ୱତନ୍ତ୍ର ମାନ୍ୟତା ଦାବି କରି ଆସୁଛନ୍ତି। ଏବେ ଜେଡିୟୁ ପକ୍ଷରୁ ଅତି ଚତୁରତାର ସହ ଏହି ପ୍ରସଙ୍ଗକୁ ଉଠାଇ ଦଳ ବିଜେପି ପରେ ଚାପ ସୃଷ୍ଟି କରିବାକୁ ପ୍ରୟାସ କରଇଛି। ଯଦି ବିହାରକୁ ସ୍ୱତନ୍ତ୍ର ମାନ୍ୟତା ମିଳେ କେନ୍ଦ୍ର ଏବଂ ରାଜ୍ୟର ପାଣ୍ଠି ୯୦: ୧୦ ରହିବ। ଅନ୍ୟ ରାଜ୍ୟ ଅପେକ୍ଷା ସ୍ୱତନ୍ତ୍ର ମାନ୍ୟ ରାଜ୍ୟ ଗୁଡ଼ିକୁ ଅଧିକ ପାଣ୍ଠି ମିଳିବ। ଏବେ ଦେଶରେ ଏବେ ଦେଶରେ ୧୧ଟି ସ୍ୱତନ୍ତ୍ର ମାନ୍ୟତା ▶▶ପୃଷ୍ଠା ୭

## ୩ ଦିନ ଯାଏଁ ଉପକୂଳରେ ଲାଗି ରହିବ ଗୁଳୁଗୁଳି

ଭୁବନେଶ୍ୱର, ୧୫/୦୯ (ନି.ପ୍ର): ନିଷ୍କ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ଆଗାମୀ ୨ ରୁ ୩ ଦିନ ଯାଏଁ ଗୁଳୁଗୁଳି ସମ୍ଭାବନା ରହିଛି । ଆଗାମୀ ୨ରୁ ୩ ଦିନ ଯାଏଁ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିବା ସହ ବିଶେଷ ବର୍ଷା ସମ୍ଭାବନା ନଥିବାରୁ ଆକାଶ ପ୍ରାୟ ମେଘମୁକ୍ତ ରହିବ। ଯାହାର ପ୍ରଭାବରେ ଦିନ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ବୃଦ୍ଧି ଏବଂ ବାୟୁମଣ୍ଡଳର ଉଚ୍ଚ ଆର୍ଦ୍ରତା ପ୍ରଭାବରେ ଉପକୂଳ ଓଡ଼ିଶା ସମେତ ପାର୍ଶ୍ୱବର୍ତ୍ତି ଅଂଚଳରେ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ମୟୂରଭଂଜ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର , ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେବଜ୍ରପାତ ସହ ସହ ବର୍ଷା ହୋଇପାରେ।

# ବିଜେପିର ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପୁରୀ/ଭୁବନେଶ୍ୱର,୧୫/୦୯ (ନି.ପ୍ର): ରାଜ୍ୟରେ ଛିଣ୍ଡୁଥିବା ଦଳ ହେଉଛି ବିଜେଡି ଏବଂ ବଢୁଥିବା ଦଳ ହେଉଛି ବିଜେପି। ୨୦୨୪ ମସିହାରେ ଓଡ଼ିଶାରେ ଶାସନ କ୍ଷମତାକୁ ଆସିବ ବିଜେପି। ଏଥିପାଇଁ ଖସଡା ପ୍ରସ୍ତୁତ ହୋଇଛି ଏବଂ ସମସ୍ତ କାର୍ଯ୍ୟକର୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୋଦି ସରକାରଙ୍କ ଗତ ୮ବର୍ଷ ଶାସନରେ ସମସ୍ତ ଜନକଲ୍ୟାଣକାରୀ ଯୋଜନାର ସୁଫଳକୁ ଲୋକଙ୍କ ପାଖରେ ପହଂଚାଇବା ସହିତ ଦୀର୍ଘ ୨୩ବର୍ଷ ଧରି ନିରୁଙ୍କଶ ଶାସନ କ୍ଷମତାରେ ଥିବା ଶାସକ ବିଜେଡିର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଆଗାମୀ ଦିନରେ ଆନ୍ଦୋଳନ ଓ ଅଭିଯାନକୁ



ଆହୁରି ଅଧିକ ଶାଣିତ କରାଯିବ। ବୁଥ୍ ସ୍ତରରେ ସଂଗଠନକୁ ଅଧିକ ସଶକ୍ତ କରି ଆଗାମୀ ନିର୍ବାଚନରେ ବିଜେପିର ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି। ପୁରୀଠାରେ ଗତ ୧୩ ତାରିଖଠାରୁ ଆରମ୍ଭ ହୋଇଥିବା ତିନି ଦିନିଆ ପ୍ରାଦେଶିକ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ୧୫ଟି ସତ୍ର ବିଶିଷ୍ଟ ଏହି ପ୍ରଶିକ୍ଷଣ ଶିବିରରେ ଆଜି ୪ଟି ସତ୍ର ଅନୁଷ୍ଠିତ ହୋଇଥିଲା। ▶▶ପୃଷ୍ଠା ୭

## ନକଲି ମେଡିସିନ ବିକ୍ରି ମାମଲା : ୨ ଦିନିଆ ରିମାଣ୍ଡରେ ୨ ଅଭିଯୁକ୍ତ

ଭୁବନେଶ୍ୱର, ୧୫/୦୯ (ନି.ପ୍ର): କଟକରେ ନକଲି ମେଡିସିନ ବିକ୍ରି ପ୍ରସଙ୍ଗରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇଛି କମିଶନରେଟ ପୋଲିସ। ଅଭିଯୁକ୍ତ ମାନଙ୍କୁ ପାଂଚ ଦିନିଆ ରିମାଣ୍ଡରେ ନେବାକୁ ପୁରୀଘାଟ ଥାନା ଆବେଦନ କରିଥିଲା ବେଳେ ଗୁରୁବାରଠୁ ଦୁଇଦିନିଆ ରିମାଣ୍ଡ ଲାଗି ଅନୁମତି ଦେଇଛନ୍ତି କଟକ ଏସଡିଜେଏମ୍ କୋର୍ଟ। ଏହାସହ ଦୁଇ ଅଭିଯୁକ୍ତଙ୍କ ୨ଟି ଆକାଉଂଟରୁ ୨୮ ଲକ୍ଷ ଟଙ୍କାକୁ ଫ୍ରିଜ କରିଛି ପୋଲିସ। ଦୁଇ ଅଭିଯୁକ୍ତ ହେଲେ ଭି.ଆର ଡ୍ରଗ ଏଜେନ୍ସିର ମାଲିକ ରାହୁଲ କ୍ୟାଲ୍ ଓ ପୂଜା ଏଂଟରପ୍ରାଇଜରସ୍ ମାଲିକ ସଞ୍ଜୟ ଜଲାନ । ଅନ୍ୟପକ୍ଷରେ ନକଲି ମେଡିସିନ୍‌ର ଲିଙ୍କ୍ ନେଇ ଓଡିଶା ବାହାରକୁ ମଧ୍ୟ ପୋଲିସ୍ ଯାଇପାରେ ବୋଲି ସୂଚନା ଦେଇଛନ୍ତି କଟକ ଡିସିପି ପିନାକ ମିଶ୍ର।

## ସାର୍ଟିଫିକେଟ୍ ପାଇଁ ଛାତ୍ରଛାତ୍ରୀଙ୍କୁ ଡାକୁଛି ୟୁକ୍ରେନ୍

ନୂଆଦିଲ୍ଲୀ, ୧୫/୦୯ : ଯୁଦ୍ଧତ୍ରସ୍ତ ୟୁକ୍ରେନରୁ ଜୀବନ ବଂଚାଇ ଭାରତ ଫେରିଥିବା ଛାତ୍ରଛାତ୍ରୀଙ୍କ ବଢିଲା ସମସ୍ୟା । ଅରିଜିନାଲ ସାର୍ଟିଫିକେଟ୍ ପାଇଁ ସେମାନଙ୍କୁ ପୁଣି ଯିବାକୁ ପଡିପାରେ ୟୁକ୍ରେନ୍। କାରଣ ସେଠାରେ ଥିବା ୟୁନିଭରସିଟି ଗୁଡିକ ରଖିଛନ୍ତି ଏଭଳି ସର୍ତ୍ତ । ସଫା ସଫା କହିଛନ୍ତି, ସାର୍ଟିଫିକେଟ୍ ଦରକାର ତ ବ୍ୟକ୍ତିଗତ ଭାବେ ଆସିବାକୁ ପଡିବ । ଲାଇବ୍ରେରୀରୁ ନେଇଥିବା ବହି, ହଷ୍ଟେଲ ସାମଗ୍ରୀ ଓ ଡକ୍ୟୁମେଂଟ୍ ଦାଖଲ କଲେ ହିଁ ସାର୍ଟିଫିକେଟ୍ ଦିଆଯିବ। ୟୁନିଭରସିଟିର ଏଭଳି ଘୋଷଣା ଛାତ୍ରଛାତ୍ରୀଙ୍କ ପାଇଁ ଚିନ୍ତା ବଢାଇଛି ।



କାରଣ ସାର୍ଟିଫିକେଟ୍ ନଥିଲେ ଅନ୍ୟ ସ୍ଥାନରେ ଆଡମିଶନ ହେବନି । ଛାତ୍ରଛାତ୍ରୀ କହିଛନ୍ତି, ଭୟଙ୍କର ଯୁଦ୍ଧ ଭିତରେ ଭାରତ ଫେରିବା ବେଳେ ସେମାନେ ହଷ୍ଟେଲରେ ସବୁ କିଛି ଛାଡିଆସିଛନ୍ତି । ବହି, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସବୁକିଛି ହଷ୍ଟେଲରେ ଥିଲା। ଏବେ ଆଣିବେ କେଉଁଠୁ। ତେଣୁ ଅରିଜିନାଲ ସାର୍ଟିଫିକେଟ୍ ପାଇଁ ଶୀଘ୍ର ବ୍ୟବସ୍ଥା କରନ୍ତୁ ସରକାର। ୟୁକ୍ରେନ୍ ପଶ୍ଚିମାଂଚଳରେ ଥିବା ଉଝୋର୍ଦ୍ଦ ▶▶ପୃଷ୍ଠା ୭

## ଓଟିଏମ୍ ପୁନରୁଦ୍ଧାର ପାଇଁ ୧୧୫ କୋଟି ଟଙ୍କା ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୫/୦୯ (ନି.ପ୍ର): ଓଟିଏମ୍ ପୁନରୁଦ୍ଧାର ପାଇଁ ୧୧୫ କୋଟି ଟଙ୍କା ଦାଖଲ କରିବେ ରାଜ୍ୟ ସରକାର। ଅଫିସିଆଲ ଲିକୁଡେଟରଙ୍କ ନିକଟରେ ୩୦ ଦିନ ମଧ୍ୟରେ ଏହି ଟଙ୍କା ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେହିପରି କ୍ୱାର୍ଟରଗୁଡିକରେ ବିଦ୍ୟୁତ ସଂଯୋଗ ପ୍ରସଙ୍ଗକୁ ନେଇ ଉଚ୍ଚ ନ୍ୟାୟାଳୟରେ ଶୁଣାଣି ହୋଇଥିଲା। ଅଫିସିଆଲ ଲିକ୍ୟୁଡେଟର କର୍ମଚାରୀଙ୍କ କଥା ଶୁଣୁନଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ। କ୍ୱାର୍ଟରଗୁଡିକରେ ବିଦ୍ୟୁତ ସଂଯୋଗ ନେଇ କର୍ମଚାରୀଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଅଫିସିଆଲ ଲିକ୍ୟୁଡେଟରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ▶▶ପୃଷ୍ଠା ୭

# ଅକ୍ଟୋବର ୧ରୁ ଗାଡିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ଯାଂଚ କଡାକଡି

ଭୁବନେଶ୍ୱର,୧୫/୦୯ (ନି.ପ୍ର): ଆସନ୍ତା ଅକ୍ଟୋବର ୧ ରୁ ଗାଡିରେ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ଯାଂଚ କଡାକଡି ହେବ । ଏ ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ତରଫରୁ ସୂଚନା ଦିଆଯାଇଛି । ଏପ୍ରିଲ ୦୧, ୨୦୧୯ ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଗାଡ଼ି ଗୁଡ଼ିକ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ନ ଲଗେଇଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ୫ ହଜାର ରୁ ୧୦ ହଜାର ଟଙ୍କାର ଜୋରିମାନା ମଧ୍ୟ ଆଦାୟ କରାଯିବ । ଚଳିତ ମାସ ୩୦ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଯାଇ ଏପ୍ରିଲ ୦୧, ୨୦୧୯ ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଗାଡ଼ି ଗୁଡ଼ିକୁ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ଲଗେଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଯେଉଁମାନଙ୍କ ଗାଡିର ଶେଷ ନମ୍ବର ୧,୨,୩ କିମ୍ବା ୪ ସେମାନଙ୍କ ପାଇଁ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ୍ ଲଗାଇବାର ଶେଷ ତାରିଖ ୩୦ ସେପ୍ଟେମ୍ବର ରହିଛି। ୨୦୧୯ ଏପ୍ରିଲ ୧ତାରିଖ ପୂର୍ବରୁ ପଞ୍ଜିକୃତ ଗାଡ଼ି ପାଇଁ ଗତ ଜୁନ ପହିଲାରୁ ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ବାଧ୍ୟତାମୂଳକ କରାଯାଇଛି । ଯେଉଁମାନଙ୍କର ଗାଡ଼ି ନମ୍ବରର ଶେଷ ଅଙ୍କ ୫ ଓ ୬ ରହିଛି ସେମାନଙ୍କ ପାଇଁ ଶେଷ ସୀମା ରହିଛି ଅକ୍ଟୋବର ୩୧ । ଏହାଛଡ଼ା ଶେଷରେ ୭ ଓ ୮ଅଙ୍କ ରହିଥିଲେ ନଭେମ୍ବର ୩୦ ଓ ୯ ଏବଂ ୦ ରହିଥିଲେ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ନମ୍ବର ପ୍ଲେଟ ବଦଳାଇବାର ଅବଧି ରହିଛି।

## ସର୍ବସାଧାରଣ ସ୍ଥାନରେ ମୋବାଇଲ୍ ଚାର୍ଜ ନକରିବାକୁ ପରାମର୍ଶ

ଭୁବନେଶ୍ୱର, ୧୫/୦୯ (ନି.ପ୍ର): ସର୍ବସାଧାରଣ ସ୍ଥାନରେ ମୋବାଇଲ୍ ଚାର୍ଜ ନକରିବାକୁ ପରାମର୍ଶ ଦେଇଛି ଓଡିଶା ପୋଲିସ୍ । ରାଜ୍ୟରେ ସାଇବର ଠକେଇ ବଢୁଥିବାରୁ ସତର୍କ ରହିବାକୁ କହିଛି ପୋଲିସ୍ । ସର୍ବସାଧାରଣ ସ୍ଥାନରେ ଥିବା ଚାର୍ଜିଂ ପଏଂଟରେ, ଷ୍ଟେସନ କିମ୍ବା ୟୁଏସବି ପାୱାର ଷ୍ଟେସନରେ ମୋବଇଲ ଚାର୍ଜ ନକରିବାକୁ ଟ୍ୱିଟ କରି ସର୍ତକ କରାଇଛି ଓଡ଼ିଶା ପୋଲିସ। ଏମିତି ଚାର୍ଜ କରିବା ଦ୍ୱାରା ସାଇବର ଠକ ମୋବାଇଲରୁ ବ୍ୟକ୍ତିଗତ ଡାଟା ଚୋରି କରି ନେଇଯିବା ସମ୍ଭାବନା ରହିଛି। ମୋବାଇଲରେ ନିଷିଦ୍ଧ ଆପ୍ ଇନଷ୍ଟଲ କରି ସାଇବର ଠକ ସବୁ ଡାଟା ନେଇଯାଇପାରନ୍ତି ବୋଲି ଓଡ଼ିଶା ପୋଲିସ କହିଛି ।

# ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ପରଲୋକ

ବାଲେଶ୍ୱର,୧୫/୦୯ (ନି.ପ୍ର): ବାଲେଶ୍ୱର ବିଶିଷ୍ଟ ରାଜନେତା ତଥା ପୂର୍ବତନ ସଦର ବିଧାୟକ ଗୋପନାରାୟଣ ଦାସ ଆକଳ ବିୟୋଗକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବୁଧବାର ରାତିରେ ତାଙ୍କୁ ବ୍ରେନ ଷ୍ଟ୍ରୋକ ହେବାରୁ ପରିବାର ଲୋକେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ତାଙ୍କୁ ଭୁବନେଶ୍ୱରର ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଭୁବନେଶ୍ୱର ଯିବା ବାଟରେ ରାତି ପ୍ରାୟ ୩ଟା ୪୫ ମିନିଟରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ବର୍ଷ ହୋଇଥିଲା। ତାଙ୍କର ଦେହାନ୍ତ ଖବର ପ୍ରଚାର ହୋଇଯିବା ପରେ ଜ୍ଞାତି, କୁଟୁମ୍ବ, ସମ୍ପର୍କୀୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଗୋପାଳଗାଁ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଓ ପୌରାଧ୍ୟକ୍ଷା ସବିତା ସାହୁ, ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି, ଜିଲା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁଦର୍ଶନ ଜେନା, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ସୁଦର୍ଶନ ଦାସ, ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ, ଶିଳ୍ପୋଦ୍ୟାଗୀ ସଂଜୟ ଦାସ, ସଂଗ୍ରାମ ଦାସ, ଅଞ୍ଜଳି ପଣ୍ଡା, ଲକ୍ଷ୍ମୀନାରାୟଣ ମହାନ୍ତି, ଯଶୋଧରା ଦାସ, କିଶୋର ଦାସ, ଅର୍ଚ୍ଚନା ନନ୍ଦୀ, ସାହିରୁଲ ହକ, ବିଜୟ ପାଣିଗ୍ରାହୀ, ଦୁକୁଲ ଘଡ଼େଇ, ଉଜ୍ଜ୍ୱଳ ଚନ୍ଦ୍ର କର, ଭାଗୀରଥୀ ପଣ୍ଡା, ସୁଜିତ ଦେବ, ଗୌରାଙ୍ଗ ଦାସ, ଚିତ୍ତରଂଜନ ପଣ୍ଡା, ଅରୁଣ ଚାଟାର୍ଜୀ, ମିହିର ମହାପାତ୍ର, ଗିରିଜା ଶଙ୍କର ଦାସ, ଅନୁପ ଚାଟାର୍ଜୀ, ନରେନ୍ଦ୍ର ବିହାରୀ ଦାସ,



ସନ୍ତୋଷ ଦାସ, ଡାକ୍ତର ଶାନ୍ତନୁ ଦାସ, ଭାଗବତ ସାହୁ, ସତ୍ୟଶିବ ସୁନ୍ଦର ଦାଶ, ଅଭୟ ମହାପାତ୍ର, ଡ. ଶ୍ରୀମାନ ଶ୍ରୀଚନ୍ଦନ, ମନୋଜ ରାଉତ, ଶୁଭେନ୍ଦୁ ମଙ୍ଗରାଜ, ସାଗର ଦାସ, ଜୟ ପ୍ରକାଶ ଦାଶ, ମାଧବାନନ୍ଦ ମିଶ୍ର ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗୋପାଳଗାଁ ବାସଭବନରେ ପହଞ୍ଚି ମର ଶରୀରରେ ପୁଷ୍ପ ଅର୍ପଣ ପୂର୍ବକ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ପରିବାର ବର୍ଗଙ୍କୁ ସମସ୍ତେ ସମବେଦନା ଜଣାଇଥିଲେ। ଏମିତିକି ସ୍ଥାନୀୟ ସେହିଭଳି ସାବିତ୍ରୀ ନୋଡାଲ ହାଇସ୍କୁଲର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୃତ ଶରରୀର ନିକଟରେ ତାଙ୍କ ସହଧର୍ମଣୀଙ୍କ ସମେତ ଦୁଇପୁତ୍ର ଓ ପୁତ୍ରବୋଧୂ, ପୁତୁରା ଓ ପୁତୁରାବୋହୂ, ନାତିନାତୁଣୀମାନେ ଉପସ୍ଥିତ ଥିଲେ। ଏକମାତ୍ର କନ୍ୟା ବିଦେଶରୁ ପହଞ୍ଚିବା ପରେ ଶୁକ୍ରବାର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସମାଜସେବୀ ସତ୍ୟନାରାୟଣ ଦାସଙ୍କ କନିଷ୍ଠପୁତ୍ର ଗୋପ ନାରାୟଣ ଦାସ ଉଚ୍ଚଶିକ୍ଷା ଗ୍ରହଣ ପରେ ଚାକିରି କରିବା ପରିବର୍ତ୍ତେ ରାଜନୀତି ତଥା ସମାଜସେବା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ୧୯୭୩ ମସିହାରେ ୱାର୍ଡ଼ କାଉନସିଲରରୁ ରାଜନୀତି ଜୀବନ ଆରମ୍ଭ କରିଥିଲେ ସେ। ୧୯୮୦ରୁ ୧୯୮୫ ପର୍ଯ୍ୟନ୍ତ ସଦର ବ୍ଲକର ଚେୟାରମ୍ୟାନ ଓ ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ସଦର ବିଧାୟକ ଭାବେ ସେ ଥିଲେ। ପରେ ୧୯୯୬ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ ଭାବେ ସେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ପ୍ରଚେଷ୍ଟାରେ ବାଲେଶ୍ୱରରେ ଶଙ୍ଖାୟନ କ୍ଷେତ୍ରରେ ସେତେବେଳେ ଆଶାତୀତ ବିକାଶ ଘଟିଥିଲା। ବିଧାୟକ ଥିବା ବେଳେ ବୁଢ଼ାବଳଙ୍ଗ ନଦୀର ପୋଲ ନିର୍ମାଣ ପାଇଁ ସେ ଉଦ୍ୟମ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଆଣି ପୋଲର ଶିଳାନ୍ୟାସ କରିଥିଲେ। ଜଣେ ରାଜନୀତିଜ୍ଞ, ସମାଜସେବୀ, ତଥା ଅନୁଷ୍ଠାନପ୍ରେମୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

## ମର୍ମନ୍ତୁଦ ଦୁର୍ଘଟଣା: ବସ୍ ଖସି ୫ ମୃତ, ୧୨ ଆହତ

ଶ୍ରୀନଗର, ୧୫/୦୯ (ନି.ପ୍ର): ଜମ୍ମୁ-କାଶ୍ମୀରରେ ଆଉ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ରଜୌରୀରେ ଏକ ବସ୍ ଖାତକୁ ଖସି ୫ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି। ଖବର ପାଇ ସେନା, ପୁଲିସ ଓ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି । ଘଟଣା ସ୍ଥଳରୁ ଏଯାଏଁ ୫ ମୃତ ଦେହ ଉଦ୍ଧାର କରାଯାଇଛି। ଆହତମାନଙ୍କୁ ରଜୌରି ସରକାରୀ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ବସ୍‌ଟି ବସ୍ ସାୱ୍‌ଜିଆନରୁ ମାଣ୍ଡି ଅଭିମୁଖେ ଯାଉଥିବା ଜଣାପଡିଛି। ତେବେ କେଉଁ କାରଣରୁ ଏହି ଦୁର୍ଘଟଣା ଘଟିଛି ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଗତକାଲି ଜମ୍ମୁ-କାଶ୍ମୀରର ପୁଞ୍ଛ ଜିଲାରେ ବଡ ଧରଣର ଏକ ସଡକ ଦୁର୍ଘଟଣା ଘଟିଥିଲା। ଜିଲାର ମଣ୍ଡି ତହସିଲରେ ଭାରତ-ପାକିସ୍ତାନ ନିୟନ୍ତ୍ରଣ ରେଖା ନିକଟରେ ଏକ ଯାତ୍ରୀବାହୀ ବସ ଖାତକୁ ଖସିପଡ଼ିଥିଲା। ଏଥିରେ ପ୍ରାୟ ୧୧ ଜଣ ପ୍ରାଣ ହରାଇଥିଲେ। ଏଥିସହ ୨୦ ରୁ ଅଧିକ ଆହତ ମଧ ହୋଇଥିଲେ ।ସମସ୍ତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣା ବିଷୟରେ ଖବର ପାଇ ସେନା ଓ ପୁଲିସର ଯବାନମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

# ମାଲକାନଗିରି ଜିଲ୍ଲାରେ ଡେ଼ଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି

ମାଲକାନଗିରି ,୧୫/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲାର ପିଛା ଛାଡୁନି ରୋଗ ଆତଙ୍କ। ଗୋଟିଏ ପଟେ ଅଜଣା ରୋଗ ଆତଙ୍କରେ ଲୋକେ କଲବଲ ହେଉଥିବା ବେଳେ ଅନ୍ୟପଟେ ଡରାଉଛି ଡେଙ୍ଗୁ। କ୍ରମଶ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣକୁ ଆଣିବା ପ୍ରଶାସନ ଆଗରେ ଚ୍ୟାଲେଞ୍ଜ ଭାବେ ଛିଡ଼ା ହୋଇଛି। ମାସେରୁ ଅଧିକ ସମୟ ହେବ ମାଲକାନଗିରି ଜିଲ୍ଲାରେ ଚିହ୍ନଟ ହେଉଛନ୍ତି ଡେ଼ଙ୍ଗୁ ରୋଗୀ। ଗତ ମାସରେ ୩୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଚଳିତ ମାସରେ ଏପର୍ଯ୍ୟନ୍ତ ୬୨ଜଣ ରୋଗୀ ଚିହ୍ନଟ ହୋଇ ସାରିଲେଣି ।ଏହା ଧୀରେ ଧୀରେ ନିୟନ୍ତ୍ରଣକୁ ଆସିବା ପରିବର୍ତ୍ତେ ପ୍ରତି ମାସରେ ଏହି ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲ୍ଲାର ଚିତ୍ରକୋଣ୍ଡା, କାଲିମେଳା, ମାଲକାନଗିରି ଓ ବାଲିମେଳା ଏନଏସିରୁ ଅଧିକ ରୋଗୀ ଚିହ୍ନଟ ହେଉଛନ୍ତି। ଏହାବାଦ ଅନ୍ୟ ସବୁ ବ୍ଲକ ଓ ସଦର ମହକୁମାରେ ବି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଡେଙ୍ଗୁ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ମାଲକାନଗିରି ସଦର ମହକୁମାରେ ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡ କରାଯାଇଛି । କିନ୍ତୁ, ଡେ଼ଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଅନେକ ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ଗୁରୁତରମାନଙ୍କୁ ତୁରନ୍ତ କୋରାପୁଟ ସ୍ଥାନାନ୍ତର କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମାଲକାନଗିରିରେ ଡେଙ୍ଗୁ ବ୍ୟାପୁଥିବା ସ୍ୱୀକାର କରିବା ସହ ଭୟଭୀତ ନେହେବାକୁ ପରାମର୍ଶ ଦେଇଛନ୍ତି ।ଏଥିସହ ସ୍ଥିତି ନିୟନ୍ତ୍ରଣରେ ଥିବା କହିଛନ୍ତି। ତେବେ ଆକ୍ରାନ୍ତଙ୍କ ସଂଖ୍ୟା ଉପରମୁହାଁ ଥିବାବେଳେ ସ୍ଥିତି କିପରି ନିୟନ୍ତ୍ରଣକୁ ଆସିଲା ତାକୁ ନେଇ ଉଠିଛି ପ୍ରଶ୍ନ। ସୂଚନାଯୋଗ୍ୟ, ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ହଳଦୀକୁଣ୍ଡ ଅଂଚଳରେ ଅଜଣା ରୋଗରେ ୮ ଜଣଙ୍କ ଜୀବନ ଗଲାଣି । ଏଣେ ଡେଙ୍ଗୁ ଦାଉ ସାଧୁଥିବାରୁ ଆତଙ୍କିତ ଅବସ୍ଥାରେ ଅଛନ୍ତି ଜିଲ୍ଲାବାସୀ। ଏନେଇ ମାଲକାନଗିରି ସିଡିଏମଓ ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି, ଜିଲ୍ଲାରେ ଏଯାଏ ସମୁଦାୟ ୨୦୫ କେସ୍ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୩୦ଟି ଆକ୍ଟିଭ ଅଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୭ ଜଣଙ୍କୁ ଆଡମିଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୧୩ ଜଣ ପଜିଟିଭ ଅଛନ୍ତି। ଘର ଘର ବୁଲି ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ଡେ଼ଙ୍ଗୁ ମୁଖ୍ୟତଃ ଜିଲ୍ଲାର ସହରାଂଚଳରେ ବ୍ୟାପୁଥିବାରୁ ମ୍ୟୁନିସିପାଲିଟି ଓ ଏନଏସି ପକ୍ଷରୁ ନାଳ, ନର୍ଦ୍ଦମା ସଫା କରାଯାଉଛି।

# କୋରାପୁଟ ମାଟିରେ ବିଦେଶୀ ଫଳ

ଜୟପୁର,୧୫/୦୯ (ନି.ପ୍ର): କୋରାପୁଟ ମାଟିରେ ଚାଷ କରି ନିଜର କମାଲ ଦେଖାଇଛନ୍ତି ଛତିଶଗଡ଼ ର ଦୁଇ ଚାଷୀ। ନିଜର ଦୃଢ ଇଚ୍ଛା ଶକ୍ତି ସାଙ୍ଗକୁ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ।ଫଳ ସ୍ୱରୂପ କୋରାପୁଟ ମାଟି ରେ ମହକୁଛି ବିଦେଶୀ ଫଳ। ତାଙ୍କ ଫର୍ମ ହାଉସ ରେ ଫଳୁଛି ଡ୍ରାଗୋନ ଓ ପିଜୁଳି ଭଳି ବିଦେଶୀ ଫଳ। ବିଦେଶୀ ଫଳ କୁ ଦେଖିବା ଏବଂ କିଣିବା ପାଇଁ ତାଙ୍କ ଫର୍ମ ହାଉସ ରେ ଲାଗୁଛି ଭିଡ। ବିଦେଶୀ ଫଳ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନେକ ଲୋକଙ୍କ ସ୍ୱାବଲମ୍ବୀ କରିଛନ୍ତି ଯାହାକି ଓଡ଼ିଶା ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। - କୋରାପୁଟ ମାଟିରେ ଛତିଶଗଡ଼ ଚାଷୀ ଙ୍କ କମାଲ ।ତାଙ୍କ ଫର୍ମା ହାଉସ ରେ ଫୋଳୁଛି ବିଦେଶୀ ଫଳ। ବୋରିଗୁମ୍ମା ଆଉଲି ଠାରେ ତାଙ୍କର ଫାର୍ମ ହାଉସ ।୧୧୨ ଏକାର ରେ ତାଙ୍କର ଫାର୍ମ ହାଉସ ।୧୨ ଏକର ରେ ଡ୍ରାଗନ ଫଳ ଏବଂ ୫୨ଏକର ରେ ଉନ୍ନତ ମାନର ପିଜୁଳି ଚାଷ ହୋଇଛି ।ବିଦେଶୀ ଡ୍ରାଗନ ଫଳ ଦେଖିଭାକୁ ଯେତିକି ସୁନ୍ଦର ସେତିକି ସ୍ୱାଦ ବି ରହିଛି। ବୋରିଗୁମ୍ମା ବ୍ଲକ ଆଉଁଲି ଗ୍ରାମରେ ଛତିଶଗଡ଼ ର ହସମୁଖ ଲାଲ ଚୌଡା ଏବଂ ଅରୁଣ ତ୍ରିପାଠୀ ଦୁଇ ଜଣ ବ୍ୟକ୍ତି ଏକ ଫାର୍ମ ନିର୍ମାଣ କରି ଛନ୍ତି। ୧୨ ଏକର ଜମିରେ ଡ୍ରାଗନ ଫଳିଛି ।ସେହିପରି ହାଇବ୍ରିଡ଼ ପିଜୁଳି ୫୨ ଏକର ଜମିରେ ୨୪୫୦୦ ଗୋଟି ଗଛ ଲଗାଯାଇଛି ପିଜୁଳି ମଧ ଦେଖିବାକୁ ସୁନ୍ଦର ଓ ସ୍ୱାଦ ବି ନିଆରା ।ଡ୍ରାଗନ ଫଳ ଏବଂ ପିଜୁଳି ରାଜ୍ୟ ତଥା ରାଜ୍ୟ ବାହାର କଲିକତା ମାଡ୍ରାସ ମୁମ୍ବାଇ ଭଳି ରାଜ୍ୟକୁ ରପ୍ତାନି ହେଉଛି। ଛତିଶଗଡ଼ ର ଏହି ଦୁଇ ଚାଷୀ ନିଜେ ସଫଳ ହେବା ଓଡ଼ିଶାର ଚାଷୀ ଙ୍କ ପାଇଁ ଉଦାହରଣ ସାଜିଛନ୍ତି। ବର୍ଷ ବର୍ଷ ଧରି ଆଖପାଖ ଅଞ୍ଚଳର ୧୮୦ ଜଣ ଦିନ ମଜୁରିଆଙ୍କୁ କାମ ଯୋଗାଇ ଆସୁଛନ୍ତି । ଗ୍ରାମରେ ବାଲାଜୀ କୃଷି ଫାର୍ମ ନିର୍ମାଣ ହେବା ପରେ ପ୍ରଥମେ ୫୨ ଏକାର ରେ ମରିଚ ଚାଷ ଏବଂ ୭୫ ଏକର ରେ ଟମାଟ ଚାଷ କରି ଲକ୍ଷାଧିକ ଟଙ୍କା ଲାଭବାନ ହୋଇଛନ୍ତି ଏହି ଦୁଇ ଚାଷୀ।ଫାର୍ମ ମାଲିକ ମଧ ଡ୍ରାଗନ ଫଳ ଏବଂ ପିଜୁଳି ବାହାର ରାଜ୍ୟକୁ ରପ୍ତାନି କରି ଅଧିକ ଟଙ୍କା ରୋଜଗାର କରି ପାରୁଛନ୍ତି। ଆଗକୁ କାଲେରା ଚାଷ ପାଇଁ ଲକ୍ଷ ଥିବା ବେଳେ ଏଥି ପାଇଁ ଚାଷ ଜମି କୁ ପ୍ରସ୍ତୁତି କରାଯାଉଛି। ଆଉଁଳି ଗ୍ରାମରେ ଏଭଳି କୃଷି ଫାର୍ମ ନିର୍ମାଣ ଏବଂ ବିଦେଶୀ ଫଳ ଫୋଳୁ ଥିବା ଯୋଗୁଁ ଗ୍ରାମବାସୀ ଖୁସି ପ୍ରକଟ କରିଛନ୍ତି ଥିବା ବେଳେ ଶ୍ରମିକ ମାନେ ଦୁଇପଇସା ରୋଜଗାର ହେଇଉଥିବା କହିଛନ୍ତି।

କୋରାପୁଟ ମାଟିରେ ବିଦେଶୀ ଫଳ ଉତ୍ପାଦନ କରି ସମସ୍ତ ଚାଷୀଙ୍କ ପାଇଁ ଉଦାହରଣ ପାଲଟିଥିବା ବେଳେ ପ୍ରଶାସନ ମଧ ଅନ୍ୟ ଚାଷୀକୁ ଏପରି ଚାଷ କରିବାକୁ ସେଚେତନ୍ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଦୈନିକ ବଜାରର ପିଣ୍ଡି ଉଦ୍‌ଘାଟନ କଲେ ବିଧାୟକ

ଜୟପୁର ,୧୫/୦୯ (ନି.ପ୍ର): ଜୟପୁର ଦୈନିକ ବଜାରରେ ପିଣ୍ଡି ଉଦଘାଟନ କଲେ ବିଧାୟକ ତାରା ପ୍ରାସଦ ବାହିନିପତି। ଗତ କିଛି ମାସ ତଳେ ଦୈନିକ ବଜାରରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କର ସାମଗ୍ରୀ ପୋଡି ଯାଇଥିଲା । ଘଟଣା ଘଟିବା ପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବଜାର କୁ ଦୈନିକ ବଜାର ପିଣ୍ଡି ତୁରନ୍ତ ନିର୍ମାଣ କରିବାକୁ ପୌର ପାଳିକାକୁ ନିଦ୍ଦେଷ ଦେଇଥିଲେ । ଏନେଇ ପୌର ପାଳିକା ତରଫରୁ ୪ଟି ପିଣ୍ଡି ନିର୍ମାଣ କରାଯାଇଛି । ୪ଟି ପିଣ୍ଡିରେ ୪୫ ଜଣ ବ୍ୟବସାୟି ବସି ବ୍ୟବସାୟି କରିପାରିବେ । ଏହା ବଜାର ପରିସରରେ ଏକ ଏସବିଆଇ ଏଟିମକୁ ମଧ ଉଦଘାଟନ କରାଯାଇଛି । ଏହି କାଯ୍ୟକ୍ରମରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ,ଏସଡିପିଓ ଅରୁପ ଅଭିଷେକ ବେହେରା , କାଉନସିଲର, ବ୍ୟବସାୟି ମାନେ ଉପସ୍ଥିତ ଥିଲେ ।

## ୧୯ରେ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବେନ୍ଦେର ଗ୍ରାମରେ ପଞ୍ଚାୟତ ଲୋକ ସେବା ଶିବିର

ବଲାଙ୍ଗିର ,୧୫/୦୯ (ନି.ପ୍ର): ସେପଟ୍ମେର ୧୯ ତାରିଖ ପୂର୍ବାହ୍ନ ୮ ଘଟିକା ଠାରୁ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବେନ୍ଦେର ଗ୍ରାମ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ଲୋକ ସେବା ଶିବିର ଅନୁଷ୍ଠିତ ହେବ । ଏହି ପଞ୍ଚାୟତ ଲୋକ ସେବା ଶିବିର ରେ ଜିଲ୍ଲା ର ବିଭିନ୍ନ ବିଭାଗ ପକ୍ଷରୁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ଜନହିତକର ଓ ଲୋକାଭିମୁଖୀ ଯୋଜନା ଗୁଡିକ ସମ୍ପର୍କରେ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀ ଙ୍କୁ ସଚେତନ କରିବାପାଇଁ ବିଭାଗୀୟ ଷ୍ଟଲ ସହ ଯୋଜନା ସମ୍ପର୍କିତ ସୂଚନା ସମ୍ବଳିତ ବ୍ୟାନର ଲଗାଯିବା । ଏତଦବ୍ୟତୀତ ପଞ୍ଚାୟତ ଲୋକ ସେବା ଶିବିରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଭିଡ ଟୀକାକରଣ , ସ୍ୱାସ୍ଥ୍ୟ ପରୀକ୍ଷା , ମାଗଣା ଔଷଧ ବଣ୍ଟନ କରାଯିବ । ସେହିପରି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରାଣୀ ମାନଙ୍କୁ ଟୀକାକରଣ ଓ ଔଷଧ ବଣ୍ଟନ କରାଯିବ। ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଜରିଆରେ ଶ୍ରମ କାର୍ଡ ନିମନ୍ତେ ପଞ୍ଜୀକରଣ ତଥା ନବୀକରଣ , ଶ୍ରମ ବିଭାଗ ର ବିଭିନ୍ନ ଯୋଜନା ସମ୍ପର୍କ ରେ ସଚେତନତା , କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମୃତ୍ତିକା ପରୀକ୍ଷା ,ଲିଫଲେଟ ଓ ବ୍ୟାନର ଜରିଆରେ ଚାଷୀ ମାନଙ୍କୁ ବିଭିନ୍ନ ଯୋଜନା ଓ ବୈଷୟିକ ଜ୍ଞାନ କୌଶଳ ସମ୍ପର୍କରେ ସଚେତନତା , ଉଦ୍ୟାନ କୃଷି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ବାବଦରେ ସଚେତନତା ସହ ଫଳ ଓ ପନିପରିବା ଚାଷ କରିବା ନିମନ୍ତେ ଚାଷୀ ମାନଙ୍କୁ ପରାମର୍ଶ ,ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ନିୟୋଜନ କାର୍ଡ ନିମନ୍ତେ ପଞ୍ଜୀକରଣ , ଦକ୍ଷତା ବିକାଶ ତଥା ନିଯୁକ୍ତି ସୁଯୋଗ ନିମନ୍ତେ ପରାମର୍ଶ , ସାମାଜିକ ସୁରକ୍ଷା ବିଭାଗ ଜରିଆରେ ବିଭିନ୍ନ ଭତ୍ତା ,ଭିନ୍ନକ୍ଷମ ଙ୍କୁ ଡି ଆର ଆଇ ରଣ, ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ପ୍ରୋତ୍ସାହନ, ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୁକନ୍ୟା ସମୃଦ୍ଧି ଯୋଜନା , ଗର୍ଭବତୀ ମହିଳା ଙ୍କ ନିମନ୍ତେ ପୌଷ୍ଟିକ ଆହାର ପ୍ରଦର୍ଶନ , ପୁଷ୍ଟିହୀନ ଶିଶୁ ଚିହ୍ନଟ , ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ତରଫରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିର୍ଶ୍ଚିତ କର୍ମ ନିଯୁକ୍ତି ଯୋଜନା ନିମନ୍ତେ ଜବ କାର୍ଡ ପଞ୍ଜୀକରଣ , ମୋବାଇଲ ଆଧାର ପଞ୍ଜୀକରଣ , ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ବ୍ୟାଙ୍କ ସଂଯୋଗୀକରଣ , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯୋଗ୍ୟ ହିତାଧିକାରୀ ଙ୍କୁ ରାଶନ କାର୍ଡ ମଞ୍ଜୁରୀ , ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ଜରିଆରେ ବୁଣାକାର ମାନଙ୍କୁ ଉପକରଣ ବଣ୍ଟନ ଓ ସଚେତନତା ତଥା ଅନ୍ୟାନ୍ୟ ବିଭାଗ ର ଯୋଜନା ସମ୍ପର୍କରେ ସଚେତନ କରାଯିବ ।

ବେନ୍ଦେର ଗ୍ରାମରେ ଅନୁଷ୍ଠିତ ହେବାକୁଥିବା ଏହି ପଞ୍ଚାୟତ ଲୋକ ସେବା ଶିବିର ରେ ଜିଲ୍ଲାପାଳ ଙ୍କ ସମେତ ବିଭିନ୍ନ ବିଭାଗ ର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେବେ । ଶିବିରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗଦାନ କରି ବିଭିନ୍ନ ଯୋଜନା ଗୁଡିକର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଛି ।

## ଇଫକୋ ପ୍ଲାଂଟର ସମ୍ପ୍ରସାରଣ ନିମନ୍ତେ ପରିବେଶ ସମ୍ବନ୍ଧିତ ଜନଶୁଣାଣୀ

ପାରାଦୀପ ,୧୫/୦୯ (ନି.ପ୍ର): ଆଜି ପାରାଦୀପ ଇଫକୋ ସାରକାରଖାନା ର ସମ୍ପ୍ରସାରଣ ନାନୋ ପ୍ରକଳ୍ପ ସ୍ଥାପନ ପାଇଁ ଏକ ଜନଶୁଣାଣୀ ପାରାଦୀପ ପୌରପାଳିକାର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଜନଶୁଣାଣୀ ରେ ପାରାଦ୍ୱିପ ର ଅତିରିକ୍ତ ଜିଲ୍ଲାପାଳ କାହ୍ନୁ ଚରଣ ଧୀର ସଭାପତିତ୍ୱ କରିଥିଲା ବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ପି ସି ବେହେରା , ପରିବେଶ ଯନ୍ତ୍ରୀ ଶ୍ରୀମତୀ ବିବେଚିତା ଷଡ଼ଙ୍ଗୀ , ମାନବ ସମ୍ବଳ ଜି ଏମ ନାନୋ ପ୍ରକଳ୍ପ ପି ଏସ ନିଲମ୍ବରମ , ପିକେ ପରିଡା ଅଧିକାରୀ ପରିବେଶ ପରିଚାଳକ ଦେବାଶିଷ ମହାନ୍ତି ଓ ଇଫକୋର ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ସହିତ ପାରାଦୀପ ର ଅତିରିକ୍ତ ଏସ ପି ନିମାଇଁ ଚରଣ ସେଠୀ ଓ ଥାନା ଅଧିକାରୀ ଶ୍ରୀମତୀ ଶୁଭଲକ୍ଷ୍ମୀ ଜେନା ଙ୍କ ସହିତ ପ୍ରକଳ୍ପ ସ୍ଥାନ ର ଶହ ଶହ ଲୋକମାନେ ଯୋଗ ଦେଇଥିଲେ । ଏଥିରେ ସ୍ଥାନୀୟ ଲୋକମାନେ ଦାବି କରିଥିଲେ ଯେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଠିକ ଭାବେ ହେଉନି ,କିଛି ଲୋକ କହିଥିଲେ ଯେ ନିଯୁକ୍ତି ସୁଯୋଗ ପାଇଁ ପୂର୍ବରୁ ସରକାର ଓ ପ୍ରଶାସନିକ ଅଧିକାରୀ ମାନେ କହିଥିଲେ କିନ୍ତୁ ଆଜି ତାର ସମାଧାନ ହୋଇନି । ଏହାର ଉତ୍ତରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ କହିଲେ ଯେ ନାନୋ ଏକ ଜୈବିକ ତରଳ ସାର ଯାହାକି ପାର୍ଶ୍ୱ ପରାତ୍ରିକ୍ରିୟା ବିଶେଷ ନାହିଁ । ପ୍ରଚ୍ଛୁ ମାତ୍ରରେ ଜମି ଓ ଶସ୍ୟ ର ଉର୍ବାରତା ପ୍ରଦାନ କରିଥାଏ । ଇଫକୀ ଅଧିକାରୀ ପ୍ରକାଶ କରିଥିଲେ ଯେ ଏହି ନାନୋ ପ୍ରକଳ୍ପ ପାଇଁ ଇଫକ୍ସୋ ର ନିଜସ୍ୱ ଜମି ଅଛି ,କୌଣସି ପ୍ରକାର ଜମି ଅଧିଗ୍ରହଣ ର ଆବଶ୍ୟକତା ନାହିଁ । ଜଣେ କୃଷକ ୪୫ କେଜି ର ଡିଏପି ଓ ୟୁରିଆ ସାର କିଣିଲେ ତାକୁ ଏକ ନାନୋ ର ତରଳ ପଦାର୍ଥ ର ୨୫୦ ଗ୍ରାମ ବୋତଲ ମାଗଣାରେ ଉପଲବ୍ଧ ହେବ ।

## କାନାରା ବ୍ୟାଙ୍କ ଅଧିକାରୀ ଓ ମିଲ ମାଲିକଙ୍କ ମିଳିତ ବୈଠକ

ବଲାଙ୍ଗିର,୧୫/୦୯ (ନି.ପ୍ର): କାନାରା ବ୍ୟାଙ୍କ ଅଧିକାରୀ ଓ ସ୍ଥାନୀୟ ମିଲ ମାଲିକ ଙ୍କ ଏକ ବୈଠକ ସମ୍ବଲପୁର ରୋଡ ସ୍ଥିତ ଜଗନ୍ନାଥ ପେଲେସ ଠାରେ ଅନୁଷ୍ଠିତ ହୋଇଥିଲା । ମଂଚାସିନ ଥିଲେ ମହାପ୍ରବନ୍ଧକ ତଥା ଅଂଚଳ ପ୍ରମୁଖ ବାବୁଲାଲ ମୀନା ଓ ସହାୟକ ମହାପ୍ରବନ୍ଧକ ତଥା କ୍ଷେତ୍ରିୟ ମୁଖ୍ୟ ଅଜିତ କୁମାର ଚୋପଦାର । ଆଜିର ବୈଠକରେ ମିଲ ମାଲିକମାନଙ୍କୁ କିପରି ସୁବିଧାରେ ବ୍ୟାଙ୍କର ନିୟମାନୁଯାୟୀ ଋଣ ଦିଆଯାଇ ପାରିବ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ତଥା ସମସ୍ତଙ୍କୁ ଅବଗତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ ବ୍ୟାଙ୍କର ବ୍ୟାଙ୍କର ଋଣ ପରିଶୋଧ କରି ନ ଥିବା ବ୍ୟକ୍ତିମାନଙ୍କୁ କିପରି ଭାବେ ଏକ କାଳିନ ଋଣ ପରିଶୋଧ କରିବେ ସେ ବିଷୟରେ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା ।

## ଯୁବ ରେଡ଼କ୍ରସ ତରଫରୁ ଅଧିଗ୍ରହଣ କାର୍ଯ୍ୟକ୍ରମ

ମାଲକାନଗିରି ,୧୫/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା କୁଡୁମୁଲୁ ଗୁମ୍ମା ସ୍ଥିତ ଡାରଉଇନ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବରେଡ଼କ୍ରସ ତରଫରୁ ଅଧିଗ୍ରହଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଗୌରୀ ଶଙ୍କର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ରେଡ଼କ୍ରସର ଆବାହକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ରେଡ଼କ୍ରସର ୬ ଗୋଟି ଦିଗ ଉପରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ।

## ହିନ୍ଦୀ ଦିବସ ପାଳିତ

ଜୟପୁର ,୧୫/୦୯ (ନି.ପ୍ର): ସିଟି ହାଇସ୍କୁଲ ଜୟପୁର ଠାରେ ହିନ୍ଦୀ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଆକାଶବାଣୀ କେନ୍ଦ୍ରର ଷ୍ଟେସନ ଡାଇରେକ୍ଟର ନରେନ୍ଦ୍ର ପଟ୍ଟନାୟକ, ସିଏ ଆନନ୍ଦ ମୁଦ୍ରା, ସରକାରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିମାଞ୍ଚଳ ମିଶ୍ର , ଜଗଦିଶ ଚନ୍ଦ୍ର ନାୟକ ସରକାରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ, ନାରାୟଣି କେଲେଜର ଏମଡି ଅନିକେତ ପଟ୍ଟନାୟକ, ଟ୍ରଷ୍ଟ ସମ୍ପାଦକ ଉମାକାନ୍ତ ମହାରଣା, ଇରିଗେସନ କୋଲନି ସ୍ଥିତ ହାଇସ୍କୁଲ ର ହିନ୍ଦି ଶିକ୍ଷକ ରାଧା ମୋହନ ପଣ୍ଡା. ତେଲୁଗୁ ସାସ୍କୃତିକ ସମିତିର ସଭାପତି ବିରେଶ ପଟ୍ଟନାୟକ, ସିଟି ହାଇସ୍କୁଲ ସଭାପତି ଏ ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରତାପ ପଟ୍ଟନାୟକ ଓ ମହମ୍ମଦ ସାରିଫ ପରିଚାଳନା କରିଥିଲେ । ଉପସ୍ଥିତ ଅତିଥି ମାନେ ହୀନ୍ଦି ଜାତୀୟ ଭାଷା ହୋଇଥିବାରୁ ଏହାର ଉପରେ ମତ ବ୍ୟକ୍ତ କରିଥିଲେ । ପରେ ସାସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ କରାଯାଇଥିଲା ।

## ଚକାପାଦରେ ହିନ୍ଦୀ ଦିବସ ଓ ପକ୍ଷ ପାଳିତ

କନ୍ଧମାଳ ,୧୫/୦୯ (ନି.ପ୍ର): ଚକାପାଦ ବ୍ଲକ ର ଗୁରୁକୁଳ ସଂସ୍କୃତି ମହାବିଦ୍ୟାଳୟ ଚକାପାଦ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ହିନ୍ଦୀ ଦିବସ ଓ ପକ୍ଷ ପାଳିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ଡ଼ଃ ପଦ୍ମନାଭ ଡିଗାଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ର ସମ୍ମାନିତ ଅତିଥି ଭାବରେ ସାହିତ୍ୟ ଅଧାପକ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ର, ଓଡ଼ିଆ ଅଧାପକ ତପନ କୁମାର ପ୍ରଧାନ ଓ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସ୍ୱେଚ୍ଛାସେବୀ ,ସୁଭଦ୍ରା ମଲ୍ଲିକ, ରୀତିମା ବାଘ, ଚନ୍ଦନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ ଓ ଉଦେଶ୍ୟ ଥିଲା ହିନ୍ଦୀଭାଷା ଆମର ରାଷ୍ଟ୍ରଭାଷା ଏହା ଭାରତର ସବୁ ରାଜ୍ୟର ଜନସାଧାରଣ ଜାଣନ୍ତି। ହିନ୍ଦୀଭାଷା ଜାଣିଲେ ଆମେ ଭାରତର ଯେ କୌଣସି ସ୍ଥାନକୁ ଯାଇ ଆସିପାରିବା। ଛାତ୍ରଛାତ୍ରୀ ମାନଙ୍କର ମଧ୍ୟରେ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏଥିରେ ଦୀପାରାଣୀ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ମେଘାଶ୍ରୀ କହଁର ଦ୍ୱିତୀୟ ଏବଂ ଅଙ୍କିତା ଦିଗାଲ ତୃତୀୟ ହୋଇ ଥିଲେ। ମୁଖ୍ୟ ଅତିଥି ଅନୁଷ୍ଠିତ ଦିବସର ମୁକ୍ଷ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ ।ସଙ୍ଗୀତ ପ୍ରତିଯୋଗୀତରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ଦିବସ ୧୪ ସେପଟ୍ମେର ରୁ ଆରମ୍ଭ ହୋଇ ୨୮ ସେପଟ୍ମେର ପର୍ଯ୍ୟନ୍ତ କନ୍ଧମାଳ ଜ଼ିଲ୍ଲା ରେ ନେହରୁ ଯୁବ କେନ୍ଦ୍ର ତରଫରୁ ବିଭିନ୍ନ ସ୍ଥାନରେ ପ୍ରତିଯୋଗୀତା କରି ଜନ ସାଧାରଣ ମାନଙ୍କୁ ସଚେତନ କରାଯିବ ବୋଲି ନେହରୁ ଯୁବ କେନ୍ଦ୍ର ତରଫରୁ ସୂଚନା ପ୍ରଦାନ କରା ଯାଇଛି। ବୈଠକରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ର ସ୍ୱେଚ୍ଛା ସେବୀ ସୁଭଦ୍ରା ମଲ୍ଲିକ ମୁଖ୍ୟ ଅତିଥି,ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ର ଛାତ୍ରୀ, ମାନଙ୍କୁ ସ୍ୱାଗତ କରିଥିବା ବେଳେ ଶୁକ୍ଳାମ୍ବର ନାୟକ ଅର୍ପଣ କରି ଶେଷ କରିଥିଲେ ।

## ରାଷ୍ଟ୍ରୀୟ ପେନସନ୍ ଯୋଜନାର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ

ଝାରସୁଗୁଡା ,୧୫/୦୯ (ନି.ପ୍ର): ଓଡ଼ିଶା କୋଷାଗାର ନିର୍ଦ୍ଦେଶାଳୟ ଓ ଅର୍ଥ ବିଭାଗ ମିଳିତ ଆନୁକୂଲ୍ୟରେ ଏବଂ ଜିଲ୍ଲା କୋଷାଗାର ସହଯୋଗରେ ଚଳିତ ସେପ୍ଟେମ୍ବର ମାସ ୧୨ତାରିଖରୁ ୧୭ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ପେନସନ ଯୋଜନାର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଲଖନପୁର ଉପ କୋଷାଗାର ଅଧିକାରୀ ଅଂଶୁମାନ ପ୍ରଧାନ , ଜିଲ୍ଲାର ସମସ୍ତ ଉଠାଣ ଓ ବିତରଣ ଅଧିକାରୀଙ୍କ ସମେତ କର୍ମଚାରୀମାନେ ଯୋଗଦାନ କରିଥିଲେ । ଜିଲ୍ଲା କୋଷାଗାର ଅଧିକାରୀ ପ୍ରାଣବନ୍ଧୁ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋଷାଗାର ନିର୍ଦ୍ଦେଶାଳୟ ପକ୍ଷରୁ ଅରୁଣାଭ ପଡ଼ିଆରୀ ଓ ଅରବିନ୍ଦ ସାହୁ ବିଶେଷଜ୍ଞ ଭାବରେ ଯୋଗ ଦେଇ ଏନ୍ ପି ଏସ୍ ସମ୍ବନ୍ଧୀୟ ସଚେତନତା , ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା କୋଷାଗାର ଅଧିକାରୀ ଶ୍ରୀ ବେମାଲ , ଏନ୍ ପି ଏସ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ସେବା ସପ୍ତାହର ସୁଯୋଗ ନେବାକୁ ଅନୁରୋଧ ଜଣାଇଥିଲେ। ହିସାବ ରକ୍ଷକ ଲରେନ୍ସ ଲାକ୍ରା , ଭୁବନେଶ୍ୱର ନାଏକ , ରଞ୍ଜନ ସା , ଶ୍ରୀକାନ୍ତ ପଧାନ ଓ ପ୍ରକାଶ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅହିଂସା ରଥକୁ ଜୟପୁରରେ ସ୍ୱାଗତ ସମ୍ବର୍ଦ୍ଧନା

ଜୟପୁର ,୧୫/୦୯ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଏବଂ ଜନସାଧାରଣଙ୍କ ଭିତରେ ଦେଶ ପ୍ରେମର ଜାଗରଣ ସୃଷ୍ଟି କରିବା ପାଇ ଅହିଂସା ରଥ ଆଜି ଜୟପୁର ସହରରେ ପହଞ୍ଚିଛି । ଏହି ରଥକୁ ଜୟପୁର ପୌରପରିଷଦ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଜୟପୁର ପାଓାର ହାଉସ ଛକ ଠାରେ ପହଞ୍ଚିବା ପରେ ବହୁ ସଖ୍ୟାରେ ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବି ଅନୁଷ୍ଠାନ, ଏନସିସି କେଡେଟ ଉପସ୍ଥିତ ରହି ବିଶାଳ ଶୋଭାଯାତ୍ରା ରେ ରଥ କୁ ସହର ମଧ୍ୟକୁ ଆଣାଯାଇଥିଲା । ଏହି ଶୋଭାଯାତ୍ରା ରେ ଶହ ଶହ ଲୋକ ସମାଲ ହୋଇ ସ୍ୱାଗତ କରିଥିଲେ । ପାତ୍ରପୁଟ ଠାରେ ଜୟପୁର ବ୍ଲକ ତରଫରୁ ସ୍ୱାଗତ କରାଯାଇଥିବା ବେଳେ ପୌରାଞ୍ଚଳ ତରଫରୁ ପାଓାର ହାଉସ ଛକ ସ୍ୱାଗତ କରାଯାଇ ବାଙ୍କମଠ ନିକଟକୁ ଆଣାଯାଇଥିଲା । ବାଙ୍କମଠ ନିକଟରେ ଏକ ସ୍ୱାଗତ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବିଶାଳ ଶୋଭାଯାତ୍ରା ଓ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି ସୁନିତା, ଜିଲା ପ୍ରଶାସନ ତରଫରୁ ଉପ ନିଦ୍ଦେଷକ ପ୍ଲାନିଙ୍ଗର ସୁର୍ଯ୍ୟ କାନ୍ତ ବେହେରା, ଉପ ଜିଲାପାଳ ବେଦ ବର ପ୍ରଧାନଏସଡିପିଓ ଅରୁପ ଅଭିଷେକ ବେହେରା, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦେଶକୁ ସ୍ୱାଧିନତା ଦେବା ପାଇଁ ନିଜ ଜୀବନକୁ ଉତ୍ସଗ କରିଥିବା ଜନ ନାକଙ୍କୁ ସ୍ମୃତି ଚାରଣ କରାଯାଇଥିଲା। ପରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କରଡ଼ିରୁ ପ୍ରସ୍ତୁତ ୧୦୦ ପ୍ରକାର ବ୍ୟଞ୍ଜନ କରି ଏସ୍‌ଆଇଏଚ୍‌ଏମ୍ ରେକର୍ଡ ପ୍ରଚେଷ୍ଟା

ବଲାଙ୍ଗିର ,୧୫/୦୯ (ନି.ପ୍ର): ଖାଲି ପଶ୍ଚିମ ଓଡ଼ିଶା ନୁହେଁ ଦେଶ ବିଦେଶରେ ବି କରଡିର ଅନେକ ଚାହିଦା ରହିଛି । କରଡିରେ ପ୍ରସ୍ତୁତ ବ୍ୟଞ୍ଜନ ହେଲେ ଭାତ ଆପେ ଆପେ ପେଟକୁ ଚାଲିଯାଏ । କରଡି ଲେଥା ହେଉକି କରଡି ପିଠା । ଏମିତି ହାତ ଗଣତି ବ୍ୟଞ୍ଜନ ଜାଣିଥିବେ ଲୋକେ । କିନ୍ତୁ ଏହି କରଡିରୁ ଶହେ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ ହେଇପାରିବ ତାହା ଆଶ୍ଚର୍ଯ୍ୟଜନକ । କିନ୍ତୁ ଏହାକୁ ସତସତିକା ରୂପ ଦେଇଛନ୍ତି ବଲାଙ୍ଗିରରେ ଥିବା ରାଜ୍ୟ ସରକାରଙ୍କ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର (ଏସ୍‌ଆଇଏଚ୍‌ଏମ୍) ଛାତ୍ରଛାତ୍ରୀ ଓ ଅଧାପକ ଅଧାପିକା । ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପାଇଁ କରଡିରେ ପ୍ରସ୍ତୁତ ବ୍ୟଞ୍ଜନ ମଙ୍ଗଳବାର ଏସ୍‌ଆଇଏଚ୍‌ଏମ୍‌ରେ ପ୍ରଦର୍ଶିତ ହୋଇଥିଲା ଯାହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ଉପସ୍ଥିତ ସମସ୍ତେ । ଏଭଳି ବି ହୋଇପାରେ ବୋଲି ମତ ଦେଇଥିଲେ । କରଡି ଖଟା, କରଡି ଆଳୁ ପିଠା, କରଡି ତରକାରୀ, କରଡି ମିଠା ଭଳି ଭଳିକି ଭଳିକି ବ୍ୟଂଜନ ଟେବୁଲ୍ ରେ ରଖାଯାଇଥିଲା । ସ୍ୱତନ୍ତ୍ର ନାଁ ବି ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଲୋକ କବି ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲେ। ପଦ୍ମଶ୍ରୀ ଶ୍ରୀ ନାଗ କହିଥିଲେ ଯେ, ଆମେ ଜାଣିବା ଅନୁସାରେ କରଡି ରେ ପ୍ରାୟ ୧୦ ପ୍ରକାର ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ ହୋଇପାରେ । କିନ୍ତୁ କ ?ଡିକୁ ନେଇ ଏତେ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯିବା ତାଙ୍କୁ ଚକିତ କରିଛି । ଏହି ମର୍ମରେ ସେ ମହାପ୍ରଭୁ ଜଗନ୍ନାଥଙ୍କୁ ନିମନ୍ତ୍ରଣ କରିବା ମୁଦ୍ରାରେ ଗୀତଟିଏ ଗାଇଥିଲେ ।


ସେହିପରି ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ମଧ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କରଡି ସାଧାରଣ ଲୋକଙ୍କ ଖାଦ୍ୟ ବୋଲି କୁହାଯାଏ। କିନ୍ତୁ କରଡି ରେ ଏତେ ପ୍ରକାର ଖାଦ୍ୟ ବ୍ୟଞ୍ଜନ ହୋଇପାରିବ ତାହା ଧାରଣା ନଥିଲା । ଧନୀ ଲୋକମାନେ ଖାଦ୍ୟ ସଉକିଆ । ତେବେ କରଡିରେ ପ୍ରସ୍ତୁତ ଖାଦ୍ୟ ସେମାନଙ୍କୁ ବି ଆକର୍ଷିତ କରିବ । ସବୁ ବର୍ଗର ଲୋକେ କରଡି ଖାଇପାରିବେ ବୋଲି ଏହି କାର୍ଯ୍ୟକ୍ରମ ଦେଖିବା ପରେ ବିଶ୍ୱାସ ବଢିଛି । କରଡି କୁ ନେଇ ଭଲ ପ୍ରଚାର ପ୍ରସାର କରାଯାଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ରାଣା ମତ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, କରଡି ର ପ୍ରଚାର ପ୍ରସାର ଓ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ ହୋଇପାରେ ତାହା ଜଣାଇବା ପାଇଁ ଏଭଳି ଏକ ପଦକ୍ଷେପ ଏସ୍‌ଆଇଏଚଏମ୍ ପକ୍ଷରୁ ନିଆଯାଇଥିଲା କଲେଜର ଅଧକ୍ଷ ସୁରେଶ ଏକନାଥ ମତ ଦେଇଛନ୍ତି। ସେହିପରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପକ୍ଷରୁ ବିଚାରକ ଭାବେ ଯୋଗ ଦେଇଥିବା ବରିଷ୍ଠ ଏଡଭୋକେଟ(ହାଇଦ୍ରାବାଦ) ଜିଭିଆର ଏସ୍‌ଏସ୍ ଭରାପ୍ରସାଦ ଏଭଳି ଆୟୋଜନକୁ ଅନେକ ପ୍ରଶଂସା କରିଥିଲେ । ବାଉଁଶ ଗଜା(କରଡି )ରୁ ଖାଦ୍ୟ ବ୍ୟଞ୍ଜନର ଆୟୋଜନ କଳ୍ପନା ବାହାରେ ବୋଲି ବିଚାରକ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଏସ୍‌ଆଇଏଚ୍‌ଏମ୍‌ର ଅଧକ୍ଷ ଶ୍ରୀ ଏକନାଥ, ବିଭିନ୍ନ ବିଭାଗର ଅଧାପକ ଅଧାପିକା, ଛାତ୍ରଛାତ୍ରୀମାନେ ପରିଚାଳନା କରିଥିଲେ ।

## ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ନୂଆପଡା,୧୫/୦୯ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସର ଦୁର୍ଗନ୍ଧ ମୟ ହୋଇପଡିଛି । ଏହି ବ୍ଲକ ରେ ୨୬ ଗୋଟି ଗ୍ରାମପଂଚାୟତ ଥିବାବେଳେ ପ୍ରତିଦିନ ଜନ_ପତିନିଧିଙ୍କ ସମେତ ଶତାଧିକ ଲୋକ ବିଭିନ୍ନ କାମରେ ଏଠାକୁ ଆସିଥାନ୍ତି । କିନ୍ତୁ କାର୍ଯ୍ୟାଳୟ ପରିସର ମଧ୍ୟରେ କୌଣସି ଶୌଚାଳୟ କିମ୍ବା ପରିସ୍ରା ଗାର ନଥିବା ହେତୁ ଯିଏ ଯେଉଁଠି ପରିସ୍ରା କରିଦେଉଛନ୍ତି । ଫଳରେ ଅସହ୍ୟ ଦୁର୍ଗନ୍ଧରେ ବ୍ଲକ ପରିସର ଏବଂ ଆଖ ପାଖ ଅଂଚଳ ଫାଟିପଡୁଛି। ଏପରିକି ପିଇବା ପାଣିର ସୁବ୍ୟବସ୍ଥା ନଥିବା ହେତୁ ଲୋକେ ବାଧ ହୋଇ ଉଚ୍ଚ ଦରରେ ଦୋକାନରୁ ପାଣି ବୋତଲ କିଣି ପିଉଛନ୍ତି। ଯାହା ଗ୍ରାମାଂଚଳ ରୁ ଆସୁଥିବା ଲୋକଙ୍କୁ ବେଶି ବାଧୁଥିବା ଅଭିଯୋଗ ହେଉଛି ।

## କେଶ ଝଡ଼ିବା ସମସ୍ୟା ଦୂରେଇ ଦେବାକୁ ଖାଆନ୍ତୁ ଏହି ସବୁ ଖାଦ୍ୟ

ଆଜିକାଲି କେଶ ଝଡ଼ିବା ସମସ୍ୟା ପ୍ରାୟ ସମସ୍ତଙ୍କର । କେଶ ଝଡ଼ିବାର ଅନେକ କାରଣ ଥାଏ । ଅତ୍ୟଧିକ ପ୍ରଦୂଷଣ, ହରମୋନ୍ ପରିବର୍ତ୍ତନ, କିମ୍ବା ଭିଟାମିନ୍ ଅଭାବରୁ କେଶ ଝଡ଼ିଥାଏ । ଶରୀରର ଆଉ କିଛି ସମସ୍ୟା ହେଲେ ଯେତିକି ଚିନ୍ତା ହୋଇନଥାଏ କେଶ ଝଡ଼ିଥିଲେ କିନ୍ତୁ ଗଭୀର ମାତ୍ରାରେ ଦୁଃଖ ଲାଗିଥାଏ । କିପରି ଭାବେ ଏହି ସମସ୍ୟାକୁ ରୋକାଯାଇ ପାରିବ ସେ ବିଷୟରେ ଚିନ୍ତା କରି କରି ବେଳ ସରିଯାଏ । କେଶ ଝଡ଼ିବା ଦୁଃଖରେ ଆସି ଆମେ ଅନେକ ପ୍ରକାରର ଜିନିଷ କେଶରେ ପ୍ରୟୋଗ କରିଥାଉ । ମାତ୍ର ମନେ ରଖନ୍ତୁ କେଶ ଝଡ଼ିବା ସମସ୍ୟା ଉପରୁ ନୁହେଁ; ବରଂ ଭିତରୁ ହୋଇଥାଏ । ପ୍ରୋଟିନ୍‌ର ଅଭାବରେ ହିଁ କେଶ ଝଡ଼ିଥାଏ । ତେବେ ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ କେଶ ଝଡ଼ିବା ସମସ୍ୟା କମ୍ ହୋଇଥାଏ । ମାତ୍ର ଏପରି କିଛି ଖାଦ୍ୟ ଅଛି, ଯାହାକୁ ଦୈନିକ ଖାଇବା ଦ୍ୱାରା କେଶ ଝଡ଼ିବା ସମସ୍ୟାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରେ । ଦିନକୁ ଅତି କମରେ ଗୋଟିଏ ପାଚିଲା କଦଳୀ ଖାଆନ୍ତୁ । କଦଳୀରେ ପ୍ରଚୁର ପରିମାଣର ଆଇରନ୍ ରହିଛି । ଆଇରନ୍ ଅଭାବରୁ ବି କେଶ ଝଡ଼ିଥାଏ । ପାରୁଛନ୍ତି ଯଦି ସକାଳେ କିମ୍ବା ସଂଧ୍ୟାରେ ଗୋଟାଏ ସିଝା ଅଣ୍ଡା ଖାଆନ୍ତୁ । ସିଝା ଅଣ୍ଡାରେ ପ୍ରୋଟିନ୍ ରହିଛି । ଶରୀରରେ ପ୍ରୋଟିନ୍ ଭରପୂର ରହିଲେ କେଶ ଝଡ଼ିବା ସମସ୍ୟା ଦୂର ହୋଇଯିବ । ମୌସମୀ ଜୁସ୍ ପିଅନ୍ତୁ । ମୌସୁମୀ ଜୁସ୍ ଉଭୟ କେଶ ଓ ତ୍ୱଚା ପାଇଁ ଭଲ ହୋଇଥାଏ । ଏହି ଜୁସ୍ ପିଇଲେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ତ୍ୱଚା ବି ଭଲ ରହିଥାଏ । କାଜୁ ବାଦାମ ଖାଇବା ବି କେଶ ପାଇଁ ଭଲ ହୋଇଥାଏ । କାଜୁ ବ୍ୟତୀତ ଆଲମଣ୍ଡ, ବାଦାମ, କିସମିସ୍ ଆଦି ଦୈନିକ ଖାଇଲେ କେଶ ଝଡ଼ିବା କମ ହୋଇଥାଏ ।






## ଥାଇରଏଡରୁ ବଢୁଛି ଓଜନ ?

ଆଜିକାଲି ଥାଇରଏଡ୍ ସମସ୍ୟା କ୍ରମଶଃ ବଢ଼ିବାରେ ଲାଗିଛି । ଥାଇରଏଡ୍ ଗ୍ରନ୍ଥି ଆମ ଶରୀରର ମେଟାବଲିଜିମକୁ ନିୟନ୍ତ୍ରିତ କରିଥାଏ । ତେଣୁ ଥାଇରଏଡ୍ ସମସ୍ୟା ଦେଖା ଦେଲେ ଓଜନ ବହୁତ ବଢ଼ିଥାଏ । ଆଉ ଆପଣ ହାଇପୋଥାଏରଡିଜିମର ଶିକାର ହୋଇଥାନ୍ତି । ଅନେକ ସମୟରେ ଦେଖିବାକୁ ମିଳେ । ଥାଇରଏଡର ଶିକାର ହେବା ପରେ କିଛି ଲୋକଙ୍କଠାରେ ଓଜନ ବଢୁଥିବା ବେଳେ ଆଉ କିଛି ଲୋକଙ୍କର ଓଜନ କମିଯାଇଥାଏ ବିଶେଷତଃ ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଦେଇଥାଏ । ଥାଇରଏଡ୍ ହେବା ପରେ ଏହି ଗ୍ରନ୍ଥି ଠିକ ଭାବରେ କାମ କରିନଥାଏ । ଆଉ ଦୁଇ ପ୍ରକାର ଭାବେ ଅସନ୍ତୁଳନ ଦେଖା ଦେଇଥାଏ । ତେଣୁ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ । କେତେବେଳେ ଥାଇରଏଡ୍ ଗ୍ରନ୍ଥି କମ ମାତ୍ରାର ହରମୋନ କ୍ଷରଣ କରିଥାଏ । ଏହାକୁ ହାଇପରଥାଇରଏଡଜିମ୍ କୁହାଯାଏ । ଅନ୍ୟପଟରେ ଗ୍ରନ୍ଥିରେ ଅଧିକ ହରମୋନ କ୍ଷରଣ ହେଲେ ହାଇପୋଥାଏରଡିଜିମ କୁହାଯାଏ । ଯଦି ଥାଇରଏଡ୍ ଯୋଗୁ ଓଜନ ବଢୁଥାଏ, ତେବେ ଆପଣ ହାଇପୋଥାଏରଏଡଜିମର ଶିକାର ହୋଇଛନ୍ତି । ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ ଆବଶ୍ୟକ ହୋଇଥାଏ ।

॥ ପରୀକ୍ଷା କରନ୍ତୁ ॥

ଓଜନ ବଢ଼ିବା କେବଳ ଥାଇରଏଡର ଲକ୍ଷଣ ନୁହେଁ। ତେଣୁ ପରୀକ୍ଷା କରି ନିଅନ୍ତୁ । କେଉଁ ଥାଇରଏଡରେ ପୀଡ଼ିତ । ପରୀକ୍ଷା ପରେ ହିଁ ନିଷ୍ପତ୍ତି ନିଅନ୍ତୁ କଣ କରିବେ ।

॥ ଜୀବନଶୈଳୀରେ ପରିବର୍ତ୍ତନ ॥


ଥାଇରଏଡ ଯୋଗୁ ଓଜନ କମୁଥିଲେ, ଆବଶ୍ୟକ ପୋଷଣ ପାଇବା ପାଇଁ ଖାଦ୍ୟପାନୀୟ କିଛିଟା ସୁଧାର ଆଣନ୍ତୁ । ନିୟମିତ ବ୍ୟାୟାମ ସହ ଭୋଜନର ମାତ୍ରା କମ କରି ସାଲାଡ ଓ ସିଝା ପରିବା ସାମିଲ କରନ୍ତୁ । ଏଥିସହିତ ଖାଦ୍ୟରେ ଲୁଣର ମାତ୍ରାକୁ ନିୟନ୍ତ୍ରିତ କରନ୍ତୁ ।

॥ ନିଅନ୍ତୁ ଗ୍ରୀନ ଟି ॥

ଆଜିକାଲି ପ୍ରାୟ ଲୋକ ଓଜନ କମ କରିବା ପାଇଁ ଗ୍ରୀନ ଟି କୁ ପସନ୍ଦ କରୁଛନ୍ତି । ଏହା ଶରୀରର କୋଲେଷ୍ଟ୍ରଲସ୍ତରକୁ କମ କରିଥାଏ, ଯାହା ଫଳରେ ଓଜନ କମିଥାଏ । କିନ୍ତୁ ମନେ ରଖନ୍ତି ଥାଇରଏଡ ରୋଗୀଙ୍କ କ୍ଷେତ୍ରରେ ଗ୍ରୀନଟି ଅନେକ ସମୟରେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ତେଣୁ ଏହା ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

॥ ଔଷଧ ନେବାକୁ ଭୁଲନ୍ତୁ ନାହିଁ ॥


ଥାଇରଏଡ ରୋଗୀଙ୍କ ମୋଟା ହେବାର ଅନ୍ୟତମ କାରଣ ହେଉଛି ଔଷଧରେ ଅନିୟମିତତା । ତେଣୁ ନିୟମିତ ଔଷଧ ନେବାରେ ଅବହେଳା କରନ୍ତୁ ନାହିଁ ।





## ଜୀବନର ସୁରକ୍ଷା ହିଁ ଜୀବନ ରକ୍ଷା

ପ୍ରତ୍ୟେକ କାମର ପୂର୍ବରୁ ପରସ୍ପର ମଧ୍ୟରେ କଥାବାର୍ତ୍ତା ବା ଆଲୋକଚନାର ଯଥେଷ୍ଟ ଆବଶ୍ୟକତା ରହିଛି । ଏଥିରେ କିଛି ଭୂଲ ବୁଝାମଣା ରହିଗଲେ କାମଟି ଠିକ୍ ଭାବେ ହୁଏ ନାହିଁ । ଫଳରେ ଲାଭ ପରିବର୍ତ୍ତେ କ୍ଷତି ହୋଇଥାଏ । ନିଜ ଜୀବନର ସୁରକ୍ଷା ପାଇଁ ସାରା ବିଶ୍ୱରେ ପ୍ରତ୍ୟେକ ବ୍ୟକ୍ତି ବେଶ ସଚେତନ । ଆମେ ସମସ୍ତେ ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି କର୍ମକ୍ଷେତ୍ର ଯାଏ ବିଭିନ୍ନ ପ୍ରକାର ସ୍ୱପ୍ନ ଦେଖିଥାଉ । ବିଶେଷ କରି କର୍ମକ୍ଷେତ୍ରରେ ସୁରକ୍ଷା ନିୟମ ପ୍ରସ୍ତୁତ କରାଯାଇ ତାହାର କଡ଼ାକଡ଼ି ଭାବେ ପାଳନ ପାଇଁ ବ୍ୟବସ୍ଥା କରାଯାଇଥାଏ । ପ୍ରତ୍ୟେକ ମୂହୂର୍ତ୍ତରେ ସଚେତନ ହେବା ପାଇଁ ସୁରକ୍ଷା ନିୟମକୁ ପ୍ରଦର୍ଶିତ କରାଯାଇଥାଏ । ଏହାର ମୂଳ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତି ସବୁବେଳେ ନିଜ ସୁରକ୍ଷାର ଦାୟିତ୍ୱ ନିଜେ ନେବେ । ଆମେ ସମେସ୍ତେ ଚାହାନ୍ତି ଏକ ନିରାପଦ ଜୀବନ । ଜୀବନରେ ବାଧାବିଘ୍ନ ଅବା ବିପଦ ଆପଦର ସମ୍ମୁଖୀନ ହେବାକୁ କେହି ବି ଚାହାନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ସବୁବେଳେ ନିଜ ସୁରକ୍ଷାର ଦାୟିତ୍ୱ ନିଜେ ନେବେ । ଆମେ ସମସ୍ତେ ଚାହାନ୍ତି ଏକ ନିରାପଦ ଜୀବନ । ଜୀବନରେ ବାଧାବିଘ୍ନ ଅବା ବିପଦ ଆପଦର ସମ୍ମୁଖୀନ ହେବାକୁ କେହି ବି ଚାହାନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ଘଟଣାରେ କିଛି ନା କିଛି ବିପଦଆପଦ ସୃଷ୍ଟି ହେବାର ସମ୍ଭାବନା ରହିଥାଏ । ଏଣୁ ଏହାର ନିରାକରଣ ପାଇଁ ଆମ୍ଭମାନଙ୍କୁ ସେ ଦିଗରେ ଆଗୁଆ ବିଚାର କରିବାକୁ ହେବ । ଆମେ ଅନେକ କିଛି ବିୟେ ଜାଣିଥିଲେ ବି ସେ ସମ୍ପର୍କରେ ପ୍ରଥମରୁ ସତର୍କ ନହେବା ଦ୍ୱାରା ନିଜେ ହିଁ ବିପଦକୁ ନିମନ୍ତ୍ରଣ କରିଥାଉ । କଥାରେ ଅଛି ଆଲୋ ସଖି ଆପଣା ମହତ ଆପେରଖି । ନିଜର ସୁରକ୍ଷା ପ୍ରତି ନିଜେ ଯତ୍ନବାନ ହେଲେ ହିଁ ଆମେ ଅନେକ ବିପଦକୁ ଆଡ଼େଇ ଦେଇପାରିବା । ଏଥିପାଇଁ ମୁଣ୍ଡକୁ ଥଣ୍ଡା ରଖି ସକାରାତ୍ମକ ମନୋଭାବରେ ନିଜର ସୁରକ୍ଷା ବିଷୟରେ ଗଭୀରଭାବେ ଅନୁଧ୍ୟାନ କରିବାକୁ ପଡ଼ିବ । ବାର୍ତ୍ତାଳାପରେ ସୁରକ୍ଷା ବାର୍ତ୍ତାଳାପ ବା ଆଳାପ ଆଲୋଚନା ଆମ ଜୀବନର ଆଧାର । ନିଜର ମନର ଭାବନାକୁ ସଠିକ୍ ରୁପେ ଅନ୍ୟକୁ ଜଣାଇବା ହିଁ ସଫଳ ବାର୍ତ୍ତାଳାପ । ପ୍ରତ୍ୟେକ କାମର ପୂର୍ବରୁ ପରସ୍ପର ମଧ୍ୟରେ କଥାବାର୍ତ୍ତା ବା ଆଲୋଚନାର ଯଥେଷ୍ଟ ଆବଶ୍ୟକତା ରହିଛି । ଏଥିରେ କିଛି ଭୁଲ ବୁଝାମଣା ରହିଗଲେ କାମଟି ଠିକ୍ ଭାବେ ହୁଏ ନାହିଁ । ଫଳରେ ଲାଭ ପରିବର୍ତ୍ତେ କ୍ଷତି ହୋଇଥାଏ । ଏଣୁ ଅନେକ ସମୟରେ ବହୁତ ଲୋକ କହିବା ପରିବର୍ତ୍ତେ ଚୁପ୍ ରହିବାକୁ ପସନ୍ଦ କରିଥାନ୍ତି । ତାଙ୍କ ମତରେ କହିବା ଦ୍ୱାରା ଯଦି ବିପଦ ସୃଷ୍ଟି ହେଉଛି ବରଂ ଚୁପ୍ ରହିବା ଶ୍ରେୟସ୍କର । ଆମର ଅନେକ ସମସ୍ୟା ବାର୍ତ୍ତାଳାପରୁ ସୃଷ୍ଟି ହୋଇଥାଏ । ତେଣୁ ବାର୍ତ୍ତାଳାପରେ ସୁରକ୍ଷା ବଜାୟ ରଖିବା ପାଇଁ ଚେଷ୍ଟା କରିବା ନିହାତି ଜରୁରୀ । କାହାକୁଚ କିଛି କହିବା ପୂର୍ବରୁ ଗଭୀର ଭାବରେ ଭାବିବା ଉଚିତ୍ ଯେ ମୋ କଥାଦ୍ୱାରା କାହାର କିଛି କ୍ଷତି ହେଉନାହିଁ ତ ?ଅନେକ ଲୋକ ନିଜକୁ ଅତି ବୁଦ୍ଧିଆ ଭାବି ମନକୁ ଯାହା ଆସେ ତାହା କହି ଦେଇଥାନ୍ତି । ଏହାଦ୍ୱାରା ଅନ୍ୟଲୋକଟି କଥାଟିକୁ ଠିକରୂପେ ବୁଝି ନପାରି କାମଟି ଭୁଲ କରିଥାନ୍ତି । ଫଳରେ କ୍ଷତି ହିଁ ହୋଇଥାଏ । ପାଟିରୁ ଥରେ କଥା ଖସିଗଲେ ଆଉ ଫେରିଆସେ ନାହିଁ । ଏଣୁ କିଛି କହିବା ପୂର୍ବରୁ ଟିକିଏ ଭାବିବା ଦରକାର । ଯୋଗାଯୋଗରେ ଅନେକ ବାଧା ରହିଛି ସେ ସମ୍ପର୍କରେ ଆଗରୁ ସଚେତନ ରହିଲେ ଆମେ ବିପଦକୁ ଏଡ଼ାଇ ଦେଇପାରିବା ।



### ଦୈନନ୍ଦିନ ଜୀବନରେ ସୁରକ୍ଷା:

ସକାଳୁ ଉଠିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଆମର ବିଭିନ୍ନ ପ୍ରକାର ଦୈନନ୍ଦିନ କାମ ଚାଲିଥାଏ । ପୁରୁଷ ହେଉ ଅବା ମହିଳା ସମସ୍ତଙ୍କ ପାଇଁ କିଛିଟା କାମ ସମାନ ଥାଏ । ପ୍ରତିଦିନର ନିତ୍ୟକର୍ମଗୁଡ଼ିକ ଯେପରିକି ଦାନ୍ତଘଷାଠାରୁ ନେଇ ଗାଧୋଇବା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସମାନ । ମହିଳାମାନେ ରୋଷେଇ କାମରେ ବ୍ୟସ୍ତ ରହିଲାବେଳେ ପୁରୁଷମାନେ ହାଟବଜାରଠାରୁ ଆରମ୍ଭ କରି ଅନ୍ୟାନ୍ୟ କାମ ପ୍ରତ୍ୟେକ ଦିନ କରିଥାନ୍ତି । ପ୍ରତିଟି କାମରେ ବିପଦର ଆଶଙ୍କା ରହିଛି । ଏପରିକି ଅନେକ ଗାଧୁଆ ଘରେ ଗୋଡ଼ ଖସିବାରେ ମଧ୍ୟ ଦୁର୍ଘଟଣାର ଶିକାର ହୋଇଛନ୍ତି । ରୋଷେଇ ସମୟରେ ମହିଳାମାନେ ଅନେକ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି । କିଛି ଜଣ ରନ୍ଧନ ଗ୍ୟାସର ନିଆଁରେ ମଧ୍ୟ ଜଳିଯାଇଛନ୍ତି । ପରିବା କାଟୁକାଟୁ ହାତ କଟିଯାଇଛି । ଘର ଚଟାଣରେ ଗୋଡ଼ଖସି ମୁଣ୍ଡ ଫାଟିଯାଇଛି । ଏହିପବରି ଅନେକ ପ୍ରକାରର ଦୁର୍ଘଟଣା ଆମର ଦୈନନ୍ଦିନ ଜୀବନରେ ଘଟିଥାଏ । ଏଣୁ ଆମକୁ ସବୁବେଳେ ସତର୍କ ରହିବାକୁ ହେବ । କୌଣସି କାମକୁ ହେୟଜ୍ଞାନ ମନେକରିଲେ ନିଜେ ହିଁ ବିପଦକୁ ଟାଣିଆଣିବା । ଛୋଟ ହେଉ ଅବା ବଡ଼ ପ୍ରତ୍ୟେକ କାମରେ ଆଗପଛ ବିଚାରକରି ସୁରକ୍ଷାର ସତର୍କତା ଅବଲମ୍ବନ କଲେ ନିଶ୍ଚିତ ମାତ୍ରାରେ ନିଜକୁ ବିପଦମୁକ୍ତ କରିପାରିବା ।





### କର୍ମକ୍ଷେତ୍ରରେ ସୁରକ୍ଷା:

ଜଣେ ବ୍ୟକ୍ତି ଯେ କୌଣସି ପ୍ରକାରର ଅନୁଷ୍ଠାନରେ କାମ କରନ୍ତୁ ପଛକେ ତାଙ୍କର କର୍ମକ୍ଷେତ୍ରରେ କିଛି ନା କିଛି ବିପଦ ରହିଛି । ସେ କାରଖାନାରେ ହେଉ ଅବା ସାଧାରଣ ଅଫିସରେ ହେଉ ସବୁଠି ବିପଦର ଆଶଙ୍କା ରହିଛି । କାରଖାନାରେ କାମ କରୁଥିବା ଲୋକମାନଙ୍କର ସୁରକ୍ଷାପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ପ୍ରସ୍ତତ କରାଯାଇଥାଏ । ଲୋକମାନଙ୍କୁ ସୁରକ୍ଷା ସମ୍ପର୍କରେ ସଚେତନ କରିବା ପାଇଁ ତାଲିମ ଦିଆଯିବା ସହିତ ପୋଷ୍ଟର ଓ ଚିତ୍ର ମାଧ୍ୟମରେ ସୂଚନା ଦିଆଯାଇଥାଏ । କିନ୍ତୁ ଲୋକମାନଙ୍କର ସେଥିପ୍ରତି ଅବହେଳା ଯୋଗୁଁ ଅନେକ ସମୟରେ ସେମାନେ ବିପଦରେ ପଡ଼ିଥାନ୍ତି । ଏପରିକି ଜୀବନ ମଧ ହରାଇଥାନ୍ତି । ଏସବୁ କଥାଦେଖି ଓ ଜାଣି ବି ଲୋକମାନେ ସତର୍କ ହୁଅନ୍ତି ନାହିଁ । ନିଜ ସୁରକ୍ଷାର ଦାୟିତ୍ୱ ନିଜେ ନିଅନ୍ତି ନାହିଁ। ଯଥା ଦୁଇଚକିଆ ଯାନ ଚଳାଇଲା ବେଳେ ଅନେକ ଲୋକ ମୁଣ୍ଡରେ ହେଲମେଟ୍ ପିନ୍ଧନ୍ତି ନାହିଁ । କେତେକ ଲୋକ ନିଜକୁ ଅତି ବୁଦ୍ଧିଆ ଭାବି ବାହାଦୂରୀ ଭାବେ ବିପଦପୂର୍ଣ୍ଣ କାମ କରିଥାନ୍ତି । ଏଣୁ କାର୍ଯ୍ୟକ୍ଷେତ୍ରରେ କରାଯାଇଥିବା ସୁରକ୍ଷା ନିୟମଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କଲେ ହିଁ ଆମେ ନିରାପଦରେ କାମ କରିପାରିବା । ସୁରକ୍ଷା ନିୟମ ପାଳନ କଲେ ହିଁ ଆମେ ନିରାପଦରେ କାମ କରିପାରିବା । ସୁରକ୍ଷା ନିୟମ ପାଳନ କରିବାଟା ଆମମାନଙ୍କର ମନୋବୃତ୍ତି ଉପରେ ନିର୍ଭର କରେ । ବାହାଦୂରୀ ଦେଖାଇବା ପାଇଁ ଦୁଃସାହସିକ କାର୍ଯ୍ୟ କରିବା ଆଦୌ ଉଚିତ୍ ନୁହେଁ । କାର୍ଯ୍ୟ କ୍ଷେତ୍ରକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ।

## ଅନ୍ୟର ଦୁଃଖରେ ସମଭାଗୀ ହୁଅନ୍ତୁ



ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି ସେ ଜଣେ କରୁଣାମୟ, ସହିଷ୍ଣୁ ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ଅନ୍ୟର ସୁଖଦୁଃଖରେ ସାମିଲ ହେବା କିମ୍ବା ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ନିୟମିତ ମୁଖ୍ୟ କାମ। ଏକଦା ସେ ଜାଣିପାରିଲେ ଜୟରାମ ନାମକ ଦୟାଳୁ, ଦାନବୀର ଏବଂ ପରୋପକାରୀ ସଜ୍ଜନଙ୍କର ମୃତ୍ୟୁ ହୋଇଥିବା ପରେ ତାଙ୍କ ପତ୍ନୀଙ୍କ ପାଖରେ ଅନ୍ତିମ ଯାତ୍ରା ପାଇଁ ଅର୍ଥ ନଥିଲା। ବିଦ୍ୟାସାଗରୀ ଜୟରାମଙ୍କୁ ଜାଣିନଥିଲେ। ମାତ୍ର ତାଙ୍କ ମୃତ୍ୟୁ ପରେ ଅନ୍ତିମ କ୍ରିୟା ପାଇଁ ଆର୍ଥଭାବ ଥିବା ଜାରଣିବା ପରେ ବିଦ୍ୟାସାଗର ତାଙ୍କ ଘରର ଠିକଣା ଖୋଜି ସେଠାରେ ପହଂଚିଥିଲେ। ସେଠାରେ ଜୟରାମଙ୍କ ବିଧବା ପତ୍ନୀଙ୍କୁ ବୁଝାଇବା ସହ ଶ୍ରଦ୍ଧାସୁମନ ଅର୍ପଣ କମରିବା ପାଇଁ କଡ଼ରେ ବସିଥିଲେ। ଜୟରାମଙ୍କ ଘରକୁ ଆସିଥିବା ଲୋକଲଙ୍କ ଭିଡ଼ କମିଲା ପରେ ସେ ସେ ପୁଣି ତାଙ୍କ ବିଧବା ପତ୍ନୀଙ୍କ ପାଖକୁ ଗଲେ। ତାଙ୍କୁ କହିଲେ ମୁଁ ଆଉ ଜୟରାମ ଖୁବ ଭଲ ବନ୍ଧୁଥିଲେ। ଦୁଇଜଣଯାକ ପରସ୍ପରର ସୁଖଦୁଃଖରେ ଠିଆ ହୋଇଥିଲୁ। ଏକଦା ମୁଁ ଅସୁବିଧାରେ ଥିବାବେଳେ ଜୟରାମଙ୍କ ଠାରୁ କିଛି ଅର୍ଥରାଶି ସାହାଯ୍ୟ ନେଇଥିଲି। ଆଜି ମୁଁ ସେହି ଅର୍ଥ ନେଇ ତାଙ୍କ ପାଖକୁ ଆସିବାବେଳେ ଏହି ଦୁଃଖଦ ସମାଚାର ମୋତେ ମିଳିଲା। ଏବେ ତ ସେ ଚାଲିଯାଇଛନ୍ତି, ଏହି ଅର୍ଥ ଆପଣ ହିଁ ରଖିଦଅନ୍ତୁ। ବାକି ଅର୍ଥ ମୁଁ ଧୀରେ ଧୀରେ ସୁଝିବେ। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ଅର୍ଥ ମଁ ଧୀରେ ଧୀରେ ଶୁଝିଦେବି। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ସେ ଅର୍ଥକୁ ଧରିଲେ। ଭବିଷ୍ୟତରେ ବିଦ୍ୟାସାଗର ସେହି ମହିଳାଙ୍କୁ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ଅର୍ଥ ବିଧବା ପଠାଉଥିଲେ। ଅନେକ ବର୍ଷ ପରେ ଜୟରାମଙ୍କ ବିଧବା ପତ୍ନୀଙ୍କୁ ଏହି କାହାଣୀର ବାସ୍ତବତା ଜଣାପଡ଼ିଲା। ସେ ଏଭଳି ମିଛକୁ ନେଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ। ଆଉ ନିଜ ପୁଅ ସହ ମକି ବିଦ୍ରାଗରାଙ୍କ ଘରକୁ ଗଲେ, ସେଠାରେ ତାଙ୍କ ପାଦତଳେ ପଡ଼ି କାନ୍ଦିବାରେ ଲାଗିଲେ। ଆଉ କହିଲେ ଆପଣ ଆମର ଖରାପ ସମୟରେ ସାହାରା ହେଲେ। ଆମେ ଏହି ରଣ କେମିତି ଶୁଝିବୁ? ଏହା ଶୁଣି ବିଦ୍ୟାସାଗର କହିଲେ, ଭଉଣୀ ତୁମ ଆଖିର ଏହି ଲୁହ ସମସ୍ତ ଋଣୀ ଶୁଝି ସଦାରଖିଛନ୍ତି। ତେଣୁ ହୃଦୟରେ କୌଣସି ବୋଝ ନରଖି ଘରକୁ ଫେରିଯାଅ।

## ଦୂର କରନ୍ତୁ କହୁଣି ଏବଂ ଆଣ୍ଠୁର କଳାଦାଗ

♦ ଆଣ୍ଠୁ ଏବଂ କହୁଣିର କଳା ଦାଗ ଦୂର କରିବାକୁ ହେଲେ ଲେମ୍ବୁ ରସକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଲଗାନ୍ତୁ। ଏହାପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ପ୍ରତିଦିନ ଏପରି କଲେ କିଛିଦିନ ମଧ୍ୟରେ ଆପଣ ଫରକ ଜାଣିପାରିବେ।

♦ ଦହିରେ ଏକ ଚାମଚ ବେସନ ଓ ଭିନେଗାର ସାମାନ୍ୟ ପରିମାଣରେ ମିଶାଇ ଏହାକୁ ଆଣ୍ଠୁ ଏବଂ କହୁଣିରେ ଲଗାନ୍ତୁ। ୧୫ ମିନିଟ୍ ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

♦ କ୍ଷୀର ସହିତ ବେକିଂ ସୋଡ଼ା ମିଶାଇ ଏହାକୁ ଆଣ୍ଠୁ ଏବଂ କହୁଣିରେ ଲଗାନ୍ତୁ। ପାଞ୍ଚ ମିନିଟ୍ ପରେ ଏହାକୁ ଧୋଇ ଦିଅନ୍ତୁ। ସପ୍ତାହରେ ଅନ୍ତତଃ ଥରେ ଏପରି କରନ୍ତୁ।

♦ ଆଲୋଭେରା ତ୍ୱଚାକୁ ନମନୀୟ କରିଥାଏ। ଆଲୋଭେରା ରସକୁ ଆଣ୍ଠୁ ଏବଂ ଗଣ୍ଠିରେ ଲଗାଇ ୨୦ ମିନିଟ୍ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାପରେ ଏଥିରେ ଆଲୋଭେରାର ଜେଲ୍ ଲଗାନ୍ତୁ।

ନଡ଼ିଆ ତେଲକୁ ଆଣ୍ଠୁ ଏବଂ କହୁଣିରେ ଲଗାନ୍ତୁ। କିଛି ସମୟ ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

## ପ୍ରେମ ପତ୍ୟାଖ୍ୟାନ ପରେ ପ୍ରେମିକଙ୍କୁ ପ୍ରେମିକା ପଠାଇଥିଲେ ୧ଲକ୍ଷ ୬୦ ହଜାର ମେସେଜ

ମହିଳାଙ୍କ ସହ ଡେଟ୍‌ରେ ଯିବା ଜଣେ ବ୍ୟକ୍ତିଙ୍କ ପାଇଁ ବଡ଼ ମହଙ୍ଗା ପଡ଼ିଥିଲା । ଏହି ବ୍ୟକ୍ତି ଜଣଙ୍କ ନିଜ ପ୍ରଥମ ଡେଟରେ ମହିଳାଙ୍କ ସହ ସମ୍ପର୍କ ରଖିବା ପାଇଁ ମନା କରିଦେଇଥିଲେ । ପରେ ମହିଳା ସବୁ ସୀମା ଅତିକ୍ରମ କରିଥିଲେ । ମହିଳା ଜଣଙ୍କ ନିଜ ପୁରୁଷ ବନ୍ଧୁଙ୍କୁ ମନାଇବା ପାଇଁ ଏପରି ଧାରା ଆପଣାଇଥିଲେ ଯେ, ବାଧରେ ବ୍ୟକ୍ତି ଜଣଙ୍କ ସାହାଯ୍ୟ ନେଇଥିଲେ ପୁଲିସର । ଏବେ ପୁଲିସ ମହିଳାଙ୍କୁ ଗିରଫ କରିଛି । ଏରିଜୋନାରେ ରହୁଥିବା ୩୩ ବର୍ଷୀୟ ଜ୍ୟାକଲିନ୍ ଡେଟିଂ ଆପ୍ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କ ସହ ଡେଟିଂରେ ଯାଇଥିଲେ । ହେଲେ ପ୍ରଥମ ଦିନ ହିଁ ଉକ୍ତ ବ୍ୟକ୍ତି ଜଣଙ୍କ ତାଙ୍କ ସହ ସମ୍ପର୍କ ରଖିବାକୁ ମନା କରିଦେଇଥିଲେ ଏହାକୁ ବିରୋଧ କରି ଜ୍ୟାକଲିନ ଦୈନିକ ତାଙ୍କ ପାଖକୁ ପଠାଉଥିଲେ ୫୦୦ ମେସେଜ । ୧୦ ମାସ ମଧ୍ୟରେ ସେ ପାଖାପାଖି ୧ଲକ୍ଷ ୬୦ ହଜାର ମେସେଜ ପଠାଇଥିଲେ । ଏହି ବାର୍ତ୍ତା ସବୁରେ ଧମକ ଥିଲା, ଅନୁରୋଧ ଥିଲା ଏବଂ ଚେତାବନୀ ମଧ୍ୟ ଥିଲା । ଗୋଟିଏ ବାର୍ତ୍ତାରେ ସେ ଲେଖିଥିଲେ ତୁମେ ମୋତେ ଛାଡ଼ିପାର ହେଲେ ମୁଁ ତୁମକୁ ଛାଡ଼ିବି ନାହିଁ । ବେଶୀ କହିଲେ ମୁଁ ତୁମକୁ ହତ୍ୟା କରିବାକୁ ପଛାଇବି ନାହିଁ । ବାଧରେ ପୁରୁଷ ବନ୍ଧୁ ଜଣଙ୍କ ଜ୍ୟାକଲିନଙ୍କ ନାମରେ ଥାନାରେ ମାମଲା ଦେଇଥିଲେ ।

## ହୃଦୟ ଚୋରିର ଅଭିଯୋଗ ନେଇ ଥାନାରେ ପହଞ୍ଚିଲେ ଯୁବକ




ମହାରାଷ୍ଟ୍ରର ନାଗପୁର ସହରର ପୁଲିସ୍ ଅଧିକାରୀମାନେ ସେତେବେଳେ ବଡ଼ ଅଜବ ପରିସ୍ଥିତିରେ ପହଞ୍ଚିଥିଲେ ଯେତେବେଳେ ଜଣେ ବ୍ୟକ୍ତି ନିଜର ହୃଦୟ ଚୋରିର ଅଭିଯୋଗ ନେଇ ଥାନାରେ ପହଞ୍ଚିଥିଲେ । ଯୁବକ ଜଣଙ୍କ ଜଣେ ଯୁବତୀଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ । ସେ କହିଥିଲେ, ଯେ ଏହି ଯୁବତୀ ଜଣଙ୍କ ମୋ ହୃଦୟକୁ ଚୋରି କରିନେଇଛନ୍ତି । ତେଣୁ ଆପଣମାନେ ମୋ ହୃଦୟକୁ ଖୋଜି କାଢ଼ି ଆଣନ୍ତୁ । ପୂର୍ବରୁ ପୁଲିସ୍ ଅଧିକାରୀମାନେ ଅନେକ ହଜିଯାଇଥିବା ସାମଗ୍ରିକୁ ଖୋଜି ଅଭିଯୋଗକାରୀଙ୍କୁ ପ୍ରଦାନ କରିଆସିଛନ୍ତି । ହେଲେ ଏଭଳି ମାମଲା ନିଆରା ଥିଲା । ତେଣୁ ତୁରନ୍ତ ଏହି ଥାନାର ଅଧିକାରୀମାନେ ବରିଷ୍ଠ ଅଧିକାରୀମାନଙ୍କ ସହ ମାମଲାକୁ ନେଇ ଯୋଗାଯୋଗ କରିଥିଲେ । ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା, ଆଇନଗତ ଦିଗକୁ ମଧ ଦୃଷ୍ଟି ଦିଆଯାଇଥିଲା । ଆଉ ନିଷ୍କର୍ଷ ବାହାରିଥିଲା ଯେ, ଏଭଳି ମାମଲା ଦାୟର ପାଇଁ ଆଇନ ଅନୁସାରେ କୌଣସି ଧାରା ନାହିଁ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୬ ସେପ୍ଟେମ୍ବର ୨୦୨୨, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମନୋଭାବରେ ହିଁ ପରିବର୍ତ୍ତନ ଘଟିବା ଉଚିତ...

ଦିନକୁ ଦିନ ଜାମିନ ପାଇବା ଏକ ମାୟା ମରୀଚିକା ପାଲଟିବାରେ ଲାଗିଛି । ଏ କଥାକୁ ବିଚାରାଧୀନ କଏଦୀମାନଙ୍କ ସଂଖ୍ୟା ଯଦି ପ୍ରମାଣ କରିବାକୁ ଯଥେଷ୍ଟ ନୁହେଁ, ତା'ହେଲେ ଦେଶର ସର୍ବୋଚ୍ଚ ଅଦାଲତ ନିକଟରେ ଜାମିନ ମଞ୍ଜୁର କରିଥିବା ତିନିଜଣଙ୍କ କ୍ଷେତ୍ରରେ ଜାମିନ ପାଇବା କିପରି ଏକ କଷ୍ଟକର ବ୍ୟାପାର ହୋଇଛି, ତହିଁରୁ ଲକ୍ଷ୍ୟ କରାଯାଇପାରେ । ଏହି ତିନିଜଣଙ୍କ ମଧ୍ୟରୁ ନିକଟରେ ଜାମିନରେ ମୁକୁଳିଛନ୍ତି ସାମ୍ବାଦିକ ସିଦ୍ଦିକି କନ୍ ଯିଏକି ଗିରଫ ହୋଇଥିଲେ ୨୦୨୦ଅକ୍ଟୋବର ୫ ତାରିଖରେ, ଯେତେବେଳେ ସେ ହାଥରସ୍ ଯାଉଥିଲେ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାର ଶିକାର ହୋଇଥିବା ଜଣେ ଦଳିତ ବାଳିକା ସମ୍ପର୍କରେ ରିପୋର୍ଟ କରିବାକୁ ବାଟରେ ତାଙ୍କୁ ଉତ୍ତରପ୍ରଦେଶ ପୁଲିସ ଗିରଫ କରିଥିଲା ଏବଂ ଆହ୍ଲାବାଦ ହାଇକୋର୍ଟରୁ ତାଙ୍କର ଜାମିନ ନାମଞ୍ଜୁର ହେବା ପରେ ୭୦୦ ଦିନ ଜେଲରେ ବିତାଇ ଏବେ ସୁପ୍ରିମ୍‌କୋର୍ଟରୁ ଜାମିନ ପାଇଛନ୍ତି । କପ୍ପନ୍ ତ ସୁଯୋଗ ପାଇଲେ ନାହିଁ । ସେଇ ପୀଡ଼ିତାଙ୍କ କାହାଣୀ ଲେଖିବାକୁ, କିନ୍ତୁ ସେଥିପାଇଁ ତାଙ୍କର ଉଦ୍ୟମ ଏବେ ଏକ କାହାଣୀ ପାଲଟି ଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ତିସ୍ତା ଶୀତଲବାଦଙ୍କୁ ଜାମିନ ମଞ୍ଜୁର କଲାବେଳେ ସର୍ବୋଚ୍ଚ 'ଏକ ସ୍ୱାଭାବିକ ସ୍ୱର ଉତ୍ତୋଳନ କରିବାର' ଉଦ୍ୟମ କରି କନ୍ କିଛି ଗୁରୁତର ଅପରାଧ କରି ନଥିଲେ। ଆହୁରି ମଧ୍ୟ ସୁପ୍ରିମ୍‌କୋର୍ଟ ୨୦୧୨ ଦିଲ୍ଲୀ ଗଣଦୁଷ୍କର୍ମ ପରେ ହୋଇଥିବା ପ୍ରତିବାଦଗୁଡ଼ିକର ସକାରାତ୍ମକ ଭୂମିକାକୁ ଏହି ପରିପ୍ରେକ୍ଷୀରେ ଦର୍ଶାଇ ଥିଲେ । ଏହି ପ୍ରତିବାଦଗୁଡ଼ିକ ଯୌନ ଅପରାଧ ସମ୍ବନ୍ଧିତ ଆଇନଗୁଡ଼ିକରେ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନଗୁଡ଼ିକ ଆଣିବାରେ ସମର୍ଥ ହୋଇଥିଲା । ସେହି ଘଟଣାର ଇସାରା ମଧ୍ୟ ରାଷ୍ଟ୍ର ରାଜ୍ୟର ଭୂମିକାର ଏକ ଅନୁସ୍ମରଣକାରୀ ଥିଲା ; ପ୍ରତିବାଦର ମୂଲ୍ୟକୁ ଆକଳନ କରିବା ପାଇଁ ଯଥେଷ୍ଟ ପରିମାଣରେ ସମ୍ବେଦନଶୀଳତା ଏବଂ ନମନୀୟତା ଅବଲମ୍ବନ କରିବା ଆଶା କରାଯାଏ । ସାମ୍ପ୍ରତିକ ସମୟରେ ପରିସ୍ଥିତି ଭିନ୍ନ ହୋଇଛି। ସେଥି ଯୋଗୁଁ ୨୦୧୮ର ଏକ ଟ୍ୱିଟ୍ ପାଇଁ ଦଣ୍ଡିତ କରାଯାଇଥିବା ଅଲ୍ଟ-ନ୍ୟୁଜ୍‌ର ସହ-ପ୍ରତିଷ୍ଠାତା ମହମ୍ମଦ ଜୁବୈରଙ୍କୁ ନିକଟରେ ଜାମିନ ପ୍ରଦାନ କଲାବେଳେ ସୁପ୍ରିମ୍‌କୋର୍ଟଙ୍କ ବକ୍ତବ୍ୟଗୁଡ଼ିକ ବାର୍ତ୍ତା ଭଳି ଥିଲା । କୋର୍ଟ କୁବେରଙ୍କୁ ଟ୍ୱିଟ୍ କରିବାରୁ ନିବୃତ୍ତ କରି ପାରିବେ ନାହିଁ ବୋଲି ମନା କରି ଦେଇଥିଲେ: ଏହା ମଧ୍ୟ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଉଲ୍ଲଙ୍ଘନ କରିବ । କୋର୍ଟ ମଧ୍ୟ ଗିରଫ କରିବା କ୍ଷମତାର ଅଧିକ ବ୍ୟବହାର ନ କରିବାକୁ । ଚେତାବନୀ ଦେବା ସହିତ ଅଭିଯୁକ୍ତଙ୍କୁ ଜେଲରେ ରଖିବା ପାଇଁ ସେମାନଙ୍କ ବିରୋଧରେ ଏକାଧିକ ଦଫା ଲଗାଇବା ଭଳି ପ୍ରଥାର ନିନ୍ଦା କରିଥିଲେ । ସୁଶ୍ରୀ ଶୀତଲବାଦ, ଶ୍ରୀ କନ୍ ଏବଂ ଶ୍ରୀ ଜୁବୈରଙ୍କୁ ପ୍ରଦାନ କରାଯାଇଥିବା ଜାମିନ ଏକ ଉଦାହରଣ ସୃଷ୍ଟି କରିଛି, କିନ୍ତୁ ଏ ବାବଦରେ ଅନ୍ୟ କୋର୍ଟମାନଙ୍କର କୁଣ୍ଠାଭାବ ଏକ ବ୍ୟବସ୍ଥାଗତ ସମସ୍ୟାକୁ ସୂଚାଉଛି ଯେ ସୁପ୍ରିମ୍‌କୋର୍ଟଙ୍କର ଜାମିନ ହେଉଛି ନିୟମ, ଜେଲ ହେଉଛି ବ୍ୟତିକ୍ରମ ଭଳି ବାକ୍ୟର କୌଣସି ପ୍ରଭାବ ଏଯାବତ୍ ସେମାନଙ୍କ ଉପରେ ପଡ଼ିନାହିଁ। ସେମାନେ ଏ ବାବଦରେ ବଚିତ୍ ସୁଧାର ଆଣିବାକୁ ଚାହୁଁଛନ୍ତି । ପ୍ରସଙ୍ଗକ୍ରମେ ଉଲ୍ଲେଖଯୋଗ୍ୟ ଯେ କନ୍ତି ତାଙ୍କର ମାଲାୟାଲମ ସମ୍ବାଦ ୱେବ୍‌ସାଇଟ୍ ଆଝିମୁଖମ୍ ନିମନ୍ତେ ହାଥରସ୍ ଅପରାଧର ବିବରଣୀ ସଂଗ୍ରହ କରିବାକୁ ଘଟଣାସ୍ଥଳକୁ ଯାଉଥିବା ବେଳେ ପୁଲିସ ତାଙ୍କୁ ବାଟରେ ଗିରଫ କରି ପ୍ରଥମେ ତାଙ୍କ ବିରୋଧରେ ଏକ ଜାତି-ଭିତ୍ତିକ ଦଙ୍ଗା ଆରମ୍ଭ କରିବା ଏବଂ ସାମ୍ପ୍ରଦାୟିକ ସଦ୍‌ଭାବନାରେ ବ୍ୟାଘାତ ସୃଷ୍ଟି କରିବାର ଅଭିଯୋଗ ଆଣିଥିବା ବେଳେ ପରେ ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ (ୟୁଏପିଏ)ର ପ୍ରୟୋଗ କରିବା ସହିତ ଆତଙ୍କବାଦ ନିମନ୍ତେ ପାଣ୍ଠି ସଂଗ୍ରହ କରିବାର ଅଭିଯୋଗ ଆଣିଥିଲା। ତେଣୁ କହିବା ବାହୁଲ୍ୟ, ତାଙ୍କ ମାମଲାରେ ପୂର୍ଣଚ୍ଛେଦ ପଡ଼ିବା ପାଇଁ ବହୁ ବର୍ଷ ଲାଗିଯିବ, କିନ୍ତୁ ବିଚାରାଧୀନ କଏଦୀ ଭାବରେ ରହିବା ଭିତରେ ତାଙ୍କ ଜୀବନରେ ସବୁଦିନ ପାଇଁ ପରିବର୍ତ୍ତନ ଘଟି ସାରିଛି । ଜେଲରେ ଥିବା ବେଳେ ସେ ତାଙ୍କ ମା'ଙ୍କୁ ହରାଇଛନ୍ତି ପୁଣି ଉତ୍ତରପ୍ରଦେଶ ପୁଲିସ ଦ୍ୱାରା ସାମ୍ବାଦିକମାନଙ୍କ ପ୍ରତି କଠୋର ବ୍ୟବହାର ପ୍ରଦର୍ଶନ କରାଯିବା ଏବଂ ସେମାନଙ୍କ ସ୍ୱରକୁ ଚପାଇ ଦେବା ପାଇଁ ମଧ୍ୟଯୁଗୀୟ ଆଇନକୁ ପ୍ରୟୋଗ କରାଯିବା ଭଳି କାର୍ଯ୍ୟ ଦୃଷ୍ଟିରୁ କଙ୍କ ମାମଲା ପ୍ରଥମ ନୁହେଁ । ମନେହୁଏ ଏହା 'ପ୍ରକ୍ରିୟା ହିଁ ଦଣ୍ଡ ଭଳି ପ୍ରବାଦ ଆଧାରରେ କାର୍ଯ୍ୟକରେ କଙ୍କ ମାମଲା ଏହାର ଏକ ପ୍ରକୃଷ୍ଟ ଉଦାହରଣ। କନ୍ ଯେତିକି ସମୟ ଜେଲରେ କଟାଇ ସାରିଛନ୍ତି, ସେହି ସମୟର ଦୀର୍ଘତା ଉପରେ ସୁପ୍ରିମକୋର୍ଟ ମନ୍ତବ୍ୟ ପ୍ରଦାନ କରିଛନ୍ତି; ଏକ ନିର୍ଦ୍ଦିଷ୍ଟ ଧରଣର ବନ୍ଦୀମାନଙ୍କ ପାଇଁ ଜାମିନ ଦୁର୍ଲଭ ହୋଇ ଯାଉଛି କି ? ଉଦାହରଣ ସ୍ୱରୂପ, ଏଲ୍‌ଗାର ପରିଷଦ ମାମଲାରେ ଯେଉଁମାନେ ଗିରଫ ହୋଇଥିଲେ, ସେମାନଙ୍କୁ ଜାମିନ ପ୍ରଦାନ କରିବାଜନିତ ମାମଲା ଭଳି ? କିନ୍ତୁ ମୋଟାମୋଟି ଦେଖିଲେ, ଏହା ହେଉଛି ଜାମିନ ପ୍ରଦାନକୁ ନେଇ ରହିଥିବା ସାଧାରଣ କୃପଣପଣିଆର ଦୃଷ୍ଟାନ୍ତ । ଆଉ ପ୍ରକୃତରେ ଏଇ ମନୋଭାବରେ ହିଁ ପରିବର୍ତ୍ତନ ଘଟିବା ଉଚିତ, ଅନ୍ୟଥା ସାମ୍ପ୍ରତିକ ସମୟରେ ପ୍ରଦାନ କରାଯାଇଥିବା ଜାମିନଗୁଡ଼ିକ କେବଳ ଉଦାହରଣ ହୋଇ ରହିଯିବ।

## ବଢୁଛି ଇଡିର ଶିଢି



ସୌମେନ୍ଦ୍ର ଜେନା

ଦେଶର ଭିନ୍ନ ଭିନ୍ନ ପ୍ରଦେଶରେ ଇଡିର ଅଗ୍ରନକ ଚଢାଉ ରାଜନେତା, ଠକ ବ୍ୟବସାୟୀ, ଟଙ୍କା ଜମାଖୋର, ଦୁର୍ନୀତିଗ୍ରସ୍ତ ଅଧିକାରୀ ଏବଂ ସେମାନଙ୍କ ସଂପର୍କୀୟ ଗଣମାଧ୍ୟମର ପ୍ରତିନିଧି ଓ ସମର୍ଥକମାନଙ୍କୁ ନିରାଶ କରିଥିବା ସମୟରେ ସାଧାରଣ ଜନତାଙ୍କ ମନରେ ବ୍ୟବସ୍ଥା ପ୍ରତି ଅଧିକ ବିଶ୍ୱାସ ବୃଦ୍ଧି କରିଛି । ସାଧାରଣ ଜନତାଙ୍କ ଅର୍ଥକୁ ଭିନ୍ନ ଭିନ୍ନ ମାର୍ଗରେ କିଛି ଲୋକ ନିଜର ସଂପତ୍ତିରେ ପରିଣତ କରିବା ପ୍ରକ୍ରିୟାରେ ଇଡି ଅନେକ ସ୍ଥାନରେ ପ୍ରତିବନ୍ଧକ ହୋଇଛି । ତେଣୁ ଏପ୍ରକାର ଚଢାଉରେ ସେମାନଙ୍କ ଗାତ୍ରଦାହ ହେବା ସ୍ୱାଭାବିକ । ନିଜର ଅପକର୍ମକୁ ଲୁଚ଼ାଇବାକୁ ଯାଇ ସେମାନେ ଉତ୍କ୍ଷିପ୍ତ ହେବା, ଧାରଣାଦେବା, ସମର୍ଥକଙ୍କୁ ଧରି ବିକ୍ଷୋଭ କରିବାରେ କିଛି ନୂଆ କଥା ନାହିଁ । ଦେଶ ଓ ଜନତାଙ୍କ ସଂପତ୍ତିକୁ ଲୁଟୁଥିବା ଲୋକମାନଙ୍କ ମୁଖାଗୁଡିକୁ ମୁହଁରୁ ଖସାଇବାକୁ ଇଡି ଯେପରି ଦିନକୁ ଦିନ ଅଧିକରୁ ଅଧିକ ଚଢାଉ ଜାରିରଖି ସଂପତ୍ତି ଜବତ କରୁଛି ତାହା ସାଧାରଣରେ ପ୍ରଶଂସାର କାରଣ ହୋଇଛି । ମୁକ୍ତବଜାର ଅର୍ଥନୀତି ସମୟରେ ଆନ୍ତର୍ଜାତିକ ବାଣିଜ୍ୟିକ ସଂପର୍କ ବଢୁଥିବା ଯୋଗୁ ଦେଣନେଣ ଢେର ବଢିଯାଇଛି । ସେମିତି କମ୍ପାନୀ,ପେସାଦାର ଲୋକଙ୍କ ସଂଖ୍ୟା ମଧ୍ୟ ବଢିଛି । ରୋଜଗାର ଦିନକୁ ଦିନ ବଢୁଥିଲା ବେଳେ ସୁବିଧାକୁ ହାତେଇବା ପାଇଁ ପ୍ରୟାସ ମଧ୍ୟ ବଢିବାରେ ଲାଗିଛି । ଏହି ପରିସ୍ଥିତିରେ ବ୍ୟବସାୟୀଙ୍କ ନଗଦ ଟଙ୍କା ଜମାଖୋରୀ, ଅଧିକାରୀମାନଙ୍କ କଳାଟଙ୍କା ଜମାଖୋରୀ, ଦୁର୍ନୀତି ଗ୍ରସ୍ତ ନେତାମାନଙ୍କ ଜାଲିଆତି ଆଶାତୀତ ବୃଦ୍ଧି ପାଇଛି । ଏମାନଙ୍କ ଉପରେ ସବୁବେଳେ ଦୃଷ୍ଟିରଖି କଳାଧନ ଜବତ କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସର୍ତକତାର ସହ ପ୍ରୟାସ ଜାରିରଖିଛି ।

ଇଡିର ଚଢାଉ ଅକସ୍ମାତ ସନ୍ଦେହଯୁକ୍ତ ଲୋକର ଘର ଉପରେ ହୋଇଥାଏ । କର୍ମଚାରୀମାନେ ଚଢାଉ କରିବା ପୂର୍ବରୁ ଲୋକଙ୍କୁ ୱାରେଣ୍ଟ ଦେଖାଇ କାର୍ଯ୍ୟରେ ସହଯୋଗ କରିବାକୁ କହିଥାନ୍ତି । ଘର ଭିତରୁ ଫଟୋ କିମ୍ବା ତଥ୍ୟ ଯେପରି ତୁରନ୍ତ ବାହାରକୁ ପଠାନଯାଏ ସେଥିପାଇଁ ପ୍ରଥମେ ମୋବାଇଲଗୁଡିକୁ ଜବତ କରାଯାଇଥାଏ । ଚାଲୁଥିବା କମ୍ପ୍ୟୁଟରକୁ ବନ୍ଦ କରାଯାଏ । ଘରେ ଥିବା ଲୋକମାନଙ୍କୁ ତଦନ୍ତରେ ସହଯୋଗ କରିବାଲାଗି କୁହାଯାଇଥାଏ । ୨୦୦୨ର ଅର୍ଥ ଜାଲିଆତି ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ), ୧୯୯୯ର ବିଦେଶୀ ମୁଦ୍ରା ପରିବର୍ତ୍ତନ ପରିଚାଳନା ଆଇନ (ଫେମା), ୨୦୧୮ର ଆର୍ଥିକ ଅପରାଧ ଆଇନ( ଫେଓଆ) ବଳରେ ଏହିସବୁ ଚଢାଉ ହୋଇଥାଏ । ଦେଖିବାକୁ ଗଲେ ସବୁଠୁ ଅଧିକ ଚଢାଉ ଅର୍ଥ ଜାଲିଆତିକୁ ନେଇ ହୋଇଥାଏ । ଏହା ଏକ ଅପରାଧିକ ଆଇନ । ବେଆଇନ ଭାବେ ଅର୍ଜନ କରାଯାଇଥିବା ଅର୍ଥକୁ ଏହି ଆଇନ ଅନୁଯାୟୀ ଇଡି ଜବତ କରେ । ସ୍ୱତନ୍ତ୍ର ଅଦାଲତରେ ଏହି ଜାଲିଆତିକୁ ସାବ୍ୟସ୍ତ କରିବାକୁ ହୋଇଥାଏ । ଦ୍ୱିତୀୟ ଆଇନଟି ଏକ ସିଭିଲ ଆଇନ । ଏହି ଆଇନ ଅନୁଯାୟୀ ଇଡି ଚଢାଉ ଅର୍ଥ ଜବତ କରିବା ସହ ଜୋରିମାନା ଆଦାୟ କରିବାର ବ୍ୟବସ୍ଥା ରହିଛି । କିନ୍ତୁ ଏହି ଆଇନରେ ଗିରଫ କରାଯିବାର ବ୍ୟବସ୍ଥା ନାହିଁ । ତୃତୀୟ ଆଇନରେ ୧୦୦କୋଟିରୁ ଅଧିକ ମାମଲାର ତଦନ୍ତ ହୋଇଥାଏ । ଫେରାର ଅଭିଯୁକ୍ତର ସଂପତ୍ତିକୁ ଜବତ କରାଯିବା ଲାଗି ଏଥିରେ ବ୍ୟବସ୍ଥା ରହିଛି । ଦୁର୍ନୀତି ନିବାରଣ ବିଭାଗ, ପୁଲିସ, ସିବିଆଇ ପକ୍ଷରୁ ପ୍ରାଥମିକ ଅଭିଯୋଗପତ୍ର (ଏଫ୍‌ଆଇଆର୍) ଦାଖଲ ହୋଇଥିଲେ ଅର୍ଥ ଜାଲିଆତି ମାମଲାରେ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ । ପ୍ରାଥମିକ ସୂଚନା ପାଇବାପରେ ଆର୍ଥିକ ଯାଞ୍ଚ ଶାଖା କାର୍ଯ୍ୟ କରେ । ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥର ସୀମାରୁ ଅଧିକ ଦେଣନେଣ ହୋଇଥିଲେ ବ୍ୟାଙ୍କଗୁଡିକରୁ ତଥ୍ୟ ପାଇବାଲାଗି ସଂସ୍ଥା ପକ୍ଷରୁ ଚିଠି ପଠାଯାଇଥାଏ । ସନ୍ଦେହଜନକ ଦେଣନେଣ ହୋଇଥିବା ଦୃଷ୍ଟିକୁ ଆସିଲେ ସେସବୁର ତଥ୍ୟ ସଂଗ୍ରହ କରାଯାଏ । ପ୍ରମାଣ ମିଳିବା ସ୍ଥଳେ ଅଭିଯୋଗ କରାଯାଇଥାଏ । ତେବେ ଅଭିଯୁକ୍ତ ତଥ୍ୟ ଲୁଚ଼ାଇପାରେ ବୋଲି ଆଶଙ୍କା କରାଯିବା ସ୍ଥଳେ ଚଢାଉ ହୋଇଥାଏ । କାରଣ କେତେକ ସ୍ଥଳରେ ନୋଟିସ ଦେବାପରେ ଅଭିଯୁକ୍ତ ପ୍ରମାଣ ନଷ୍ଟ କରିବା, କାଗଜପତ୍ର ବଦଳ କରିବାର ସମ୍ଭାବନା ରହିଥାଏ । କେତେକ କ୍ଷେତ୍ରରେ ପ୍ରଥମେ ଅଭିଯୁକ୍ତର ନିକଟ ସହଯୋଗୀଙ୍କ ଉପରେ ପ୍ରଥମେ ଚଢାଉ କରାଯାଇ ତଦନ୍ତ ହୋଇଥାଏ । ଏଥିପାଇଁ ରଣକୌଶଳ ପ୍ରସ୍ତୁତି ବିଭାଗୀୟ ଅଧିକାରୀଙ୍କ ଉପରେ ହିଁ ରହିଥାଏ ।

ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାକୁ ୨୦୧୪ରେ ଆସିବା ପରଠାରୁ ଇଡିର ସକ୍ରୀୟତା ବହୁତ ବଢିଛି । ଯଦି ବିଗତ ୮ବର୍ଷର ମାମଲାକୁ ତୁଳନା କରାଯାଏ ତେବେ ଜଣାପଡିବ ଯେ ୨୦୧୪-୧୫ବେଳକୁ ଇଡି ପାଖରେ ପିଏମ୍‌ଏଲ୍‌ଏ ମାମଲା ୧୭୮ଟି ରହିଥିଲା ବେଳେ ୨୦୨୧-୨୨ରେ ତାହା ବଢି ୧୧୮୦ରେ ପହଞ୍ଚିଛି । ଠିକ୍ ସେମିତି ୯୧୫ଟି ଫେମା ମାମଲା ୨୦୧୪-୧୫ ସୁଦ୍ଧା ଥିଲା । ୨୦୨୧-୨୨ ବେଳକୁ ତାହା ୫୩୧୩ରେ ପହଞ୍ଚିଛି । ସେମିତି ଗତ ୬ବର୍ଷର ହିସାବକୁ ଦେଖିଲେ ଜଣାପଡିବ ଯେ ୨୦୧୬-୧୭ରେ ଇଡିର ଚଢାଉ ୪୫୬୭, ନୋଟିସ ଜାରି ୨୨୬, ଗିରଫଦାରି ୩୧ ହୋଇଥିଲା । ୨୦୧୭-୧୮ରେ ଚଢାଉ ୫୮୩୭, ନୋଟିସ ଜାରି ୩୬୮ ଏବଂ ଗିରଫଦାରି ୩୮ହୋଇ ଥିଲା । ୨୦୧୮-୧୯ରେ ଚଢାଉ ୯୧୭୫, ନୋଟିସ୍ ଜାରି ୫୧୯, ଗିରଫଦାରି ୨୪ ହୋଇଥିଲା । ୨୦୧୯-୨୦ରେ ଚଢାଉ ୧୦୬୬୮, ନୋଟିସ ଜାରି ୩୩୫, ଗିରଫଦାରି ୪୧ ହୋଇଥିଲା ।୨୦୨୦-୨୧ରେ ଚଢାଉ ୧୨୧୭୩, ନୋଟିସ ଜାରି ୫୯୬, ଗିରଫଦାରି ୭୮ ହୋଇଥିଲା । ୨୦୨୧-୨୨ରେ ଚଢାଉ ୧୧୨୫୨,ନୋଟିସ ଜାରି ୫୭୨, ଗିରଫଦାରି ୫୪ ହୋଇଥିଲା। ବିଗତ ୧୭ବର୍ଷରେ ପିଏମ୍‌ଏଲ୍‌ଏ ମାମଲା ୫୪୨୨ଟି ହୋଇଥିଲା । ୧୭୩୯ଟିରେ ମାଲଜବତ, ୪୦୦ ଗିରଫଦାରି, ୧.୦୪ଲକ୍ଷ କୋଟି ସଂପତ୍ତି ଜବତ ହେବା ସହ ୨୫ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେମିତି ବିଦେଶୀ ମୁଦ୍ରା କାରବାର (ଫେମା) ମାମଲା ୩୦୭୧୬ଟି ହୋଇଥିଲା ବେଳେ ୧୫୪୯୫ଟି ମାମଲାକୁ ବନ୍ଦ କରାଯାଇଥିଲା । ୮୧୦୯ ମାମଲାରେ ନୋଟିସ ହୋଇଥିଲା । ଆର୍ଥିକ ଜାଲିଆତି ମାମଲା (ଫେଓଆ)ରେ ୧୪ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ୯ଜଣଙ୍କୁ ଫେରାର ଘୋଷଣା କରାଯାଇଥିଲା ଏବଂ ୪୩୩କୋଟି ସଂପତ୍ତିକୁ ଜବତ କରାଯାଇଥିଲା ।

ବିଗତ ଦିନରେ ଦେଶରେ ଆର୍ଥିକ ଜାଲିଆତି ଓ ଜମାଖୋରି ବଢିବା ଦେଖିବାକୁ ମିଳିଛି । କେବଳ ଗତ ୪ ବର୍ଷରେ ଇଡି ପକ୍ଷରୁ ୬୭ହଜାର କୋଟିର ସଂପତ୍ତିକୁ ଜବତ କରାଯାଇଛି । ୨୦୧୮-୧୯ରେ ୧୫୪୯୦, ୨୦୧୯-୨୦ରେ ୨୮୮୧୫, ୨୦୨୦-୨୧ରେ ୧୪୧୦୭, ୨୦୨୧-୨୨ରେ ୮୯୮୯କୋଟି ଟଙ୍କାର ସଂପତ୍ତିକୁ ଜବତ କରାଯାଇଛି । ଏହାର ପୂର୍ବ ବର୍ଷଗୁଡିକର ତାଲିକା ଦେଖିଲେ ଜଣାପଡିବ ଯେ ୨୦୧୭-୧୮ରେ ୭୪୩୨କୋଟି, ୨୦୧୬-୧୭ ରେ ୧୧୦୩୨ କୋଟି, ୨୦୧୫-୧୬ରେ ୨୦୦୦କୋଟି, ୨୦୧୪-୧୫ରେ ୩୬୫୭ କୋଟି, ୨୦୧୩-୧୪ରେ ୧୭୭୩ କୋଟି, ୨୦୧୨-୧୩ରେ ୨୩୫୮ କୋଟି ଟଙ୍କା ଇଡି ପକ୍ଷରୁ ଜବତ କରାଯାଇଥିଲା । ଇଡି ପକ୍ଷରୁ ତଦନ୍ତ ବେଳେ ଫୋନ୍ ଟ୍ୟାପିଂ, ଫୋନ ରେକର୍ଡ,. ମୋବାଇଲ କମ୍ପୁଟର ତଥ୍ୟ, ବ୍ୟାଙ୍କ ଜମା ଦେଣନେଣର ରେକର୍ଡ, ସେବିର ଫାଇଲିଂ, କେନ୍ଦ୍ର କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ରେକର୍ଡକୁ ଆଧାର ଭାବେ ଗ୍ରହଣ କରାଯାଇଥାଏ । ଅର୍ଥ ମନ୍ତ୍ରଣାଳୟର ରେଭିନ୍ୟୁ ବିଭାଗର ଅଧିନରେ ଏକ ଯାଞ୍ଚ ସଂସ୍ଥା ଭାବେ ଇଡି କାର୍ଯ୍ୟ କରୁଛି । ୧ ମଇ ୧୯୫୬ରେ ଏହା କାର୍ଯ୍ୟାରମ୍ଭ କରିଥିଲା । ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ରହିଛି ଏବଂ ଆଞ୍ଚଳିକ କାର୍ଯ୍ୟାଳୟ କୋଲକାତା, ଚେନ୍ନାଇ, ମୁମ୍ବାଇ, ଓ ଚଣ୍ଡିଗଡରେ ରହିଛି । ଆର୍ଥିକ ଅପରାଧ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଏବଂ ଆର୍ଥିକ ଆଇନ ଲାଗୁ କରାଇବା ହେଉଛି ଇଡିର କାର୍ଯ୍ୟ । ସଂପ୍ରତି ନେସନାଲ ହେରାଲ୍ଡ୍ ଖବରକାଗଜର ସଂପତ୍ତି ମାମଲାରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି, ସାଂସଦ ରାହୁଳ ଗାନ୍ଧି, ସାଂସଦ ମଲ୍ଲିକାର୍ଜୁନ ଖଡଗେଙ୍କ ବିରୁଦ୍ଧରେ ଇଡି ପକ୍ଷରୁ ଯାଞ୍ଚ ଜାରିରହିଛି । ଅର୍ଥ ଜାଲିଆତି ମାମଲାରେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଅନିଲ ଦେଶମୁଖ, ବେନାମି ସଂପତ୍ତି ମାମଲାରେ ପୂର୍ବତନ ସାଂସଦ ମୁଖତାର ଅନସାରୀ, ଆଇଏନ୍‌ଏକ୍ସ ମିଡିଆ ମାମଲାରେ ପୂର୍ବତନ କେନ୍ଦ୍ରୀୟମନ୍ତ୍ରୀ ପି.ଚିଦାମ୍ବରମ୍, ପାତ୍ର ଚଲ ମାମଲାରେ ଶିବସେନା ସାଂସଦ ସଞ୍ଜୟ ରାଉତ ଏବଂ ନିଯୁକ୍ତି ପାଇଁ ଅର୍ଥ ସଂଗ୍ରହ ମାମଲାରେ ପଶ୍ଚିମବଙ୍ଗ ରାଜ୍ୟର ତୃଣମୂଳ କଂଗ୍ରେସ ନେତା ପାର୍ଥ ଚଟାର୍ଜୀଙ୍କ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ବିରୁଦ୍ଧରେ ଇଡି ପକ୍ଷରୁ ମାମଲା ଚାଲିଛି।

ସୋନିଆ- ରାହୁଳ କିମ୍ବା ସଞ୍ଜୟଙ୍କୁ ଯାଞ୍ଚ ପାଇଁ ଡକାଯିବା ବେଳେ କଂଗ୍ରେସ ଏବଂ ଶିବସେନା ଦଳ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିଲା, ଗଣମାଧ୍ୟମରେ ଇଡି ବିରୋଧୀ ବୟାନବାଜି କରାଯାଇଥିଲା, ଲୋକଙ୍କୁ ମେଳ କରାଇ ନାଲିଆଖି ଦେଖାଇବାକୁ ଚେଷ୍ଟା ହୋଇଥିଲା । କଥାରେ ଅଛି ଚୋରର ମୁହଁ ସବୁବେଳେ ଟାଣ । ଏକଥା ଇଡିକୁ ଜଣାଅଛି ଏବଂ ଦେଖୁଥିବା ସାଧାରଣ ଜନତାଙ୍କୁ ମଧ୍ୟ।

ଭାରତୀୟ ସମ୍ବାଦ ସେବା
(ଭାସ୍)
ଭୁବନେଶ୍ୱର-୭୫୧୦୦୩

## ଓଡିଆ ସାହିତ୍ୟରେ ସମୟର ଡାକ

ରାଜୀବ କୁମାର ଷଡ଼ଙ୍ଗୀ

ସମୟର କଥା କହେ ସାହିତ୍ୟ। ପ୍ରତ୍ୟେକଟି ସମୟର ଚାଲିଚଳନ, ରୀତିନୀତି, ସମାଜବ୍ୟବସ୍ଥା ଓ ଶାସନବ୍ୟବସ୍ଥାର ପ୍ରତିଫଳନ ସାହିତ୍ୟରେ ଆପେଆପେ ଘଟେ। ସାହିତ୍ୟ ସେଥିପାଇଁ ବେଳେବେଳେ ପାଲଟିଯାଏ ଦସ୍ତାବିଜ୍। ସାହିତ୍ୟରୁ ବାରିହୋଇ ପଡ଼େ ଲେଖାଯାଇଥିବା ସମୟର ଚରିତ୍ରମାନଙ୍କର ଜୀବନଶୈଳୀ ବା ଜୀବନଗାଥା। ଏଥିରୁ ଓଡ଼ିଆ ସାହିତ୍ୟ ବାଦ୍ ପଡ଼ନ୍ତା ବା କେମିତି? ଓଡ଼ିଆ ସାହିତ୍ୟରେ ମଧ୍ୟ ପ୍ରତ୍ୟେକଟି ସମୟର ପ୍ରଭାବ ପ୍ରତିଫଳିତ ହୋଇଛି। ଏବେ କିନ୍ତୁ ଓଡ଼ିଆ ସାହିତ୍ୟରେ ସମୟର ଡାକ ଏକ ଭିନ୍ନ ପ୍ରସଙ୍ଗର। ଓଡ଼ିଆ ସାହିତ୍ୟରେ ପିଢ଼ି ପରେ ପିଢ଼ିମାନଙ୍କର ପ୍ରବେଶ ଓ ବିଲୟ ଘଟିବାରେ ଲାଗିଛି। ପ୍ରତ୍ୟେକଟି ପିଢ଼ି ତାଙ୍କ ସମୟର ସୁଖଦୁଃଖ, ରୀତିନୀତି, ଚାଲିଚଳନ ଓ ଅନୁଭବକୁ ସାହିତ୍ୟରେ ପ୍ରତିଫଳିତ କରିଛନ୍ତି। ସାହିତ୍ୟର ବିଭାଗୀକରଣ ବ୍ୟାପକ। ଯେପରି ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, କବିତା, ଆଲୋଚନା-ସମାଲୋଚନା, ଜୀବନୀ, ଭ୍ରମଣ ସାହତ୍ୟ ପରି ଅନେକ ବର୍ଗୀକରଣ କରାଯାଇପାରେ। ଏବେ କିନ୍ତୁ ଓଡ଼ିଆ ସାହିତ୍ୟ ସୃଷ୍ଟି କରୁଥିବା ତରୁଣ ପିଢ଼ି ଗୋଟିଏ ଜାଗାରେ ଅଟକିଯାଇଥିବାର ଅନୁଭବ ହୁଏ। ପ୍ରତ୍ୟେକଟି ସ୍ରଷ୍ଟା କବିତା ସୃଷ୍ଟିରେ ଲାଗିପଡ଼ିଥିଲା ବେଳେ ଏବେ ଉପନ୍ୟାସ, ପ୍ରବନ୍ଧ, ଧର୍ମ, ଆଲୋଚନା ଓ ସମାଲୋଚନା ସାହିତ୍ୟରେ ସ୍ରଷ୍ଟାମାନଙ୍କର ଅଭାବ ପରିଲକ୍ଷିତ ହେଉଛି। ଏଥିସହ ଗଳ୍ପ ସାହିତ୍ୟରେ ତରୁଣ ସ୍ରଷ୍ଟାମାନେ ଥିଲେ ବି ସେମାନଙ୍କ ସ୍ୱରରେ ଅନୁଭବ ଓ ଅନୁଶୀଳନର ଅଭାବ ଅନୁଭୂତ ହେବା ସହିତ ଚରିତ୍ରମାନଙ୍କର ସଠିକ୍ ରୂପାୟନ କରିବାରେ ବିଫଳତା ପରିଲକ୍ଷିତ ହେଉଛି। ଏକ ସର୍ବେକ୍ଷଣରୁ ଜଣାପଡ଼େ, ବର୍ଷକ ମଧ୍ୟରେ ପ୍ରକାଶ ପାଉଥିବା ପୁସ୍ତକମାନଙ୍କ ମଧ୍ୟରୁ ଶତକଡ଼ା ୮୦ ଭାଗ କେବଳ କବିତା ପୁସ୍ତକ। ଗଳ୍ପ, ପ୍ରବନ୍ଧ, ଉପନ୍ୟାସ, ନାଟକ, ଧର୍ମ, ଜୀବନୀ, ଭ୍ରମଣ କାହାଣୀ, ଆଲୋଚନା-ସମାଲୋଚନା ଆଦି ସାହିତ୍ୟରେ ତରୁଣ ସ୍ରଷ୍ଟାମାନଙ୍କର ପ୍ରବେଶର ପରିମାଣ ଖୁବ୍ କମ୍। ହାତଗଣତି ତରୁଣ ପ୍ରାବନ୍ଧିକମାନଙ୍କର ପ୍ରବନ୍ଧ ବିଭିନ୍ନ ପତ୍ରପତ୍ରିକାରେ କାଁ ଭାଁ ଆଖିରେ ପଡ଼େ। ସଂଖ୍ୟାଧିକ ତରୁଣ ଲେଖକ ଏ ଦିଗରେ ପ୍ରୟାସ ନକରିବା ଓଡ଼ିଆ ସାହିତ୍ୟ ପାଇଁ ଶୁଭ ଲକ୍ଷଣ ନୁହେଁ। ଓଡ଼ିଆ ସାହିତ୍ୟରେ ଶିଶୁସାହିତ୍ୟ ନାଆଁରେ ତରୁଣମାନଙ୍କ ଠାରୁ ଆରମ୍ଭ କରି ବରିଷ୍ଠମାନଙ୍କ ପର୍ଯ୍ୟନ୍ତ ବହୁସଂଖ୍ୟକ ଲେଖକ କଲମ ଚଳାଇଥିଲେ ହେଁ, ସଚ୍ଚା ଶିଶୁସାହିତ୍ୟ ଖୁବ୍ କମ୍ ଲେଖାଯାଉଛି। ବାସ୍ତବରେ ଶିଶୁସାହିତ୍ୟ ଯେ ସାହିତ୍ୟର ମୂଳଭିତ୍ତି, ଏକଥା କୌଣସି ଲେଖକ ଭୁଲିଯିବା ଉଚିତ ନୁହେଁ। ଅନ୍ୟପକ୍ଷରେ ସମ୍ପ୍ରତି କେବଳ କବିତା ରଚନା ଦିଗରେ ନବପିଢ଼ିମାନେ ବିଶେଷ ପ୍ରମତ୍ତ ଥିବାର ଲକ୍ଷ୍ୟ କରାଯାଏ। ତା' ନହୋଇଥିଲେ ଏପରି ତଥାକଥିତ କବିମାନଙ୍କର ପରିମାଣ ଦିନକୁ ଦିନ ବୃଦ୍ଧିପାଆନ୍ତା ନାହିଁ। ଜଣେ ସମାଲୋଚକଙ୍କ ମତରେ, ଏବେ ମୁକ୍ତଛନ୍ଦରେ ଲେଖାଯାଉଥିବା କବିତାର ପରିମାଣ ସର୍ବାଧିକ। କାରଣ ମୁକ୍ତଛନ୍ଦକୁ ଆଶ୍ରୟ କରି ଜଣେ ସହଜରେ କବି ବନିଯାଉଥିଲା ବେଳେ ସାହିତ୍ୟର ଅନ୍ୟ ବିଭାଗରେ ଏହା ଘଟୁନାହିଁ କାହିଁକି? ପ୍ରତୀକ, ଚିତ୍ରକଳ୍ପ ଓ ମିଥ୍ ନାଆଁରେ ଯାହାତାହା ଥୋଇଦେବା ଫଳରେ ଉତ୍ତର-ଆଧୁନିକ କବିତା ଏକ ଅଶରୀରି ସଦୃଶ ପ୍ରତୀୟମାନ ହେଉଛି। ଯେପରି ଅଶରୀରି କୌଣସି ରୂପ ନଥାଇ ବି ଆଲୋଚନାର ବିଷୟବସ୍ତୁ ପାଲଟେ, ସେହିପରି ଆଜି ଆଧୁନିକ କବିତାର ଅବସ୍ଥା। କାରଣ ଏବେ ତରୁଣ ପିଢ଼ି ସହଜସାଧ୍ୟ ଫନ୍ଦିରେ ସାହିତ୍ୟିକ ରୂପେ ପରିଗଣିତ ହେବା ପାଇଁ ଏଣ୍ଣୁତେଣୁ କିଛି ଗାରେଇମାରେଇ ପୁରସ୍କାର, ସମ୍ମାନ, ସମ୍ବର୍ଦ୍ଧନା, ଉପାଧି ଆଦି ହାତେଇବାକୁ ଚେଷ୍ଟା କରୁଛି। କବିତା ଯେହେତୁ ଏକ ବିଶାଳ ଭାବର ଘନୀଭୂତ ରୂପ, ତେଣୁ ତା'ର ସ୍ୱରୂପ ସଂକ୍ଷିପ୍ତ। କିନ୍ତୁ ସାହିତ୍ୟର ଅନ୍ୟ କୌଣସି ବିଭାଗରେ ପ୍ରବେଶ ଓ ପ୍ରତିଷ୍ଠା ପାଇଁ ଅନବରତ ଅଧ୍ୟୟନ କରିବା, ଚରିତ୍ରମାନଙ୍କୁ ଅନୁଭବ କରିବା ଓ ଅନୁଧ୍ୟାନ କରିବା ସହ ସମୟର ଯଥାର୍ଥ ପ୍ରତିଫଳନ ଘଟାଇବା ଏକ କଷ୍ଟକର ବ୍ୟାପାର। ଏଥିସହ ଓଡ଼ିଆ ଭାଷା-ସାହିତ୍ୟ ସହ ଅନେକ ପ୍ରତିବେଶୀ ସାହିତ୍ୟ ଅଧ୍ୟୟନର ଆବଶ୍ୟକତା ରହିଛି। ତେଣୁ ଅଧିକାଂଶ ତରୁଣ ସ୍ରଷ୍ଟା ଅଧ୍ୟୟନ କରିବା, ଗବେଷଣା କରିବା ବା ବିଷୟବସ୍ତୁର ଗଭୀରତମ ପ୍ରଦେଶରେ ପ୍ରବେଶ କରିବାକୁ ସାହସ ଜୁଟାଇପାରୁ ନାହାନ୍ତି। ଖାସ୍ ଏଇଥିପାଇଁ ତ କବିତା ବିଭାଗ ଛଡ଼ା ଅନ୍ୟାନ୍ୟ ବିଭାଗ ମରୁଭୂମିରେ ପରିଣତ ହେବାକୁ ଲାଗିଲାଣି। ତେଣୁ ଏବେ ଓଡ଼ିଆ ସାହିତ୍ୟରେ ସମୟର ଡାକକୁ ଶୁଣିବାକୁ ହେବ, ନଚେତ୍ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯେପରି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି, ତାହା ଓଡ଼ିଆ ସାହିତ୍ୟର ପାଣିପାଗକୁ ବିଗାଡ଼ି ନଦେବ ବୋଲି କିଏ କହିବ?

ସମ୍ପାଦକ 'ଜାହ୍ନବୀ'
ରାମକୃଷ୍ଣପୁର, ରାମେଶ୍ୱର,
କଟକ-୭୫୪୨୦୧
ମୋ:୯୪୩୯୭୩୫୩୧୧




### ପିଞ୍ଜରାବନ୍ଧା ପକ୍ଷୀଟିଏ

ପ୍ରଶାନ୍ତ ବ୍ରହ୍ମା

ପିଞ୍ଜରା ବନ୍ଧା ପକ୍ଷୀ ଟିଏ ମୁଁ ଛନ୍ଦା ମୋର ପାଦ ଦୁଇ
ଚାହିଁ ରହିଛି ମୁଁ ଶୂନ୍ୟ ଆକାଶକୁ ଲୁହକୁ ଝରାଇ।

କେବେ ଆସିବ ଦିନ ମୋର ଉଡିବି ମୁଁ ମୁକ୍ତ ବିହଙ୍ଗ ପରି
ବୟସ ତ ଗଲାଣି ଗଡ଼ି କେବେ ଅବା ଯିବି ମୁହିଁ ସେପାରି।

ଆଖି ଲୁହ ଆଖିରେ ଭିଜାଇ ଦିନ ଯାଏ ମୋର ବିତି
ଯାହାକୁ ଦେଖିବୁ ସମସ୍ତେ କରନ୍ତି ବ୍ୟସ୍ତ ର ଗତି।

ଭାଷା ମୋର ବୁଝେନା ଏ ମଣିଷ ଯାଉଥାଏ ସେହି ବାଟେ
ଛଟପଟ ହୁଏ ମୁଁ ହେଲେ ସମୟ ନଥାଏ ତାକୁ ମୋଟେ।

ପଲାଶପୁର, ଖୋର୍ଦ୍ଧା

### ଆକାଶେ ଜହ୍ନ

ସୁନୀଲ କୁମାର ପ୍ରଧାନ

ତାରାଗଣ ମେଳେ ଜହ୍ନ ମାମୁଁ ସତେ
ଲଗାଇ କେଡେ ସୁନ୍ଦର
କେତେ ନାନା ଗ୍ରହ ଘୁରନ୍ତି ସେଠାରେ
ଆହା କି ସେ ମନୋହର ।

କେତେ ଉଲ୍‌କା ପିଣ୍ଡ ଥାଆନ୍ତି ନଭେ
ସେମାନେ କରନ୍ତି ଗତି
ଦେଖିବାକୁ ଆହା ଅତି ଯେ ସୁନ୍ଦର
ପାଇଗଲେ ପୁଣି ରାତି।

ଜହ୍ନ ର ଉଜ୍ଜଳେ ଅମ୍ବର ସତେକି
ଯାଇଛି ଆଲୋକ ହୋଇ
ସେହି ସମୟରେ ଖଦ୍ୟୋତ ଗଣ ଯେ
ବୁଲନ୍ତି ହରଷ ହୋଇ ।

ତାରାଗଣ ଙ୍କର ରାଜା ଯେ ଅଟନ୍ତି
ଚନ୍ଦ୍ର ଦେବତା ହିଁ ଏକା
ଚନ୍ଦ୍ର ଉଇଁଲେ ଆକାଶ ମଣ୍ଡଳ ଟି
ଉଜ୍ଜଳ କରଇ ସଖା ।

ଶୁକ୍ଳ ପକ୍ଷ ଠାରୁ ଚନ୍ଦ୍ର ଦେବ ଙ୍କର
ଅବୟବ ହୋଇଥାଏ
ପୂର୍ଣ୍ଣ ହୋଇ ଚନ୍ଦ୍ର ପୂର୍ଣ୍ଣିମାରେ ପ୍ରାୟ
ରୂପ ସତେ ଦେଖା ଯାଏ ।

ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬

### ମାଗିବା ମୋ ଭାଗ୍ୟେ ଲେଖା

ଅନନ୍ତ କୁମାର

ମାଗି ମାଗି ଥକି ପଡିଲିଣି
ମାଗିବାକୁ ନାହିଁ ମୋ ପାଖେ ଶକ୍ତି
ଚାହିଁ ଚାହିଁ ଅଶ୍ରୁ ବହି ଗଲାଣି
ଦେଖିବାକୁ ନାହିଁ ମୋ ଦୃଷ୍ଟି ଶକ୍ତି,

କେତେ ଦିନ ହାତ ପାତି ମାଗୁଥିବି
ଆହେ ଭାବ ଗ୍ରାହୀ
କେତେ ଦିନ ଲୋତକ ଝରାଉଥିବି
ତ ଦର୍ଶନ ପାଇଁ,

ଭାବର ଠାକୁର ତୁହି କହନ୍ତି ସଭିଏଁ
ଭାବ ବୁଝି ଦେଉ ସଭିଙ୍କର
ମୋ ଭାବ ବୁଝିବା ବେଳକୁ କର
କାହିଁକି
ତୁମେ ଏତେ ପାତର ଅନ୍ତର,

ମାଗିବା ଯଦି ଲେଖା ମୋରି ଭାଗ୍ୟେ
କହି ଦିଅ ପ୍ରଭୁ ତୁମେ ତୁଣ୍ଡ ଖୋଲି
ନିଶ୍ୱାସ ଥିବା ଯାଏଁ ଶରୀରରେ
କେବେ କିଛି ମାଗିବିନି ହାତ ପାତି

ତିହିଡି, ଭଦ୍ରକ,
ମୋ: ୮୩୩୯୯୩୯୯୨୯

### ପରିବର୍ତ୍ତନ

ସୁବ୍ରତ କୁମାର ଜେନା

ସମୟ ଚାହିଁଲା ପରିବର୍ତ୍ତନ,
ବଦଳି ହୋଇଗଲା ଗୋଟେ ଯୁଗ,
କିଛି ପୁରାତନର ବିଲୁପ୍ତି,
ସାଥିରେ କିଛି ନୂତନର ଅଭ୍ୟୁଦୟ,
ଇତିହାସ ହୋଇଗଲେ କିଛି ,
ମାନବ ଧର୍ମର ପ୍ରଚାରକ ହୋଇ ଧରା
ଧାମରେ,
ହେଲେ ମନର ଅବସ୍ଥା !

ପରିବର୍ତ୍ତନ ଘଟିଲା ମାନସିକତାରେ,
ଭାଗ ହେଲା ଭୁ ଭାଗ,
ମାଆର ଶରୀରର ଖଣ୍ଡ ବିଖଣ୍ଡିତ ହେଲା
ନିଜ ହିସାବରେ,
ଯାହାର ଶକ୍ତି ଅଧିକ,
ସେ ମାଡିବସିଲା ଅଧିକ ଭୁ ଭାଗକୁ,
ପ୍ରତ୍ୟାଖାନ କଲା ସବୁ ସନ୍ଧି ପତ୍ରକୁ
ସିଗାରେଟର ଧୂଆଁ ପରି,
ଅବଶ୍ୟ ଏଥିପାଇଁ ଦେବାକୁ ପଡିବ ତାକୁ
ଅନେକ କିଛି,
ତଥାପି ଦେଶ ପରେ ଦେଶ,
ରାଜ୍ୟ ପରେ ରାଜ୍ୟ,
ସହର ପରେ ଗାଆଁକୁ ବ୍ୟାପିଲା ଏ
ଦୁରାରୋଧ ବ୍ୟାଧି,
ସବୁ ବିଶ୍ୱାସର ଗଳା ଚାପି ।

ପରିବର୍ତ୍ତନ ମାଗିଲା ନିଜ ରକ୍ତର ସମ୍ପର୍କ,
ଦୁଇ, ତିନି, ଚାରି ପରି
ଛୋଟ ଖଣ୍ଡ ହେଲା ସ୍ନେହ ସମ୍ପର୍କ,
ଏବେ ଛୋଟ ଟେକା ପଡିଲେ ଲାଗୁଛି,
ସତେ ଯେମିତି ଖସୁଛି
ବଡ଼ ବଡ଼ ଶିଳା ଖଣ୍ଡ,
ହାତ ମୁଠାରୁ ଖୋଲିଯାଉଛି
ଆଙ୍ଗୁଳିର ବନ୍ଧନ,
ସମୟ ଲୁଚକାଳି ଖେଳୁଛି
ଆଙ୍ଗୁଳି ସନ୍ଧିରେ,
ପଚାରିଲେ ଉତ୍ତର ମିଳେ,
ପରିବର୍ତ୍ତନ ଓ ବିବର୍ତ୍ତନବାଦର...
ସବୁ ପାଟି ଚୁପ ମୋହ ଆଗରେ ସ୍ୱାର୍ଥ
ଆଗରେ ଲାଳସା ଆଗରେ ।

ବିବର୍ତ୍ତନ ଥିଲା ଠିକ ଥିଲା,
କ୍ରମରୁ କ୍ରମ ବିକାଶ
ନିହାତି ସ୍ୱାଗତ ଯୋଗ୍ୟ,
କିନ୍ତୁ ଏ କଣ ଏ ଧାରାରେ ଉନ୍ନତି
ବଦଳରେ ଆହେତୁକ ଅବନତି,
ପାଦ ଏବେ କ୍ଷୟମୁଖା,
ତେବେ ଏତେ ବିକାଶ କଣ ଲାଗି,
ସବୁପରେ କଣ ନିଜେ ନିଜର ବିନାଶର
ଅସ୍ତ୍ର ହେବାକୁ,
ଲୋଡ଼ା ନାହିଁ ଏ ପରିବର୍ତ୍ତନ
କି ବିବର୍ତ୍ତନ,
ଭଲଥିଲା ସେଇ ଆଦିମତା,
ସ୍ୱଳ୍ପରେ ସନ୍ତୁଷ୍ଟ ସବୁ,
ନିଜେ ବଂଚି ଅନ୍ୟକୁ ବଞ୍ଚାଇବାର
ମହାମନ୍ତ୍ରରେ ଶିକ୍ତ ସେଦିନ ସବୁ ।।

ଶୂରଡିହ, ନନ୍ଦିପୁର,
ଯାଜପୁର
ମୋ:୯୭୭୬୨୦୮୯୩୦







# ପିତାମାତାଙ୍କ ସ୍ୱପ୍ନର ରୂପାୟନ କଲେ ଅଭିନେତ୍ରୀ ଅଞ୍ଜଳି



ନିଜ ସନ୍ତାନମାନଙ୍କ ଭବିଷ୍ୟତ ପାଇଁ ପ୍ରତ୍ୟେକ ପିତାମାତା କିଛି ନା କିଛି ସ୍ୱପ୍ନ ଗଢ଼ିଥିଲେ ହେଁ ସେମାନେ ତାହା ସବୁବେଳେ ପ୍ରକାଶ କରିନଥା'ନ୍ତି। ତେବେ ନିଜ ପିତାମାତାଙ୍କର ସ୍ୱପ୍ନକୁ ସାକାର କରିବାର ସୌଭାଗ୍ୟ କ୍ୱଚିତ୍ ସନ୍ତାନଙ୍କ ଭାଗ୍ୟରେ ଜୁଟିଥାଏ। ତେଲୁଗୁ/ତାମିଲ ଅଭିନେତ୍ରୀ ଅଞ୍ଜଳି ସେଭଳି ବିରଳ ସନ୍ତାନମାନଙ୍କ ମଧ୍ୟରୁ ଜଣେ ଯିଏ ନିଜ ପିତାମାତାଙ୍କର ସ୍ୱପ୍ନକୁ ନିଜ ଅଲକ୍ଷ୍ୟରେ ବାସ୍ତବ ରୂପ ଦେଇ ସେମାନଙ୍କ ମୁହଁରେ ଅଲିଭା ହସ ଫୁଟାଇ ପାରିଛନ୍ତି। ତାହାର ବରଦାନ ସ୍ୱରୂପ ସେ ନିଜ ପାଇଁ ଅଜସ୍ର ଖ୍ୟାତି ଓ ପ୍ରତିଷ୍ଠା ହାସଲ କରିପାରିଛନ୍ତି। ତାଙ୍କ ୧୫ ବର୍ଷର ଅଭିନୟ ଜୀବନ ଭିତରେ ସେ ୫୦ ସରିକି ସିନେମାରେ ନିଜର ଚମତ୍କାରିତା ଦେଖାଇବା ସହ ୧୬ଟି ଜାତୀୟ ସ୍ତରର ପୁରସ୍କାର ହାସଲ କରିବା ହେଉଛି ତାଙ୍କ ଅନନ୍ୟ ଦକ୍ଷତାର ପ୍ରମାଣ। ଆନ୍ଧ୍ର ପ୍ରଦେଶର ଏକ ମଧ୍ୟବିତ୍ତ ପରିବାରରେ ୧୯୮୬ ଜୁନ୍ ୧୬ ତାରିଖରେ ଜନ୍ମିତ ଅଞ୍ଜଳିଙ୍କର ପିଲାଟି ବେଳୁ ସିନେମା ପ୍ରତି ଆକର୍ଷଣ ଥିଲା। ତେଣୁ ସ୍ନାତକ ଡିଗ୍ରି ହାସଲ ପରେ ସେ କିଛି କ୍ଷୁଦ୍ର ସିନେମାରେ ଅଭିନୟ କରିବା ଆରମ୍ଭ କରିଥିଲେ। ଏହା ତାଙ୍କୁ ପ୍ରକୃତ ଫିଲ୍ମ ଦୁନିଆରେ ଆସ୍ଥାନ ଜମାଇବା ପାଇଁ ବାଟ କଢ଼ାଇ ନେଇଥିଲା। ଅବଶ୍ୟ ବଡ଼ ପରଦାରେ ଆସିବାର ପ୍ରଥମ ସୁଯୋଗ ତାଙ୍କୁ ମିଳିଥିଲା ୨୦୦୩ରେ ତାମିଲ ଫିଲ୍ମ 'ସାନ୍ତାମିତ୍ରି ମୁଥାମିତ୍ତୁ'ରେ। ମାତ୍ର କୌଣସି କାରଣରୁ ତାହା ମୁକ୍ତିଲାଭ କରିନଥିଲା।

ତାହାପରେ ଉକ୍ତ ଫିଲ୍ମର ନିର୍ଦ୍ଦେଶକ ଅଞ୍ଜଳିଙ୍କୁ ନେଇ ଆଉ ଦୁଇଟି ଚିତ୍ର ଆରମ୍ଭ କରିଥିଲେ। ମାତ୍ର ସେହି ଦୁଇଟିକୁ ମଧ ଅନୁରୂପ ଦଶା ଭୋଗିବାକୁ ପଡ଼ିଥିଲା। ଏଥିରେ ଅଞ୍ଜଳି ହତୋତ୍ସାହିତ ହୋଇ ଗ୍ଲାମର ଜୀବନ ସୁହାଉନି ବୋଲି ଆଶଙ୍କା ପ୍ରକଟ କରିଥିଲେ। ମାତ୍ର ପରିବାର ଲୋକ ତାଙ୍କୁ ଏ କ୍ଷେତ୍ରରେ ସଂଘର୍ଷ ଜାରି ରଖିବାକୁ ପ୍ରବର୍ତ୍ତାଇଥିଲେ। ଏହି ଅବସରରେ ସେ ବିଭିନ୍ନ ବିଜ୍ଞାପନ ପାଇଁ ମଡେଲିଂ ଆରମ୍ଭ କରିଦେଇଥିଲେ। ତେଲୁଗୁ ନିର୍ଦ୍ଦେଶକ ଶିବ ନାଗେଶ୍ୱର ରାଓ ଅଞ୍ଜଳିଙ୍କୁ ଆବିଷ୍କାର କରି ୨୦୦୬ରେ ତାଙ୍କର ବହୁ ଚର୍ଚ୍ଚିତ ଫିଲ୍ମ 'ଫଟୋ' ପାଇଁ ମନୋନୀତ କରିଥିଲେ। ଏହା ଅଞ୍ଜଳିଙ୍କୁ ତେଲୁଗୁ ଫିଲ୍ମ 'ପ୍ରେମଲେଖା ରାସ' ପାଇଁ ସୁଯୋଗ ଆଣିଦେଇଥିଲା। ୨୦୦୭ରେ ତାଙ୍କର ପ୍ରଥମ ତାମିଲ ଫିଲ୍ମ 'କାଟ୍ରାଡୁ ତାମିଝ' ବ୍ୟାବସାୟିକ ସଫଳତା ଲାଭ କରିବା ସହ ତାଙ୍କୁ ଶ୍ରେଷ୍ଠ ନବାଗତା ଭାବେ ଫିଲ୍ମଫେୟାର ସମ୍ମାନ (ଦକ୍ଷିଣ) ଓ ବିଜୟ ସମ୍ମାନ ମିଳିଥିଲା। ଏହାପରେ ସେ କନ୍ନଡ଼ ଫିଲ୍ମ 'ହୋଙ୍ଗାନାସୁ'ରେ ମଧ ପ୍ରଥମ ପଦାର୍ପଣ କରି ନିଜ ଅଭିନୟ ପରିସରକୁ ଅଧିକ ବ୍ୟାପ୍ତ କରିଥିଲେ। ସେହିପରି ୨୦୧୦ରେ ତାମିଲ ଫିଲ୍ମ 'ଅଙ୍ଗାଡ଼ି ଥେରୁ' ଓ ୨୦୧୧ର ଫିଲ୍ମ 'ଏଙ୍ଗାୟୁମ୍ ଇପୋଥୁମ୍' ପାଇଁ ତାଙ୍କୁ ଏକାଧିକ ସମ୍ମାନ ମିଳିଥିଲା। ସେହିପରି ୨୦୧୮ରେ ମାଲାୟଲୀ ଫିଲ୍ମ 'ରୋସାପୂ'ରେ ମଧ ପ୍ରଥମ ପଦାର୍ପଣ କରି ଦର୍ଶକ ପରିସରକୁ ଆଉ ଟିକେ ପରିବ୍ୟାପ୍ତ କରିଥିଲେ। ଏଥି ସହିତ ପଛକୁ ପଛ ବିଭିନ୍ନ ଦକ୍ଷିଣ ଭାରତୀୟ ଭାଷାର ସିନେମାରେ ନିଜର ଦକ୍ଷତା ପ୍ରତିପାଦନ କରିବା ଜାରି ରଖିଥିଲେ। ଗତବର୍ଷ ମୁକ୍ତିଲାଭ କରିଥିବା ତାଙ୍କ ଅଭିନୀତ କନ୍ନଡ଼ ଫିଲ୍ମ 'ବୈରୈଗୀ' ଯଥେଷ୍ଟ ଲୋକପ୍ରିୟତା ହାସଲ କରିଥିବା ବେଳେ ଚଳିତବର୍ଷର ତେଲୁଗୁ ଫିଲ୍ମ 'ମଚେର୍ଲା ନିୟୋଜକବର୍ଗମ୍' ମଧ ସମୀକ୍ଷକ ଓ ପ୍ରଶଂସକମାନଙ୍କୁ ମୁଗ୍ଧ କରିଛି।

# ରିଲିଜ୍ ପୂର୍ବରୁ ୧୨୫କୋଟି ଆୟ କଲା 'ପୋନିୟିନ୍ ସେଲଭନ୍'

ନିର୍ଦ୍ଦେଶକ ମଣି ରତ୍ନମଙ୍କ ଫିଲ୍ମ 'ପୋନିୟିନ୍ ସେଲଭନ୍'ର ପ୍ରଥମ ଲୁକ୍ ରିଲିଜ୍ ହେବା ପରେ ସିନେପ୍ରେମୀମାନେ ଏହି ଫିଲ୍ମକୁ ନେଇ ବହୁତ ଉତ୍ସାହିତ ହୋଇଯାଇଥିଲେ। କିଛି ଦିନ ତଳେ ତାମିଲ ସିନେମାର ଏହି ବଡ଼ ପ୍ରୋଜେକ୍ଟର ଟ୍ରେଲର ରିଲିଜ ହୋଇଥିବା ବେଳେ ଫିଲ୍ମକୁ ଦେଖିବା ପାଇଁ ଦର୍ଶକଙ୍କ ମନରେ ଉତ୍ସାହ ବଢ଼ିଛି। ଫିଲ୍ମର ପ୍ରତିଟି ଚରିତ୍ରକୁ ଦର୍ଶକ ପସନ୍ଦ କରୁଥିବା ବେଳେ ଫିଲ୍ମଟି ବକ୍ସ ଅଫିସରେ ରାଜ୍ କରିବ ବୋଲି କୁହାଯାଉଛି। 'ପୋନିୟିନ୍ ସେଲଭନ୍' ଭାରତୀୟ ସିନେମା ଜଗତର ସବୁଠାରୁ ଦାମୀ ଚଳଚ୍ଚିତ୍ର ହେବ ବୋଲି କୁହାଯାଉଥିବା ବେଳେ ୫୦୦କୋଟି ବଜେଟରେ ଫିଲ୍ମର ନିର୍ମାଣ କରାଯାଇଛି। ତେବେ ରିଲିଜ୍ ପୂର୍ବରୁ ଫିଲ୍ମଟି ୧୨୫କୋଟି ଆୟ କରିସାରିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଆମାଜନ ପ୍ରାଇମ ଭିଡିଓ 'ପୋନିୟିନ ସେଲଭାନ'ର ଓଟିଟି ରାଇଟ୍ସକୁ ୧୨୫କୋଟିରେ କିଣିଛି। ରିଲିଜ୍ ପୂର୍ବରୁ ଫିଲ୍ମଟି ୧୨୫କୋଟିର ଆୟ କରିସାରିଥିବା ବେଳେ ରିଲିଜ୍ ପରେ ଫିଲ୍ମଟି ଭଲ ପ୍ରଦର୍ଶନ କରିବ ବୋଲି



ଆଶା କରାଯାଉଛି। ଏହି ଚଳଚ୍ଚିତ୍ରରେ ଅଭିନେତା ଚିଆନ୍ ବିକ୍ରମ, ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଅଭିନେତ୍ରୀ ତ୍ରିଶା, ଅଭିନେତା ଜୟମ ରବି ଏବଂ ଅଭିନେତା କାର୍ତ୍ତି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହା ସହ ଅଭିନେତା ପ୍ରକାଶ ରାଜ, ଅଭିନେତ୍ରୀ ଶୋଭିତା ଧୁଲିପାଲା, ଅଭିନେତ୍ରୀ ଐଶ୍ୱର୍ଯ୍ୟା ଲକ୍ଷ୍ମୀ, ଅଭିନେତା ପ୍ରଭୁ, ଅଭିନେତା ଜୟରାମ ଏବଂ ଅଭିନେତା ଲାଲଙ୍କ ଭଳି କଳାକାରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ ବୋଲି ଜଣାପଡ଼ିଛି। 'ପୋନିୟିନ୍ ସେଲଭନ୍'୨ଟି ଭାଗରେ ରିଲିଜ୍ ହେବାକୁ ଯାଉଛି। ସେପଟ୍ଟେମ୍ବର ୩୦ରେ ଏହାର ପ୍ରଥମ ଭାଗ ପ୍ରେକ୍ଷାଳୟରେ ରିଲିଜ ହେବା ସହ ଦ୍ୱିତୀୟ ଭାଗ କିଛି ମାସ ପରେ ମୁକ୍ତିଲାଭ କରିବ।

# ଫାର୍ମ ହାଉସ୍‌ରେ ସଲମାନ୍‌ଙ୍କୁ ହତ୍ୟା ପ୍ଲାନିଂ



ସଙ୍କଟରେ ବଲିଉଡର ଦବଙ୍ଗ ଖାନ୍ ସଲମାନଙ୍କ ଜୀବନ। ତାଙ୍କ ଜୀବନ ପ୍ରତି ଥିବା ବିପଦ କମିବାର ନାଁ ନେଉ ନାହିଁ। ସେ ଦୀର୍ଘ ଦିନ ଧରି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ରାଡାରରେ ଅଛନ୍ତି। ପନ୍‌ଭେଲ୍ ସ୍ଥିତ ଫାର୍ମ ହାଉସରେ ସଲମାନଙ୍କୁ ହତ୍ୟା କରିବାକୁ ହୋଇଥିଲା ପ୍ଲାନିଂ। ତାଙ୍କୁ ଟାର୍ଗେଟ କରିବାକୁ ଏହି ଗ୍ୟାଙ୍ଗ ଥରେ ନୁହେଁ ଦୁଇଥର ଉଦ୍ୟମ କରିଥିଲା। ଏଭଳି କିଛି ଖୁଲାସା କରିଛି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଧରାପଡିଥିବା ଗ୍ୟାଙ୍ଗଷ୍ଟର।

ଲୋକପ୍ରିୟ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ହତ୍ୟାକାଣ୍ଡ ପୂର୍ବରୁ ଲରେନ୍ସ ବିଷ୍ଣୋଇ ପୁଣି ଥରେ ସଲମାନଙ୍କୁ ମାରିବା ପାଇଁ ପ୍ଲାନ୍ ବି' ତିଆରି କରିଥିଲା। ଆଉ ଏହି ପ୍ଲାନ୍‌କୁ ଲିଡ୍ କରୁଥିଲେ ଗୋଲ୍ଡି ବ୍ରାର ଓ କପିଲ ପଣ୍ଡିତ, ଯିଏକି ଲରେନ୍ସ ବିଷ୍ଣୋଇ-ଗ୍ୟାଙ୍ଗର ଜଣେ ଶୁଟର। ଆଉ ଏହି ଶୁଟ ?କୁ ନିକଟରେ ଭାରତ-ନେପାଳ ସୀମାରୁ ଗିରଫ କରାଯାଇଥିଲା।

ମୁମ୍ବାଇର ପନବେଲ୍‌ରେ କପିଲ ପଣ୍ଡିତ, ସନ୍ତୋ ଯାଦବ, ଦୀପକ ମୁଣ୍ଡି ଆଉ ଦୁଇ ଜଣ ଶୁଟର୍ସ ସେଠାରେ ଭଡାରେ ଏକ ଘର ନେଇ ରହିବାକୁ ଯାଇଥିଲେ। ପ୍ରାୟ ଦେଢ଼ ମାସ ପର୍ଯ୍ୟନ୍ତ ସଲମାନଙ୍କ ପନବେଲ ଫାର୍ମ ହାଉସ ନିକଟରେ ଏହି ଗ୍ୟାଙ୍ଗଷ୍ଟରମାନେ ରେକି କରିଥିଲେ। ଫାର୍ମ ହାଉସ ଭିତରେ ହିଁ ସଲମାନଙ୍କୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର କରାଯାଇଥିଲା। କିନ୍ତୁ କଡା ସୁରକ୍ଷା ଓ ସଲମାନଙ୍କ ପର୍ସନାଲ ସିକ୍ୟୁରିଟି ଯୋଗୁ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଏହି ପ୍ଲାନ୍ ଫେଲ୍ ମାରିଥିଲା ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପଞ୍ଜାବ ପୁଲିସ ଖୁଲାସା କରିଛି।

ମେ ୨୯ରେ ସିଦ୍ଧୁ ମୁସେୱାଲାଙ୍କ ହତ୍ୟା ପରେ ସଲମାନ ଖାନଙ୍କୁ ହତ୍ୟା ଧମକ ମିଳିଥିଲା। ଏହି ଧମକପୂର୍ଣ୍ଣ ଚିଠି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗରୁ ଆସିଥିବା କୁହାଯାଇଥିଲା। ସଲମାନଙ୍କ ବାପା ସଲିମ ଖାନ ମର୍ଣ୍ଣିଂ ୱାକ୍‌ରେ ଯାଉଥିବା ବେଳେ ଏକ ବେଞ୍ଚ ଉପରେ ରଖାହୋଇଥିବା ମିଳିଥିଲା। ଏହି ଚିଠିରେ ତୁମକୁ ମୁସେୱାଲା ପରି ହତ୍ୟା କରାଯିବ ବୋଲି ଲେଖା ଯାଇଥିଲା। ସେପଟେ ଏହି ହତ୍ୟା ଧମକ ପରେ ସଲମାନ ଖାନଙ୍କ ସୁରକ୍ଷା କଡାକଡି କରାଯାଇଛି। କେବଳ ଏତିକି ନୁହେଁ ସଲମାନ ଖାନଙ୍କୁ ବନ୍ଧୁକ ଲାଇସେନ୍ସ ମଧ୍ୟ ପ୍ରଦାନ କରାଯାଇଛି। ମୁମ୍ବାଇ ପୋଲିସ ଏହି ଧମକକୁ ଗୁରୁତର ସହ ନେଇଛି।

# ଅକ୍ଷୟଙ୍କ 'ସୂର୍ଯ୍ୟବଂଶୀ'ଠୁ ଆଗରେ ରହିଛି ରଣବୀରଙ୍କ 'ବ୍ରହ୍ମାସ୍ତ୍ର'



ଆୟାନ ମୁଖାର୍ଜୀଙ୍କ ଫିଲ୍ମ 'ବ୍ରହ୍ମାସ୍ତ୍ର' ପରଦାକୁ ଅସିବାକୁ ଦୀର୍ଘ ବର୍ଷ ସମୟ ଲାଗିଗଲା। ସୋସିଆଲ ମିଡିଆରେ ବୟକଟ୍ ଟ୍ରେଣ୍ଡ୍ ଚାଲିଥିଲେ ବି ପରଦାରେ ଆସିବା ପରେ ଚଳଚ୍ଚିତ୍ରଟି ସଫଳ ପ୍ରମାଣିତ ହୋଇଛି। ଚଳଚ୍ଚିତ୍ରଟି ଆଶାଠାରୁ ଅଧିକ ପ୍ରଦର୍ଶନ କରିଛି ବୋଲି ଆପଣ କହିପାରନ୍ତି। ରଣବୀର କପୁର ଓ ଆଲିଆ ଭଟ୍ଟଙ୍କ ଅଭିନୀତ ଚଳଚ୍ଚିତ୍ରଟି ଓପେନିଂ ଦିନଠାରୁ ସମସ୍ତ ରେକର୍ଡ ଭଙ୍ଗ କରିଛି। ଏହି ଚଳଚ୍ଚିତ୍ରଟି ଅକ୍ଷୟ କୁମାରଙ୍କ ଅଭିନୀତ ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ'ଠୁ ବି ଅନେକ ସ୍ଥାନରେ ଭଲ ପ୍ରଦର୍ଶନ କରିଛି। ବ୍ରହ୍ମାସ୍ତ୍ର ମୁକ୍ତିଲାଭ କରିବାର ସପ୍ତାହ ଶେଷ ହେବା ସହିତ ସୋମବାର (ବିଭିନ୍ନ ଭାଷାରେ) ପ୍ରାୟ ୧୨.୫୦ କୋଟି ରୋଜଗାର କରିଛି। ମାତ୍ର ପାଞ୍ଚଦିନରେ ୧୫୦ କୋଟି ଆୟ ଛୁଇଁଥିଲେ ମଧ ବ୍ରହ୍ମାସ୍ତ୍ର ଲାଭଠାରୁ ବହୁ ଦୂରରେ ରହିଛି। ବାସ୍ତବରେ ବକ୍ସ ଅଫିସରେ ୩୭ କୋଟି ଟଙ୍କା ସହିତ ବ୍ରହ୍ମାସ୍ତ୍ର ଖାତା ଖୋଲିଥିଲା। ପ୍ରଥମ ସୋମବାରରେ ଫିଲ୍ମର ସଂଗ୍ରହ ପ୍ରାୟ ୧୬ କୋଟି ଟଙ୍କା ହୋଇଥିବାବେଳେ ରବିବାର ୪୫ କୋଟି, ଦ୍ୱିତୀୟ ଦିନରେ ୪୨ କୋଟି ରୋଜଗାର କରିଛି। ଗଣମାଧମ ରିପୋର୍ଟ ଅନୁଯାୟୀ, ବ୍ରହ୍ମାସ୍ତ୍ରର ପଞ୍ଚମ ଦିନର ସଂଗ୍ରହ ସମେତ ବ୍ରହ୍ମାସ୍ତ୍ର ବର୍ତ୍ତମାନ ସୁଦ୍ଧା ବକ୍ସ ଅଫିସରେ ୧୫୨.୫୦ କୋଟି ଟଙ୍କା ଆୟ କରିଛି। ଏଥିସହିତ ଫିଲ୍ମଟି ବିଶ୍ୱସ୍ତରରେ ମଧ ବହୁତ ଆଦୃତି ଲାଭ କରିଛି। କେବଳ ଏତିକି ନୁହେଁ, ବ୍ରହ୍ମାସ୍ତ୍ର ଚଳଚ୍ଚିତ୍ର ରୋଜଗାର କ୍ଷେତ୍ରରେ ଅନେକ ଚଳଚ୍ଚିତ୍ରର ରେକର୍ଡ ଭାଙ୍ଗି ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ ହେଁ ସବୁଠୁ ମହଙ୍ଗା ହିନ୍ଦୀ ଚଳଚ୍ଚିତ୍ର ହୋଇଥିବାରୁ ଦର୍ଶକଙ୍କ ସହ ରାଜସ୍ୱର ୫୫ ପ୍ରତିଶତ ବାଣ୍ଟିବାକୁ ପଡ଼ିବ।

# ପନ୍ତଙ୍କୁ ଛାଡ଼ି ପାକିସ୍ତାନୀ କ୍ରିକେଟର ପ୍ରେମରେ ଉର୍ବଶୀ!




ପ୍ରେମରେ ଉବୁଟୁବୁ ଅଭିନେତ୍ରୀ ଉର୍ବଶୀ ରୌତେଲା। ଭାରତୀୟ କ୍ରିକେଟରଙ୍କୁ ଛାଡି ପାକିସ୍ତାନୀ କ୍ରିକେଟର ପ୍ରେମରେ ପଡିଛନ୍ତି ଉର୍ବଶୀ। ସେ ପାକିସ୍ତାନର କ୍ରିକେଟର ନସୀମ ସାହାଙ୍କ ପ୍ରେମରେ ପଡିଛନ୍ତି। ଏକଥା ଆମେ କହୁନି। ସୋଶାଲ ମିଡିଆରେ ଉର୍ବଶୀ ଓ ନସୀମଙ୍କୁ ନେଇ ଏଭଳି କିଛି ଚର୍ଚ୍ଚା ହେଉଛି। ଏଥିପାଇଁ ତାଙ୍କୁ ଚାରିଆଡୁ ଟ୍ରୋଲ କରାଯାଇଛି।

ନିକଟରେ ଏସିଆ କପ୍‌ରେ ଭାରତ ଓ ପାକିସ୍ତନାରେ ହୋଇଥିବା ମ୍ୟାଚ୍ ଦେଖିବା ପାଇଁ ଦୁବାଇ ପହଞ୍ଚିଥିଲେ ଉର୍ବଶୀ। ତେବେ କ୍ରିକେଟର ଋଷଭ ପନ୍ତ ଏବଂ ତାଙ୍କ ମଧରେ ଚାଲିଥିବା ଶୀତଳ ଯୁଦ୍ଧ ଯୋଗୁଁ ଉର୍ବଶୀ ଏହି ମ୍ୟାଚ୍ ଦେଖିବା ପାଇଁ ଯାଇଥିବା କିଛି ଲୋକ ବିଶ୍ୱାସ କରୁଥିଲେ। ସେପଟ୍ଟେମ୍ବର ୪ରେ, ଉର୍ବଶୀ ପୁଣି ଥରେ ଇଣ୍ଡୋ-ପାକ୍ ମ୍ୟାଚ୍ ଦେଖିବାକୁ ଆସିଥିଲେ। ତେବେ ଏଥର ତାଙ୍କ ନଜର ପନ୍ତ ଉପରେ ନୁହେଁ ବରଂ ପାକିସ୍ତାନୀ କ୍ରିକେଟର ନସୀମଙ୍କ ଉପରେ ଥିଲା।

ପନ୍ତଙ୍କ ସହ ଝଗଡା ମଧରେ ପାକିସ୍ତାନ କ୍ରିକେଟର ନସୀମଙ୍କ ପ୍ରେମରେ ପଡି ଯାଇଛନ୍ତି ଉର୍ବଶୀ। ମ୍ୟାଚ୍ ପରେ ଉର୍ବଶୀ ନସୀମଙ୍କ ଏକ ଭିଡିଓ ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରୀରେ ପୋଷ୍ଟ କରି ଏଭଳି କିଛି ହିଣ୍ଟ ଦେଇଛନ୍ତି। ଏହି ଭିଡିଓରେ ନସୀମ୍ କ୍ରିକେଟ ପିଚ୍‌ରେ ହସୁଥିବା ବେଳେ ଉର୍ବଶୀ ତାଙ୍କୁ ଦେଖି ଲାଜେଇ ଯାଉଥିବା ଦେଖିବାକୁ ମିଳିଛି।

ଭିଡିଓ ସାମ୍ନାକୁ ଆସିବା ପରେ ସୋଶାଲ ମିଡିଆରେ ଉର୍ବଶୀ ଓ ନସୀମଙ୍କୁ ନେଇ ସୃଷ୍ଟି ହୋଇଯାଇଛି ମିମ୍ସର ଝଡ। ଉର୍ବଶୀଙ୍କ ଏହି ଭିଡିଓକୁ ନେଇ ତାଙ୍କ ଅନେକ ୟୁଜର୍ସ ଟ୍ରୋଲ ମଧ କରିଛନ୍ତି। ସେପଟେ ଉର୍ବଶୀ ପାକିସ୍ତାନୀ କ୍ରିକେଟରଙ୍କ ପ୍ରେମରେ ପଡିବା ଶୁଣି ଋଷଭ ପନ୍ତଙ୍କ ଫ୍ୟାନ୍‌ମାନଙ୍କ ହୃଦୟ ଭାଙ୍ଗି ଯାଇଛି। ବହୁ ଦିନ ପୂର୍ବେ ଉର୍ବଶୀ ଓ ଋଷଭ ପନ୍ତ ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହୋଇଥିଲା। କିନ୍ତୁ ଏହି ଖବରକୁ ଖଣ୍ଡନ କରିଥିଲେ ଋଷଭ।

# ଆଇନ୍ ଜାଲରେ ଫସିଲେ ଅଜୟ ଓ ସିଦ୍ଧାର୍ଥ



ସୋଶାଲ ମିଡିଆରେ ଏବେ ଚାଲିଛି ବୟକଟ୍ ସିଜନ୍। ବଲିଉଡ ଇଣ୍ଡଷ୍ଟ୍ରିକୁ ଅଧିକାଂଶ ଟାର୍ଗେଟ୍ କରାଯାଉଛି। ଯେଉଁ ନୂଆ ଫିଲ୍ମ ଆସୁଛି ତାକୁ ରିଲିଜ ପୂର୍ବରୁ ବୟକଟ୍‌ର ସାମ୍ନାକୁ କରିବାକୁ ପଡୁଛି। ଏଭଳି ସ୍ଥିତିରେ ଏବେ ଏହି ତାଲିକାରେ ଆଉ ଏକ ଫିଲ୍ମ ଯୋଡି ହୋଇଯାଇଛି। ଅଜୟ ଦେବଗନ୍‌ଙ୍କ ଅପ୍‌କମିଂ ଫିଲ୍ମ 'ଥ୍ୟାଙ୍କ ଗଡ୍' ଆଇନ୍ ଜାଲରେ ଫସିଛି। ସୋଶାଲ ମିଡିଆରେ ଏହି ଫିଲ୍ମକୁ ନେଇ ବୟକଟ୍ ଟ୍ରେଣ୍ଡ ମଧ ଆରମ୍ଭ ହୋଇଯାଇଛି। ନିକଟରେ ଏହି ଫିଲ୍ମର ଟ୍ରେଲର ରିଲିଜ ହୋଇଥିଲା। ଏହାପରେ ଏହି ଫିଲ୍ମର କାହାଣୀ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗ ହୋଇଛି। ପୁରାଣ ବର୍ଣ୍ଣିତ କଥା ଅନୁଯାୟୀ ଭଗବାନ ଚିତ୍ରଗୁପ୍ତ ହେଉଛନ୍ତି ନ୍ୟାୟର ଦେବତା। ପାପ ପୂଣ୍ୟର ସମସ୍ତ ହିସାବ ଭଗବନା ଚିତ୍ରଗୁପ୍ତ କରନ୍ତି। ମଣିଷ କର୍ମର ସବୁ ରେକର୍ଡ ସେ ରଖନ୍ତି। ସେମାନଙ୍କୁ ତାଙ୍କ କର୍ମ ଅନୁଯାୟୀ ପୁରସ୍କୃତ ବା ଦଣ୍ଡିତ କରିବା କାମ ମଧ ତାଙ୍କର କିନ୍ତୁ 'ଥ୍ୟାଙ୍କ ଗଡ୍' ଫିଲ୍ମର ଟ୍ରେଲରରେ ତାଙ୍କୁ ଅପମାନ କରାଯାଇଛି। ତାଙ୍କୁ କଦର୍ଥ କରି ଦର୍ଶାଯାଇଛି। ଏହାକୁ ନେଇ ଛତିଶଗଡ ରାୟପୁର କାୟସ୍ତ ସମାଜ ଫିଲ୍ମ ମେକର୍ସଙ୍କ ଉପରେ ରାଗିଯାଇଛି। ସିଭିଲ ଲାଇନ୍ ଥାନାରେ ଫିଲ୍ମ ମେକର୍ସଙ୍କ ନାଁରେ ଅଭିଯୋଗ ହୋଇଛି। ଏହି ଫିଲ୍ମରେ ପ୍ରଭୁ ଚିତ୍ରଗୁପ୍ତଙ୍କ ରୂପର ଅଶ୍ଳୀଳ ପ୍ରଦର୍ଶନ ଦେଖାଯାଇଛି, ଯାହା ଅତ୍ୟନ୍ତ ଲଜ୍ଜାଜନକ। ଏଥିସହିତ ଫିଲ୍ମର ଟ୍ରେଲରରେ ଚିତ୍ରଗୁପ୍ତ ଭଗବାନ ଜଣେ ଅର୍ଦ୍ଧ ଉଲଗ୍ନ ମହିଳାଙ୍କ ସହ ନାଚୁଥିବା ଦେଖାଯାଇଛି, ଯାହା ବେଶ୍ ଅପମାନ ଜନକ ବୋଲି କାୟସ୍ତ ସମାଜ ଅଭିଯୋଗ କରିଛି। ସେହିପରି ଉତ୍ତରପ୍ରଦେଶରେ ଅଭିନେତା ଓ ଫିଲ୍ମ ମେକର୍ସଙ୍କ ବିରୋଧରେ ମଧ ମାମଲା ରୁଜୁ ହୋଇଛି। ଆଇନଜୀବୀ ହିମାଂଶୁ ଶ୍ରୀବାସ୍ତବ ଜୈନପୁର କୋର୍ଟରେ ନିର୍ଦ୍ଦେଶକ ଇନ୍ଦ୍ର କୁମାର, ଅଭିନେତା ଅଜୟ ଦେବଗନ ଓ ସିଦ୍ଧାର୍ଥ ମଲହୋତ୍ରାଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଆବେଦନକାରୀଙ୍କ ବୟାନ ଆସନ୍ତା ନଭେମ୍ବର ୧୮ ତାରିଖରେ ରେକର୍ଡ କରାଯିବ। ଅଭିଯୋଗ ମୁତାବକ, ଫିଲ୍ମର ଟ୍ରେଲରେ ହିନ୍ଦୁ ଧର୍ମକୁ ପରିହାସ କରାଯାଇଛି। ଟ୍ରେଲରର ଅଜୟ ଦେବଗନ ଚିତ୍ରଗୁପ୍ତଙ୍କ ଚରିତ୍ରରେ ସୁଟ ପିନ୍ଧିଥିବାର ନଜର ଆସିଛନ୍ତି ଏବଂ ଗୋଟିଏ ଦୃଶ୍ୟରେ ସେ ଥଟ୍ଟା କରୁଥିବା ଏବଂ ଆପତ୍ତିଜନକ ଭାଷା ବ୍ୟବହାର କରୁଥିବା ନଜର ଆସିଛନ୍ତି। "ଚିତ୍ରାଗୁପ୍ତଙ୍କୁ କର୍ମର ଦେବତା ବୋଲି ବିଶ୍ୱାସ କରାଯାଏ ଏବଂ ମନୁଷ୍ୟର ଭଲ ଓ ଖରାପ କାର୍ଯ୍ୟର ସେ ରେକର୍ଡ ରଖନ୍ତି। ଦେବତାମାନଙ୍କୁ ଏପରି ଚିତ୍ରଣ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ, କାରଣ ଏହା ଧାର୍ମିକ ଭାବନାକୁ ଆଘାତ ଦେଇଥାଏ ବୋଲି ଆଇନଜୀବୀ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି।

# କୃଷି ବିକାଶ ଓ ଚାଷୀମାନଙ୍କ ଆୟ ଦ୍ୱିଗୁଣିତ କରାଇବା ଉପରେ ପ୍ରମୁଖ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୫/୦୯ (ନି.ପ୍ର): ରାଜ୍ୟରେ କୃଷିର ବିକାଶ ଏବଂ କୃଷକମାନଙ୍କ ଆୟବୃଦ୍ଧି ନିମନ୍ତେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ୫-'ଟି' ଆଧାରରେ ବିଭିନ୍ନ ଯୋଜନାର ସଫଳ ରୂପାୟନ କରି କୃଷିର ବିକାଶ ଓ ଚାଷୀମାନଙ୍କ ଆୟ ଦ୍ୱିଗୁଣିତ କରାଇବା ନିମନ୍ତେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ତଥା ୫-'ଟି' ଟାସ୍କ ଟିମ୍ ର ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି। ବୁଧବାର କୃଷି ଭବନଠାରେ ୫-'ଟି' ଟାସ୍କ ଟିମ୍ ର ଏକ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରି ପ୍ରମୁଖ ଶାସନ ସଚିବ ୫-'ଟି' ଅଧୀନରେ ଅନ୍ତର୍ଗତ ୨୩ ଗୋଟି କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । କୃଷକମାନଙ୍କ ଆୟବୃଦ୍ଧି ନିମନ୍ତେ ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଫସଲର ବିବିଧିକରଣ କରାଯାଇ ଅଧିକରୁ ଅଧିକ ଡାଲି, ତୈଳବୀଜ, କପା, ଲଘୁଶସ୍ୟ, ଫଳ ଓ ପନିପରିବା ଚାଷକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଉଥିବାବେଳେ ଏହିସବୁ କାର୍ଯ୍ୟକ୍ରମକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ଚାଷୀମାନଙ୍କ ନିକଟରେ ପହଂଚାଇବା ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବଳରାମ ଯୋଜନାରେ ଯୁଗ୍ମଦେୟ ଗୋଷ୍ଠୀଙ୍କୁ ଋଣ ପ୍ରଦାନ, ଫାର୍ମ ପଣ୍ଡ ଖନନର ଅଗ୍ରଗତି ସଂପର୍କରେ ବିଶଦ ଭାବରେ ସମୀକ୍ଷା କରାଯାଇ ଏଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଉନ୍ନତ କୃଷି ପ୍ରଣାଳୀ ମାଧ୍ୟମରେ ମିଲେଟ୍ ଜାତୀୟ ଫସଲର ଉତ୍ପାଦକତା ବୃଦ୍ଧି ଆଣିବା ଓ ଏହାକୁ ଅଧିକ ବ୍ୟାପକ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶାରେ କୃଷିର ବିକାଶ ଦିଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ନିର୍ବାହ କରୁଥିବାବେଳେ ଏହାକୁ ସ୍ୱତନ୍ତ୍ର ଉତ୍କର୍ଷ କେନ୍ଦ୍ର ଭାବରେ ଗଢ଼ିତୋଳିବା ପାଇଁ ପ୍ରୋତ୍ସାହନ ଦେବା ଉପରେ ପ୍ରମୁଖ ଶାସନ ଗୁରୁତ୍ୱାରୋପ କରିଥିଲେ। କୃଷିକାର୍ଯ୍ୟରେ ଅଧିକରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭାଗୀଦାରିତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଚାଷୀମାନଙ୍କୁ ଆବଶ୍ୟକ ସୂଚନା ଓ ପରାମର୍ଶ ଦେବା ଦିଗରେ 'ଆମ କୃଷି' ପ୍ରଭାବଶାଳୀ ହୋଇପାରିଥିବାବେଳେ ଅଧିକରୁ ଅଧିକ କୃଷକମାନଙ୍କୁ ଏଥିରେ ସାମିଲ କରିବା ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଏବଂ ୫-'ଟି' ଟାସ୍କ ଟିମ୍ ର ଅଧିକାରୀମାନେ ଯୋଗଦେଇଥିଲେ ।

# ଗରିବ ପିଲା ପଢ଼ିପାରିବେ ଇଞ୍ଜିନିୟରିଂ : ଚଳିତ ଶିକ୍ଷାବର୍ଷରୁ ଲାଗୁ ହେବ ୧୦% ସଂରକ୍ଷଣ

ଭୁବନେଶ୍ୱର ,୧୫/୦୯ (ନି.ପ୍ର): ସାଧାରଣ ବର୍ଗର ଗରିବ ଛାତ୍ରଛାତ୍ରୀଙ୍କ ଇଞ୍ଜିନିୟରିଂ ପଢ଼ିବା ସ୍ୱପ୍ନ ସାକାର ହେବାକୁ ଯାଉଛି। ଯେଉଁ ପିଲାଙ୍କ ପରିବାରର ବାର୍ଷିକ ଆୟ ୮ଲକ୍ଷ ଟଙ୍କାରୁ କମ୍ ଏବଂ ୫ ଏକର କିମ୍ବା ତା' ଠାରୁ ଅଧିକ ଜମି ନଥିବ ସେମାନେ ଏହି ସୁବିଧା ପାଇବେ। ୨୦୨୨-୨୩ ଶିକ୍ଷାବର୍ଷରେ ଓଜେଇଇ ପକ୍ଷରୁ ଚାଲିଥିବା ନାମଲେଖା ପ୍ରକ୍ରିୟାରେ ଆର୍ଥିକ ଦୁର୍ବଳ ଶ୍ରେଣୀ(ଇଡବ୍ଲୁଏସ) ଛାତ୍ରଛାତ୍ରୀଙ୍କ ଲାଗି ଏଭଳି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଲାଗୁ ରହିଥିଲା। ଚଳିତ ଶିକ୍ଷାବର୍ଷରୁ ଅଲ୍ ଇଣ୍ଡିଆ କାଉନସିଲ୍ ଫର ଟେକନିକାଲ୍ ଏଜୁକେସନର (ଏଆଇସିଟିଇ) ଅନୁମୋଦନ କ୍ରମେ ଏହି ସଂରକ୍ଷଣ ଅନୁଯାୟୀ ଓଜେଇଇ କାଉନସେଲିଂ କରିବ ବୋଲି ଜଣାପଡ଼ିଛି।

ନିୟମ ଅନୁଯାୟୀ ଯେଉଁ ଛାତ୍ରଛାତ୍ରୀ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି କିମ୍ବା ପଛୁଆ ବର୍ଗ କୋଟାରେ ଅନ୍ତର୍ଭୁକ୍ତ ଥିବେ ସେମାନେ ଏହି ସୁବିଧା ପାଇବେ ନାହିଁ। ଇଡବ୍ଲୁଏସ ପ୍ରମାଣପତ୍ର ପାଇଁ ଛାତ୍ରଛାତ୍ରୀଙ୍କୁ ତହସିଲ୍ ଅଫିସରେ ଆବେଦନ କରିବାକୁ ପଡ଼ିବ। ତଥ୍ୟ ଯାଞ୍ଚ ପରେ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ପ୍ରମାଣପତ୍ର ପ୍ରଦାନ କରିବେ। କାଉନସେଲିଂ ଚାଲିଥିବା ବେଳେ ଇଡବ୍ଲୁଏସ୍ କୋଟା ଲାଗି ଛାତ୍ରଛାତ୍ରୀ ଆବେଦନ କରିବେ। ନାମଲେଖା ସମୟରେ ସେମାନଙ୍କୁ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ।

ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ କହିଛନ୍ତି ଯେ ୨୦୨୨-୨୩ ଶିକ୍ଷାବର୍ଷରେ ବିଭିନ୍ନ ବୈଷୟିକ ପାଠ୍ୟକ୍ରମରେ ନାମଲେଖା ଲାଗି କାଉନସେଲିଂ ଆରମ୍ଭ ହୋଇଯାଇଛି। ଯେଉଁ ଛାତ୍ରଛାତ୍ରୀ ଏଥିରେ ଭାଗ ନେଉଛନ୍ତି ସେମାନେ ପ୍ରଥମେ ୱେବସାଇଟ୍‌ରେ ଦିଆଯାଇଥିବା ନିୟମାବଳୀକୁ ଭଲ ଭାବେ ପଢ଼ନ୍ତୁ। ଦାଖଲ କରୁଥିବା ତଥ୍ୟକୁ ଠିକ୍ ଭାବେ ଦେଖନ୍ତୁ। କେଉଁ ଦିନ କେଉଁ ବିଷୟର କାଉନସେଲିଂ ହେବ ତାହାର ତାଲିକା ଓଜେଇଇ ୱେବସାଇଟ୍‌ରେ ଦିଆଯାଇଛି। ପ୍ରଥମ ଥର ଲାଗି ସମସ୍ତ ଟେକ୍ନିକାଲ ଓ ପ୍ରଫେସନାଲ କୋର୍ସରେ ସାଧାରଣ ବର୍ଗର ଇଡବ୍ଲୁଏସ୍ ଛାତ୍ରଛାତ୍ରୀଙ୍କ ଲାଗି ୧୦% ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଛି। ଏହାକୁ ଲାଗୁ କରିବାକୁ ହେଲେ ବର୍ତ୍ତମାନର ସିଟ୍‌ର ୨୫% ବଢ଼ାଇବାକୁ ପଡ଼ିବ। ଅର୍ଥାତ୍ ଯଦି ଗୋଟିଏ ବିଭାଗରେ ୬୦ଟି ସିଟ୍ ରହିଛି, ତାହା ୭୫କୁ ବୃଦ୍ଧି ପାଇବ। ସେହିପରି ଯେଉଁ ବିଭାଗରେ ୧୨୦ ସିଟ୍ ରହିଛି ତାହା ୧୫୦ରେ ପହଞ୍ଚିବ। ଏହି ବ୍ୟବସ୍ଥା ଦ୍ୱାରା ଗରିବ ମେଧାବୀ ପିଲାମାନେ ଉପକୃତ ହୋଇପାରିବେ। ରାଜ୍ୟର ବିଭିନ୍ନ ବୈଷୟିକ ଶିକ୍ଷା ପାଠ୍ୟକ୍ରମରେ ସିଟ୍ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଯେଉଁମାନେ ଏହାର ଫାଇଦା ନେବାକୁ ଚାହାନ୍ତି ସେମାନେ କାଉନସେଲିଂ ସମୟରେ ଉଲ୍ଲେଖ କରିବା ଆବଶ୍ୟକ। ଏଥିପାଇଁ ଯେଉଁ ଡକ୍ୟୁମେଣ୍ଟ ଆବଶ୍ୟକ ତାହାକୁ ମଧ୍ୟ ଦାଖଲ କରିବା ବାଧ୍ୟତାମୂଳକ। ଓଡ଼ିଶା ଘରୋଇ ଇଞ୍ଜିନିୟରିଂ କଲେଜ ଆସୋସିଏସନ୍(ଓପେକା) ସମ୍ପାଦକ ବିନୋଦ ଦାଶ କହିଛନ୍ତି ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହି ବ୍ୟବସ୍ଥା ଲାଗୁ ଦ୍ୱାରା ଇଞ୍ଜିନିୟରିଂ ପାଠ୍ୟକ୍ରମରେ ୨୫% ସିଟ୍ ବୃଦ୍ଧି ପାଇବ। ସାଧାରଣ ବର୍ଗର ଗରିବ ମେଧାବୀ ପିଲାମାନେ ନିଜ ଚଏସ୍ ଓ ଯୋଗ୍ୟତା ଅନୁଯାୟୀ ଶିକ୍ଷାନୁଷ୍ଠାନରେ ପଢ଼ିପାରିବେ। ଏମିତିରେ ବହୁ କଲେଜରେ ସିଟ୍ ଖାଲି ପଡୁଛି। ସଂରକ୍ଷଣ ବ୍ୟବସ୍ଥା ଲାଗୁ ଦ୍ୱାରା ଆଉ କିଛି ସିଟ୍ ପୂରଣ ହୋଇପାରିବ ଏବଂ ଅଭିଭାବକମାନେ ଉପକୃତ ହେବେ। ରାଜ୍ୟରେ ୮ଟି ସରକାରୀ କଲେଜ ସହ ମୋଟ ୮୬ଟି ଇଞ୍ଜିନିୟରିଂ କଲେଜରେ ୩୪ ହଜାରରୁ ଅଧିକ ସିଟ୍ ରହିଛି। ରାଜ୍ୟରେ ଇଞ୍ଜିନିୟରିଂ ଓ ବୃତ୍ତିଭିତ୍ତିକ ପାଠ୍ୟକ୍ରମରେ ସିଟ୍ ସଂରକ୍ଷଣ ନିଷ୍ପତ୍ତିକୁ ଓଡିଶା ଅଭିଭାବକ ମହାସଂଘ ସ୍ୱାଗତ କରିଛନ୍ତି। ଏହି ନିୟମ ଲାଗୁ ହେବା ଦ୍ୱାରା ରାଜ୍ୟର ବହୁ ଅଭିଭାବକ ନିଜ ପିଲାଙ୍କୁ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଶିକ୍ଷା ଦେଇପାରିବେ। ଏବେ ବି ରାଜ୍ୟରେ ବହୁ ପରିବାର ଆର୍ଥିକ ଦୁର୍ବଳ ଓ ମଧ୍ୟବିତ୍ତ ଶ୍ରେଣୀ ଅନ୍ତର୍ଭୁକ୍ତ ଅଛନ୍ତି। ସେହି ପରିବାରର ଇଞ୍ଜିନିୟରିଂ ପଢିବାକୁ ଇଚ୍ଛୁକ ପିଲାମାନେ ଯୋଜନାରେ ଲାଭବାନ ହେବେ।

## ସୁନିତାରାଣୀ ପାତ୍ର ଓଡ଼ିଶା ଫାର୍ମାସି ପରିଷଦର ରେଜିଷ୍ଟ୍ରାର

ଭୁବନେଶ୍ୱର,୧୫/୦୯ (ନି.ପ୍ର): ଓଡ଼ିଶା ଫାର୍ମାସି କାଉନ୍‌ସିଲରେ ବ୍ୟାପକ ଅନିୟମିତତା ସହିତ ସାର୍ଟିଫିକେଟ୍ ପଞ୍ଜୀକରଣରେ ବିଳମ୍ବ, ପରିଷଦର ଉପଯୁକ୍ତ ପରିଚାଳନାର ଅଭାବ ସହିତ ଜାଣିଶୁଣି ପଞ୍ଜୀକରଣରେ ବିଳମ୍ବ କରାଯାଉଥିବା ଅଭିଯୋଗ ହୋଇଛି। ଏହାସହ ପରିଷଦର ସବୁ ସଦସ୍ୟମାନଙ୍କ ଅବଧି ଶେଷ ହୋଇଥିବା ବେଳେ ନିର୍ବାଚନ ହୋଇନାହିଁ। ଏସବୁର ଯାଞ୍ଚ ପାଇଁ ରାଜ୍ୟ ସରକାର ଏକ କମିଟି ଗଠନ କରିଛନ୍ତି। ଏହାସହ ରାଜ୍ୟ ଭେଷଜ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଡ୍ରଗ୍ ଇନ୍‌ସପେକ୍ଟର ସୁନିତାରାଣୀ ପାତ୍ରଙ୍କୁ ଓଡ଼ିଶା ଫାର୍ମାସି ପରିଷଦର ଭାରପ୍ରାପ୍ତ ରେଜିଷ୍ଟ୍ରାର ଭାବେ ନିଯୁକ୍ତ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ଅତିରିକ୍ତ ଡିଏମ୍‌ଇଟିଙ୍କ ଅଧ୍ୟକ୍ଷତାରେ ଗଠିତ ଯୁଗ୍ମ ତଦନ୍ତ କମିଟି ପକ୍ଷରୁ ଯଥାଶୀଘ୍ର ଓଡ଼ିଶା ଫାର୍ମାସି ପରିଷଦ ସଦସ୍ୟମାନଙ୍କ ନିର୍ବାଚନ କରିବା ଲାଗି ରିପୋର୍ଟ ଦିଆଯାଇଥିଲା। ଏହାସହ ପରିଷଦର ରେଜିଷ୍ଟ୍ରାର ମଧ୍ୟ ଅବସର ନେଇଛନ୍ତି। ଏ ଦୃଷ୍ଟିରୁ ରାଜ୍ୟ ଭେଷଜ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ସୁନିତାରାଣୀ ପାତ୍ରଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେହିପରି ପରିଷଦର ହୋଇଥିବା ଅନିୟମିତା ସହିତ ବିଳମ୍ବିତ ପଞ୍ଜୀକରଣ ପାଇଁ ରାଜ୍ୟ ସରକାର ଏକ ୫ଜଣିଆ କମିଟି ଗଠନ କରିଛନ୍ତି। ଡିଏମ୍‌ଇଟି ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି। ଏହାସହ ସ୍ୱାସ୍ଥ୍ୟସେବା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ରାଜ୍ୟ ଔଷଧ ନିଗମର ମହାପ୍ରବନ୍ଧକ(କ୍ୱାଲିଟି) ମାମିନା ପଟ୍ଟନାୟକ ସଦସ୍ୟ ଓ ରାଜ୍ୟ ସରକାରଙ୍କ ଯୁଗ୍ମ ସଚିବ ମମତା ବାରିକ କମିଟିର ସଦସ୍ୟ ଆବାହକ ଅଛନ୍ତି। ଆସନ୍ତା ୧୫ଦିନ ଭିତରେ କମିଟି ନିଜର ରିପୋର୍ଟ ପ୍ରଦାନ କରିବା ଲାଗି କୁହାଯାଇଛି।

# ରାଜ୍ୟରେ ଆଜି ୨୮୬ ନୂଆ କରୋନା ପଜିଟିଭ : ୩୬ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୧୫/୦୯ (ନି.ପ୍ର): ଆଜି ପୁଣି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ୨ ଶହ ଉପରେ ରହିଛି। ଗତକାଲି ୨୬୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୮୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୬୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୧୯ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୩୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୨୬ଟି ଜିଲ୍ଲାରୁ ୨୮୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି କଟକ ଜିଲ୍ଲାରୁ ସର୍ବାଧିକ ୬୬ ଜଣ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨, ବାଲେଶ୍ୱର ଜିଲ୍ଲାରୁ ୫, ବରଗଡ଼ ଜିଲ୍ଲାରୁ ୫, ଭଦ୍ରକରୁ ୧, ବଲାଙ୍ଗୀରରୁ ୧୨ ଜଣ, ବୌଦ୍ଧରୁ ୧୭, କଟକରୁ ୬୬ ଜଣ, ଦେବଗଡ଼ରୁ ୨, ଢେଙ୍କାନାଳରୁ ୧, ଗଞ୍ଜାମରୁ ୫, ଜଗତସିଂହପୁରରୁ ୪ ଜଣ, ଯାଜପୁରରୁ ୨ ଜଣ, କଳାହାଣ୍ଡି ଜିଲ୍ଲାରୁ ୧୪ ଜଣ, କନ୍ଧମାଳରୁ ୩ ଜଣ, କେନ୍ଦ୍ରାପଡ଼ାରୁ ୨, କେଉଁଝରରୁ ୨, ଖୋର୍ଦ୍ଧା ଜିଲ୍ଲାରୁ ୫୧, କୋରାପୁଟରୁ ୫, ମୟୂରଭଞ୍ଜରୁ ୫ ଜଣ, ନବରଙ୍ଗପୁରରୁ ୯ ଜଣ, ନୟାଗଡ଼ ଜିଲ୍ଲାରୁ ୫ ଜଣ, ନୂଆପଡ଼ାରୁ ୪, ପୁରୀରୁ ୩ ଜଣ, ରାୟଗଡ଼ାରୁ ୨, ସମ୍ବଲପୁରରୁ ୧୮ ଜଣ, ସୋନପୁରରୁ ୮, ସୁନ୍ଦରଗଡ଼ରୁ ୩୯ ଜଣ ଓ ଷ୍ଟେଟପୁଲରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୧, ୧୩୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩, ୨୦, ୨୧୬ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୬୮୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଅକ୍ଟୋବର ୨ରୁ ୧୬ ଯାଏ ମଦ ବିକ୍ରି ବନ୍ଦ କର : ମୋନା



ଭୁବନେଶ୍ୱର ,୧୫/୦୯ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ଆଜି ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯାଇଥିଲା। ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା କମିଟି ସଭାପତି ନୀଳମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜନ୍ମତିଥିରୁ ୧୬ ତାରିଖ ଯାଏ ଭୁବନେଶ୍ୱର ସହରରେ ଥିବା ସମସ୍ତ ମଦ ଦୋକାନ ବନ୍ଦ କରିବାକୁ ଦାବି କରାଯାଇଛି। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି। ଏଥିସହ ମଦକୁ ରାଜ୍ୟରୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଓଡ଼ିଶା ନିଶା ନିବାରଣ ଆଇନ ୧୯୫୬କୁ ତୁରନ୍ତ ଲାଗୁ କରିବା ପାଇଁ ଦାବି କରାଯାଇଛି। ଏଥିରେ ଖଗେଶ୍ୱର ବଳ, ଇନ୍ଦୁମତୀ ସାହୁ, ମଳୟ ତ୍ରିପାଠୀ, ଦୁର୍ଗାପ୍ରସାଦ ସାହୁ, ଶୁଭେନ୍ଦୁ ରାଉତରାୟ, ସଞ୍ଜୟ ପରିଡ଼ା, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ରାଜ୍ୟର ସବୁ ରାସ୍ତା ଗୋଟିଏ ଡିଜାଇନ୍‌ର ହେବ



ଭୁବନେଶ୍ୱର,୧୫/୦୯ (ନି.ପ୍ର): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିଚାଲିଥିବାରୁ ଏହା ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଓଡ଼ିଶା ମୋଟର ଯାନ ନିୟମ ୧୯୯୩ରେ ସଂଶୋଧନ କରି ଓଡ଼ିଶା ମୋଟର ଯାନ (ସଂଶୋଧିତ) ନିୟମ, ୨୦୨୨ ଆଣିବାକୁ ଯାଉଛନ୍ତି। ଏଥିରେ ରାସ୍ତା ନିର୍ମାଣକାରୀ ବିଭାଗ ଠାରୁ ଆରମ୍ଭ କରି ଆରଟିଓ, ପୁଲିସ ସମସ୍ତଙ୍କୁ ଦାୟିତ୍ୱ ଆବଣ୍ଟନ କରିବାକୁ ଯାଉଛନ୍ତି। ଏପରିକି ପ୍ରତି ରାସ୍ତାରେ କ'ଣ କ'ଣ ସୁବିଧା ରହିବା ଦରକାର ସେନେଇ ଏକ ଏସ୍‌ଓପି ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ପରିବହନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏଣିକି ଜାତୀୟ ରାଜପଥରୁ ଆରମ୍ଭ କରି ରାଜ୍ୟ ରାଜପଥ, ପୌର ସଂସ୍ଥା ଅଧୀନରେ ଥିବା ରାସ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାଗୁଡ଼ିକର ଡିଜାଇନ୍ ଗୋଟିଏ ପ୍ରକାରର ହେବ। ଏଥିରେ କେବଳ ରାସ୍ତାର ଚଉଡା ଯାହା ବଦଳିବ। ପ୍ରତି ରାସ୍ତାରେ ପଥଚାରୀ, ସାଇକେଲ୍ ଚାଳକ, ଅଣ ମୋଟରଯାନ ବ୍ୟବହାରକାରୀଙ୍କ ପାଇଁ ଫୁଟପାଥ୍, ସାଇକେଲ୍ ଟ୍ରାକ୍, ଫୁଟ୍ ଓଭରବ୍ରିଜ୍ ରହିବ। ଏପରିକି ଘୋଡ଼ା ଗାଡ଼ି , ବଳଦ ଗାଡ଼ି ଭଳି ପଶୁ ଚାଳିତ ଗାଡ଼ି ଯାତାୟତ ସୁବିଧା ବି ଫୁଟପାଥ୍‌ରେ ରହିବ।

ଜନବସତି ଅଞ୍ଚଳରେ ପ୍ରତି ଦୁଇ କିଲୋମିଟର ରାସ୍ତାରେ ପଥଚାରୀଙ୍କ ପାଇଁ ରାସ୍ତା ଅତିକ୍ରମ ସୁବିଧା ରହିବ, କେଉଁଠି ଘରୋଇ ଗାଡ଼ି ଚଳାଚଳ ବନ୍ଦ ରହିବ ତାହା ପୁଲିସ ଓ ପୂର୍ତ୍ତ ବିଭାଗ ଚିହ୍ନଟ କରିବା ସହ ଉକ୍ତ ସ୍ଥାନରେ ପଥଚାରୀଙ୍କ ଯାତାୟତ ପାଇଁ ସୁବିଧା କରିବେ। ସମସ୍ତ ନୂତନ ଓ ଉନ୍ନତୀକରଣ ହୋଇଥିବା ରାସ୍ତାରେ ସାଇକେଲ୍ ଟ୍ରାକ୍, ଫୁଟପାଥ୍ ନିର୍ମାଣ କରାଯିବ। ସମସ୍ତ ଗାଡ଼ି ଚାଳକ ଯେପରି ଅଣ ମୋଟରଯାନ ଚାଳକଙ୍କ ଠାରୁ ଦୂରରେ ଗାଡ଼ି ଚଲାଇବେ ଏବଂ ଅତିକ୍ରମ କରିବେ ସେହିଭଳି ରାସ୍ତା ନିର୍ମାଣ ହେବ। ସବୁ ନୂଆ ରାସ୍ତାରେ ଯଦି ପଥଚାରୀଙ୍କ ଫୁଟପାଥ୍ ନରହିବ ତେବେ ଉକ୍ତ ପ୍ରକଳ୍ପ ମୂଲ୍ୟର ୧% ଅର୍ଥ ରାଜ୍ୟ ସଡ଼କ ସୁରକ୍ଷା ପାଣ୍ଠିରେ ଜରିମାନା ଆକାରରେ ଜମା କରିବାକୁ ହେବ। ୧୨ ମିଟର ବା ୪୦ଫୁଟ କିମ୍ବା ତାହାଠାରୁ କମ୍ ଓସାର ରାସ୍ତାରେ ଯାନବାହାନ ଘଣ୍ଟା ପ୍ରତି ୧୫ରୁ ୨୦କିମି ବେଗରେ ଯିବ। ରାସ୍ତାର ଦୁଇ ପାର୍ଶ୍ୱରେ ଗଛ ଲାଗିଥିଲେ ୩ମିଟର ବା ୧୦ଫୁଟ ଉଚ୍ଚତା ମଧ୍ୟରେ ଯେପରି ଗଛର ଡାଳ ରହିବନି ସେନେଇ ବ୍ୟବସ୍ଥା କରାଯିବ। ସେହିପରି ଯେଉଁମାନେ ସଡ଼କ ସୁରକ୍ଷା ନିୟମ ମାନିବେନି ସେମାନଙ୍କ ଠାରୁ କେବଳ ଏଏସ୍‌ଆଇ ଏବଂ ଏହାଠାରୁ ବଡ଼ ରାଙ୍କର ଅଧିକାରୀମାନେ ଜରିମାନା ଆଦାୟ କରିପାରିବେ। ଏହିଭଳି ନିୟମ ଓଡ଼ିଶା ମୋଟର ଯାନ (ସଂଶୋଧିତ) ନିୟମ-୨୦୨୨ରେ ରହିବ।

# ସିଧାସଳଖ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବେ ସରକାର

ଭୁବନେଶ୍ୱର ,୧୫/୦୯ (ନି.ପ୍ର): ଏଣିକି ସ୍ୱାସ୍ଥ୍ୟ ବିଭାଗରେ ସିଧାସଳଖ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି କରାଯିବ। ସହକାରୀ ସର୍ଜନ୍ ବଦଳରେ ଯେଉଁମାନେ ପିଜି ଶେଷ କରିଛନ୍ତି ସେମାନଙ୍କୁ ବିଶେଷଜ୍ଞ ଡାକ୍ତରଭାବେ ନିଯୁକ୍ତି ମିଳିବ। ଏଥିପାଇଁ ଓଡ଼ିଶା ମେଡିକାଲ ଏବଂ ସ୍ୱାସ୍ଥ୍ୟ ସେବା ବା ଓଏମ୍‌ଏଚ୍‌ଏସ୍ ନିୟମ ୨୦୧୭ରେ କିଭଳି ସଂଶୋଧନ କରାଯିବ ତାହା ସଂପର୍କରେ ପ୍ରସ୍ତାବ ଦେବା ଲାଗି ରାଜ୍ୟ ସରକାର ଆଜି ଏକ ୭ଜଣିଆ କମିଟି ଗଠନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ନିଯୁକ୍ତି ସମୟରେ ପିଜି କରିଥିଲେ ମଧ୍ୟ ତାଙ୍କୁ ବିଶେଷଜ୍ଞ ଡାକ୍ତର ବଦଳରେ ସହକାରୀ ସର୍ଜନ ଭାବେ ନିଯୁକ୍ତି ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଯେଉଁ ଡାକ୍ତରମାନେ ପିଜି କରିଛନ୍ତି ସେହି ବିଭାଗରେ ବିଶେଷଜ୍ଞ ଡାକ୍ତରଭାବେ ଘୋଷଣା କରୁଥିଲେ। ଏଥିପାଇଁ ପିଜି ଡାକ୍ତରଙ୍କୁ କିଛି ବର୍ଷ ଅପେକ୍ଷା କରିବାକୁ ପଡୁଥିଲା। ଏସବୁ କାରଣ ପାଇଁ ଅନେକ ପିଜି ଡାକ୍ତର ସରକାରୀ ବଦଳରେ ଘରୋଇ ଡାକ୍ତରଖାନାରେ କାର୍ଯ୍ୟ କରିବାକୁ ପସନ୍ଦ କରୁଥିଲେ। ତେଣୁ ପିଜି ଡାକ୍ତରମାନଙ୍କୁ ସରକାରୀ କ୍ଷେତ୍ରକୁ ଆକୃଷ୍ଟ କରିବା ଲାଗି ଏବେ ସିଧାସଳଖ ବିଶେଷଜ୍ଞ ଡାକ୍ତରଭାବେ ନିଯୁକ୍ତି କରାଯିବ। ମାତ୍ର ସିଧାସଳଖ ନିଯୁକ୍ତି ପରେ ସେମାନଙ୍କର ଏକ ସ୍ୱତନ୍ତ୍ର କ୍ୟାଡର ରହିବ ନା ପୂର୍ବରୁ ପ୍ରଚଳିତ କ୍ୟାଡରରେ ସେମାନେ କାର୍ଯ୍ୟ କରିବେ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଗଠିତ କମିଟିରେ ଜାତୀୟ ସ୍ୱାସ୍ଥ୍ୟ ମିସନର ପରିଚାଳନା ନିର୍ଦ୍ଦେଶକ ଅଧ୍ୟକ୍ଷ ରହିଛନ୍ତି। ଏହାସହ ସ୍ୱତନ୍ତ୍ର ସଚିବ(ଏମ୍‌ଏସ୍), ସ୍ୱତନ୍ତ୍ର ସଚିବ ତଥା ଏଫ୍‌ଏ, ଡିଏମ୍‌ଇଟି, ଡିଏଚ୍‌ଏସ୍, ଡିପିଏଚ୍ ସଦସ୍ୟ ଥିବା ବେଳେ ଅତିରିକ୍ତ ସଚିବ(ଏମ୍‌ଏସ୍) ସଦସ୍ୟ ଆବାହକ ରହିଛନ୍ତି। କମିଟିର ରିପୋର୍ଟ ପାଇବା ପରେ ରାଜ୍ୟ ସରକାର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, କେନ୍ଦ୍ର ସରକାର ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ପରିଚାଳନା ଉପରେ ଗୁରୁତ୍ୱ ଦେଉଛନ୍ତି। ଓଏମ୍‌ଏଚ୍‌ଏସ୍ କ୍ୟାଡରରେ ସିଧାସଳଖ ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତିର ବ୍ୟବସ୍ଥା ନାହିଁ। କମିଟି ଖୁବଶୀଘ୍ର ଏ ସଂପର୍କିତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ନିଖିଳ ଓଡ଼ିଶା ୱେଲ୍‌ଫେୟାର ଅଫିସର ଆସୋସିଏସନର ସାଧାରଣ ଅଧିବେଶନ ଅନୁଷ୍ଠିତ

ଭୁବନେଶ୍ୱର,୧୫/୦୯ (ନି.ପ୍ର): ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟର୍ସ ସମ୍ମିଳନୀ କକ୍ଷରେ ଅଲ୍ ଓଡ଼ିଶା ୱେଲ୍‌ଫେୟାର ଅଫିସର ଆସୋସିଏସନ୍‌ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ବୈଠକରେ ପୂର୍ବାହ୍ନରେ ସାଧାରଣ ପରିଷଦର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ଏହି ନିର୍ବାଚନରେ ମନୋଜ କୁମାର ନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ମଧୁସ୍ମିତା ମହାପାତ୍ର ସାଧାରଣ ସମ୍ପାଦକ, ଅର୍ଜୁନ ନାୟକ ଉପସଭାପତି ଓ ଶିଶିର ପୁହାଣ ଜଏ ସେକ୍ରେଟାରୀ ହେଡ୍‌କ୍ୱାଟର ଭାବେ ନିର୍ବାଚିତ ହୋଇଥିଲେ । ଅପରାହ୍ନ ଅଧିବେଶନରେ ମୁଖ୍ୟତଃ ସଂଘର ବିଭିନ୍ନ ଦାବି, କାର୍ଯ୍ୟକ୍ଷେତ୍ରରେ ଅନୁଭବ କରୁଥିବା ସମସ୍ୟା ଗୁଡ଼ିକ ସମ୍ପର୍କରେ ସରକାରଙ୍କ ସହିତ ଆଲୋଚନା କରିବା ପାଇଁ ସ୍ଥିର କରାଯାଇଥିଲା । ଏହି ଅଧିବେଶନରେ ଅନୁଷ୍ଠିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଉକ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଗୁହାପୁନମ୍ ତାପସ କୁମାର, ସ୍ୱତନ୍ତ୍ର ସଚିବ ବିଶ୍ୱରଂଜନ ସାମଲ, ଅନ୍ୟତମ ସ୍ୱତନ୍ତ୍ର ସଚିବ ପ୍ରଦୀପ ଗରଡ଼ିଆ, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ ମଲ୍ଲିକ, ଫାଇନାନ୍ସିଆଲ୍ ଆଡ୍‌ଭାଇଜର ଜୟଶ୍ରୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଭାଗୀୟ ଅଧିକାରୀମାନଙ୍କର ବିଭିନ୍ନ ସ୍କିମ୍ ସମ୍ପର୍କରେ କର୍ମଚାରୀମାନଙ୍କ ସହିତ ଆଲୋଚନା କରି କରିଥିଲେ । ବୈଠକରେ ୱେଲ୍‌ଫେୟାର ଅଫିସରମାନଙ୍କର ବିଭିନ୍ନ ଦାବି ଓ ସମସ୍ୟା ସମ୍ପର୍କରେ ଆଲୋଚନା କରି ଆସ୍ତେ ଆସ୍ତେ ସମସ୍ତ କଥାଗୁଡ଼ିକୁ ବିଚାର କରି ପଦକ୍ଷେପ ନେବେ ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି । ସେହିଭଳି ପ୍ରତି ତିନି ମାସରେ ଥରେ ଅଫିସରମାନଙ୍କ ସହିତ ଏକାଠି ବସି ଆଲୋଚନା କରି ସମସ୍ୟାଗୁଡ଼ିକୁ ବିଚାର କରାଯିବ ବୋଲି ବିଭାଗୀୟ ଶାସନ ସଚିବ ଶାସ୍ୱତ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି । ସଂଘ ତରଫରୁ ଯେଉଁ ଦାବିଗୁଡ଼ିକ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଇଛି, ସେଗୁଡ଼ିକ ହେଲା (୧) ଖାଲିଥିବା ପଦବୀ ପୂରଣ କରିବା (୨) ୧୨ବର୍ଷ ଧରି କାମ କରୁଥିବା ଓ.ଡବ୍ଲ୍ୟୁ.ଏସ୍ -୧ ଅଧିକାରୀମାନଙ୍କୁ ପଦୋନ୍ନତି ଦେବା ସହ୨୫ବର୍ଷ ଧରି କାମକରି ପଦୋନ୍ନତି ପାଉନଥିବା ଡବ୍ଲ୍ୟୁ.ଇ.ଓ. ଓ ଏ.ଡି.ଡବ୍ଲ୍ୟୁ.ଓ. ମାନଙ୍କୁ ପଦୋନ୍ନତି ଦେବା (୩) ୱେଲ୍‌ଫେୟାର ଅଫିସରମାନଙ୍କର ବିଭିନ୍ନ କ୍ଷେତ୍ରକୁ ଯାଇ କାମ ଦେଖିବା ପାଇଁ ଦିଆଯାଉଥିବା ଟି.ଏ. ବୃଦ୍ଧି କରିବା (୪) ସଂଘ କାର୍ଯ୍ୟାଳୟ ନିମନ୍ତେ ଗୋଟିଏ କୋଠରୀ ଆଦିବାସୀ ପଡ଼ିଆରେ ବା ଏସ୍.ସି. ଏସ୍.ଟି. ଆ।ର.ଟି.ଆ।ଇ.ଠ।ରେ ଯୋଗାଇଦେବା (୫) ଜିଲ୍ଲା ୱେଲ୍‌ଫେୟାର ଅଫିସରମାନଙ୍କୁ ଗୋଟିଏ ଜିଲ୍ଲାରେ ତିନିବର୍ଷରୁ ଅଧିକ ସମୟ ନ ରଖିବା, ଡବ୍ଲ୍ୟୁ.ଇ.ଓ ଏଷ୍ଟାବ୍ଲିସ୍‌ମେ ଅଧିକାରୀମାନଙ୍କୁ ବ୍ଲକରୁ ଦରମା ଦେବା ବ୍ୟବସ୍ଥା ବନ୍ଦ କରି ନିଜ ବିଭାଗରୁ ଦରମା ପାଇବା ପାଇଁ ବ୍ୟବସ୍ଥା କରିବା (୬) ଡବ୍ଲ୍ୟୁ. ଇ.ଓ.ମାନଙ୍କୁ ଜାତୀୟ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟ ବିଭାଗ କାର୍ଯ୍ୟକ୍ରମରେ ଜଡ଼ିତ ନ କରିବା ଭଳି ପ୍ରମୁଖ ଦାବିଗୁଡ଼ିକ ଉପସ୍ଥାପନ ପରିପ୍ରେକ୍ଷୀରେ ସରକାର ସୁବିଚାର କରିବେ ବୋଲି ମନ୍ତ୍ରୀ ଓ ସଚିବ ପ୍ରତିଶ୍ରୁତି ଦେଇଛନ୍ତି ।

# ସେଂଟ୍ ଜନ ଆମ୍ବୁଲାନ୍ସର କାର୍ଯ୍ୟ ନିର୍ବାହୀ ବୈଠକ

ଭୁବନେଶ୍ୱର,୧୫/୦୯ (ନି.ପ୍ର): ଅନ୍ୟର ସେବାରୁ ନିର୍ମଳ ଆନନ୍ଦ ମିଳେ। ବ୍ୟକ୍ତିଗତ ଖୁସିର ସାର୍ବଜନୀନ ପରିପ୍ରକାଶ ହେଉଛି ସେବା। ଏହାର ଆଧାର ହେଉଛି ଉଭୟ ଭାବ ଓ ଆବେଗ । ଏହା ଆମ ଜୀବନର ଧ୍ୟେୟ ହେବା ଉଚିତ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସେଂଟ୍ ଜନ ଆମ୍ବୁଲାନ୍ସ, ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ବୈଠକରେ ସଭାପତିତ୍ୱ କରି ପ୍ରକାଶ କରିଛନ୍ତି। ଆଜି ରାଜଭବନରେ ଅନୁଷ୍ଠିତ କାର୍ଯ୍ୟ ନିର୍ବାହୀ ବୈଠକରେ ସେଂଟ୍ ଜନ ଆମ୍ବୁଲାନ୍ସର ଲକ୍ଷ୍ୟ ଓ ଆଦର୍ଶ ପରିପୂରଣ ନିମନ୍ତେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି। ଏହାକୁ ଆହୁରି କ୍ରିୟାଶୀଳ ଓ ସମୟ ଉପଯୋଗୀ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି । ସେଂଟ୍ ଜନ ଆମ୍ବୁଲାନ୍ସର ସେବା ପରିସରକୁ ଆହୁରି ବ୍ୟାପକ କରିବା ସହିତ ଗୁଣାତ୍ମକ ସେବା ଯୋଗାଣ ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଆଂଚଳିକ ପରିବହନ କାର୍ଯ୍ୟାଳୟମାନଙ୍କରେ ପ୍ରାଥମିକ ଚିକିତ୍ସା ତାଲିମପ୍ରଦାନ ,ନିଜସ୍ୱ କାର୍ଯ୍ୟାଳୟ ଗୃହ ପୋଲିସ ହାଉସିଂ କରପୋରେସନ୍ ଦ୍ୱାରା ନିର୍ମାଣ କରାଯିବା ଏବଂ ପ୍ରାଥମିକ ଚିକିତ୍ସା ତାଲିମ ପ୍ରମାଣ ପତ୍ରକୁ ସମ୍ପୂର୍ଣ୍ଣ ଡିଜିଟାଇଜେସନ୍ କରାଯିବା ପାଇଁ ନିଷ୍ପତି ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ସେଂଟ୍‌ଜନ ଆମ୍ବୁଲାନ୍ସର ଅଧ୍ୟକ୍ଷ ନବକିଶୋର ଦାସ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର କାର୍ଯ୍ୟ ପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ଅନୁଷ୍ଠାନର ଅବୈତନିକ ସଚିବ ଡ଼.ସନତ କୁମାର ପଟ୍ଟନାୟକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ବୈଠକରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର , ଅଗ୍ନିଶମ ଓ ହୋମଗାର୍ଡର ମହା ନିର୍ଦ୍ଦେଶକ ତଥା ସେଂଟ୍ ଜନ ଆମ୍ବୁଲାନ୍ସର ଉପାଧ୍ୟକ୍ଷ ଅରୁଣ ବୋଥ୍ରା , ସମାଜ ମଙ୍ଗଳ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଆଲୋଚନାର ଅଂଶଗ୍ରହଣ କରିଥିଲେ ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୫/୦୯ (ନି.ପ୍ର): ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସର ଉପସଭାପତି ସୁଶ୍ରୀ ରାଜଲକ୍ଷ୍ମୀ ସାହୁଙ୍କ ନେତୃତ୍ୱରେ ଗୁରୁବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ କଲେଜ ଅଫ ସାଇନ୍ସ ଆଣ୍ଡ ଏଜୁକେସନର କ୍ୟାମ୍ପସ କମିଟି କଲେଜର ବିଭିନ୍ନ ମୌଳିକ ସମସ୍ୟା ସମ୍ବଳିତ ଏକ ଦାବିପତ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରି ପ୍ରଦାନ କରିଥିଲେ। କଲେଜର ବିଭିନ୍ନ ସମସ୍ୟା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସେହି ଦାବି ଗୁଡ଼ିକ ହେଲା କଲେଜରେ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ସ୍ପୋର୍ଟସ ର ବ୍ୟବସ୍ଥା, କଲେଜ ପରିସର, କ୍ଲାସ ରୁମ ଏବଂ ଶୌଚାଳୟର ସଫେଇ ବ୍ୟବସ୍ଥା, ବାର୍ଷିକ ଉତ୍ସବ, ଆବଶ୍ୟକ ଅନୁଯାୟି ଅଧ୍ୟାପକ ନିଯୁକ୍ତି, ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ଉତ୍ସବ, କ୍ୟାମ୍ପସରେ ନିଶାନିବାରଣ, ସାଇକେଲ ଓ ମୋଟର ସାଇକେଲ ଷ୍ଟାଣ୍ଡ, କ୍ୟାମ୍ପସରେ ଅସାମାଜିକ ଯୁବକମାନଙ୍କର ପ୍ରବେଶ ନିଷେଧ ସହ ଛାତ୍ର ଛାତ୍ରୀ ମାନଙ୍କ ପ୍ରତି ଅଧ୍ୟାପକ ମାନଙ୍କର ଭଲ ବ୍ୟବହାର। ଶ୍ରୀ ପୂଜାରୀ ଛାତ୍ରଛାତ୍ରୀ ମାନଙ୍କ ସହିତ ଏହି ଦାବି ବିଷୟରେ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ଦୁଇ ଭଉଣୀଙ୍କ ଦୁଷ୍କର୍ମ ପରେ ହତ୍ୟା : ଛଅ ଅଭିଯୁକ୍ତ ଗିରଫ

ଲଖୀମପୁର ଖୀରୀ,୧୫/୦୯ (ନି.ପ୍ର): ବୁଧବାର ରାତି ଦୁଇ ଦଳିତ ଭଉଣୀଙ୍କ ଦୁଷ୍କର୍ମ ପରେ ହତ୍ୟା କରିଦିଆ ଯାଇଛି। ଘଟଣାର ସୂଚନା ପରେ ଘଟଣାସ୍ଥଳରେ ଅଧିକ ପୋଲିସ୍ ଛାଉଣୀ କରିଦିଆଯାଇଛି। ଖୀରୀ ଏସ୍‌ପି ମଧ ଘଟଣାସ୍ଥଳରେ ପହଂଚି ଛାନ୍‌ଭିନ କରିଛନ୍ତି। ମାମଲାରେ ଛଅ ଜଣଙ୍କ ବିରୁଦ୍ଧରେ ରିପୋର୍ଟ ଦର୍ଜ କରାଯାଇଛି। ପୋଲିସ୍ ରାତିରେ ପୋଲିସ ଜାଂଚ ଓ ଧରପକଡ କରି ଛଅ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଯେଉଁଥିରେ ଜଣଙ୍କୁ ଏନ୍‌କାଉଂଟର ସମୟରେ ଗୋଡ଼ରେ ଗୁଳି ଲାଗିଛି। ପୋଲିସ୍ ଛୋଟୁ, ସୁହେଲ, ଜୁନୈଦ, କରିମୁଦ୍ଦିନ, ହାଫିଜୁଲ୍ଲାହକୁ ଆରେଷ୍ଟ କରିଛି।

## ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସପ୍ତମ ଆରପିଡିଏସି ବୈଠକ




ବାରିପଦା,୧୫/୦୯ (ନି.ପ୍ର): ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସପ୍ତମ ଆରପିଡିଏସି (ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶ ଦାତା କମିଟି) ବୈଠକ ତା ୧୪-୦୯-୨୦୨୨ରିଖ ଅପରାହ୍ନରେ ବାରିପଦା ପ୍ରୟାସ ସମ୍ମିଳନୀ କକ୍ଷରେ କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ, ଭା.ପ୍ର.ସେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ଶ୍ରୀ ସୁଦାମ ମାର୍ଣ୍ଡି, ମୋରଡା ବିଧାୟକ ଶ୍ରୀ ରାଜ କିଶୋର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦାଃ, ମୟୂରଭଞ୍ଜ ଜିଲ୍ଲାପାଳ, ଶ୍ରୀ ବିନୀତ ଭରଦ୍ୱାଜ, ଭା.ପ୍ର.ସେ, ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ, ଶ୍ରୀ ରଷିକେଶ ଦ୍ୟାନଦେଓ ଖିଲାରୀ, ଭା.ପୁ.ସେ, ଜଳସମ୍ପଦ ବିଭାଗ (ଆରଏଣ୍ଡଆର)ନିର୍ଦ୍ଦେଶକ ଶ୍ରୀ ଆଲୋକ କର, ମୁଖ୍ୟଯନ୍ତ୍ରୀ ଇଂ. ତରଣୀସେନ ଧଳ, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ଭା.ପ୍ର.ସେ ପ୍ରମୁଖ ସମେତ ତିନ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରୁଦ୍ର ନାରାୟଣ ମହାନ୍ତି, ଶ୍ରୀ ସୂଚାରୁ ବଳ (ରାଜସ୍ୱ) ଓ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ, ଉପଜିଲ୍ଲାପାଳ ରାଇରଙ୍ଗପୁର ଶ୍ରୀ ସରୋଜ କୁମାର ଦାଶ, ସମ୍ପୃକ୍ତ ବିଭାଗ ଅଧିକାରୀ ଏବଂ ବିସ୍ଥାପିତ ତଥା ବୁଡି ଅଂଚଳର ଜନ ପ୍ରତିନିଧିମାନେ ଯୋଗଦେଇ ସୁବର୍ଣ୍ଣରେଖା ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ବିସ୍ଥାପିତ ଅଂଚଳର ପୁନର୍ବାସ / ଥଇଥାନ ଓ ପାରିପାର୍ଶ୍ୱିକ ବିକାଶ ଆଦି ବିଭିନ୍ନ ଦିଗ ଉପରେ ବିଶଦ ଆଲୋଚନା କରିଥିଲେ। ଏଥିରେ ବିଶେଷକରି ଜମ୍ବୀରା, ହଳଦିଆ ଓ ଇଚ୍ଛା ଡ୍ୟାମ (ଜଳଭଣ୍ଡାର) ଅଂଚଳର ବିସ୍ଥାପିତ ଲୋକ ମାନଙ୍କର ଥଇଥାନ ସମ୍ପର୍କିତ ଥିବା ବିଭିନ୍ନ ସମସ୍ୟା ମଧ୍ୟରେ ରହିଯାଇଥିବା ବିସ୍ଥାପିତ ପରିବାରକୁ ନିୟମାନୁଯାୟୀ କ୍ଷତିପୂରଣ ଓ ଅନୁକମ୍ପା ସହାୟତା ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ଦିଗରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଶାସନ, ସମ୍ପୃକ୍ତ ବିଭାଗ ଓ ଜନ ପ୍ରତିନିଧିଙ୍କ ସହଯୋଗରେ ବିହିତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜସ୍ୱ କମିଶନର ଡ. ଦଳାଇ ନିର୍ଦ୍ଦେଶ ଦେଇଥିଲେ। ବିସ୍ଥାପିତ ଲୋକମାନଙ୍କ ଥଇଥାନ ଓ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମରେ ବିସ୍ଥାପିତ କଲୋନୀ ଅଂଚଳରେ ଗମନାଗମନ ରାସ୍ତା ସଂଯୋଗୀକରଣ, ବିଜୁଳି ଆଲୋକ, ପାନୀୟ ଜଳ, ସ୍କୁଲ, ସ୍ୱାସ୍ଥ୍ୟ ଚିକିତ୍ସାକେନ୍ଦ୍ର ଇତ୍ୟାଦି ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ମଧ ବୈଠକରେ ନିଷ୍ପତି ନିଆଯାଇଥିଲା। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଓ ପିଡି ଆର ଏଣ୍ଡ ଆର ତରଫରୁ ଜୋନ ଅଧିକାରୀ ଶ୍ରୀ ଉତମ କୁମାର ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚାଇଥିଲେ। ଅଧିକ୍ଷଣ ଯନ୍ତ୍ରୀ ଇଂ. ରଣଜିତ୍ ପାଣି ପାୱାର ପଏଣ୍ଟ ମାଧ୍ୟମରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଅନୁଷ୍ଠିତ ପୂର୍ବ ଆରପିଡିଏସସି ବୈଠକର ବିବରଣୀ ସହ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ମୁଖ୍ୟ ଯନ୍ତ୍ରୀ ଇଂ. ତରଣୀସେନ ଧଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦଳାରେ ସିଦ୍ଧ ପିତୃମୁକ୍ତି ମହାଯଜ୍ଞ ଅନୁଷ୍ଠିତ



ଉଦଳା, ୧୫/୦୯ (ନି.ପ୍ର): ସ୍ୱାମୀ ହରଦାସ ସ୍ୱୟଂ ସିଦ୍ଧ ପୀଠ, ପୁନେ ଆନୁକୂଲ୍ୟରେ ଓ ସିଦ୍ଧ ପରିବାର ମୟୂରଭଞ୍ଜ (ଉଦଳା)ର ଆୟୋଜନରେ ଚଳିତ ସେପ୍ଟେମ୍ବର ୧୪ ତାରିଖ ବୁଧବାର ଦିନ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ପିତୃପକ୍ଷ ପାଳନ ଅବସରରେ ପିତୃ ପୁରୁଷଙ୍କ ମୁକ୍ତି ଉଦେଶ୍ୟରେ ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଭିନ୍ନ ସ୍ଥାନରୁ ୭୫ ଜଣ ସିଦ୍ଧ ଶ୍ରଦ୍ଧାଳୁ ସହଭାଗୀ ଥିଲେ । ସିଦ୍ଧ ପଦ୍ଧତିରେ ଅନୁଷ୍ଠିତ ଏହି ମହାଯଜ୍ଞର ପ୍ରଭାବ ବେଶ ଭଲ ଭାବରେ ଅନୁଭୁତ ହେଉଥିଲା ବୋଲି ଅନେକ ବ୍ୟକ୍ତ କରିଥିଲେ । ସ୍ୱାମୀ ହରଦାସ ସ୍ୱୟଂ ସିଦ୍ଧ ପୀଠ, ପୁନେରୁ ଆସିଥିବା ଟିମ ଯଜ୍ଞ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ମୟୂରଭଞ୍ଜ ସିଦ୍ଧ ପରିବାରର ସଦସ୍ୟ ସୁନିତା ତେଲି, ଜଗଦୀଶ କୁମାର ମହାନ୍ତ, ଗଣେଶ୍ୱର ମହାନ୍ତ, ଧିରେନ୍ଦ୍ରନାଥ ମହାନ୍ତ ମହାଯଜ୍ଞ ଆୟୋଜନର ମୁଖ୍ୟ ଭୂମିକା ନିଭେଇଥିଲେ । ମହାଯଜ୍ଞକୁ ସଫଳ କରିବାରେ ହରଦାସ ସଦୁଆଳ, ରବିନାରାୟଣ ମାଝୀ, ଭାଗିରଥୀ ମହାନ୍ତ, କାହ୍ନୁଚରଣ ସେନାପତି, ରଞ୍ଜନ କୁମାର ସେଠୀ, ହରି ମୁର୍ମୁ, ସୁଦର୍ଶନ ନାୟକ, ବସନ୍ତ ସିମନାକିଆ, ପଞ୍ଚାନନ ପଡ଼ିଆଳ, ମହେଶ୍ୱର ବାରିକ, ଅନାଦି ବୁଗୁଡ଼େଇ ସହଯୋଗ କରିଥିଲେ। ପ୍ରକାଶ ଥାଉକି ସିଦ୍ଧ ବିଜ୍ଞାନ ଭଳି ଏକ ଅମୂଲ୍ୟ ସମ୍ପଦ ହଜି ଯାଉଥିବା ବେଳେ ଏହାର ଉପରେ ଗବେଷଣା କରିବା ଓ ଏହାର ଉପକାରିତାକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ଉଦଳାର ହରଦାସ ସଦୁଆଳ ଓ ରବିନାରାୟଣ ମାଝୀ ଯେଉଁ ପ୍ରକାର ଉଦ୍ୟମ ଚଳାଇଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି ।

## ଅବସରପ୍ରାପ୍ତ ପୁଲିସ୍ କର୍ମଚାରୀଙ୍କ ପରଲୋକ



ଜଳେଶ୍ୱର, ୧୫/୦୯ (ନି.ପ୍ର): ଆଜି ଜଳେଶ୍ୱର ବ୍ଲକର ନଛିମପୁର ପଂଚାୟତ ଅଧିନ ନାଙ୍ଗୁଡସାହି ଗ୍ରାମର ପ୍ରଫୁଲ୍ଲ କୁମାର ଜେନା(୬୨)ଙ୍କ ହୃଦ୍‌ଘାତରେ ପରଲୋକ ହୋଇ ଯାଇଛି । ହୃଦ୍‌ଘାତରେ ପିଡିତ ଥାଇ ୧୨ଦିନ ଧରି ଚିକିତ୍ସିତ ହେଉଥିବା ବେଳେ ଆଜି ପୂର୍ବାହ୍ନ ୯.୩୦ ମିନିଟ୍ ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ତାଙ୍କର ପରଲୋକ ଘଟିଛି । ସେ ଓଡିଶା ପୁଲିସ୍‌ରେ ହେଡ କନେଷ୍ଟବଲ ଭାବେ କାର୍ଯ୍ୟରୁ ଅବସର ନେଇଥିଲେ ମଧ୍ୟ ଜଳେଶ୍ୱର ଥାନା, ନାମ୍ପୋ ଫାଣ୍ଡି, ରାଇବଣିଆ ଥାନା, ଓଲମରା ଫାଣ୍ଡି, କୁଶଗଡ ଫାଣ୍ଡି ଓ ପରେ ବାଲେଶ୍ୱର ଥାନରେ ସୁଚାରୁ ରୂପେକାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି । ତାଙ୍କ ମୃତ୍ୟଶର୍ଯ୍ୟା ନିକଟରେ ପୁତ୍ର ସଂଜିବ, ରାଜୀବ, ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଉପସ୍ଥତ ଥିବା ବେଳେ ଗାଁ ଶ୍ମାସନରେ ଦୁଇପୁତ୍ର ମୁଖାଗ୍ନି ଦେଇଛନ୍ତି । ତାଙ୍କର ମୃତ୍ୟୁରେ ସରପଂଚ ରାଜେଶ ଜେନା, ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, ପ୍ରଦୀପ ଜେନା, ବିନୟ ଜେନା, ବଂକିମ ଜେନା, ଅକ୍ଷୟ ଜେନା ପ୍ରମୁଖ ବହୁ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି ।

## ଅହିଂସା-ରଥର ସ୍ୱାଗତ ସମ୍ବର୍ଦ୍ଧନା କଲେ ଡ୍ରିମସ୍ ଆଇଡିଆଲ୍ ସ୍କୁଲ




ବାଲେଶ୍ୱର, ୧୫/୦୯ (ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଶା ସରକାରଙ୍କ ତରଫରୁ ଆଜି ବାଲେଶ୍ୱର ଜିଲ୍ଲାକୁ ଏହି ‘ଅହିଂସା ରଥ’ ଆସୁଥିବାରୁ ଆମ୍ଭ ଡ୍ରିମସ୍ ଆଇଡିଆଲ ସ୍କୁଲ ତରଫରୁ ସ୍ୱାଗତ ଅଭିନନ୍ଦନ ଜଣାଇବା ସହ ଜାତୀୟତାର ମହାନ୍ ଲକ୍ଷ୍ୟକୁ ସାକାର କରିବା ପାଇଁ ଆମ୍ଭେ ସମସ୍ତେ ପରିକର ବଦ୍ଧ। କର୍ମଚାରୀ ଓ ପିଲାମାନଙ୍କ ସହ ଶ୍ରୀଯୁକ୍ତ ଗୀରିଶ ଚନ୍ଦ୍ର ଦାଶ(ପ୍ରାକ୍ତନ ଜିଲ୍ଲାସଭାପତି), କବି କାଳୀପଦ ପଣ୍ଡା, ବରିଷ୍ଠ ସମାଜ ସେବୀ ଶ୍ରୀଯୁକ୍ତ ସର୍ବେଶ୍ୱର ଦାସ, ମୁନ୍ସିପାଲିଟି ଚେୟାରମ୍ୟାନ ଶ୍ରୀମତୀ ସବିତା ସାହୁ, ୱାର୍ଡ଼ କାଉନସିଲର ରଞ୍ଜିତା ମହାପାତ୍ର, ଆଦର୍ଶ ସହଦେବଖୁଣ୍ଟା ଥାନା କର୍ମଚାରୀମାନେ ଉପସ୍ଥିତ ରହି ପୁଷ୍ପାଞ୍ଜଳି ପୂର୍ବକ ରାମଧୂନ୍ ଗାନ କରି ଓ ସ୍ଲୋଗନ୍ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ, ଶିକ୍ଷକ ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପିତା ମହାନ୍ତି, ରେହାନା ବେଗମ୍, ସତ୍ୟଭାମା ଖଟୁଆ, ସ୍ମୃତିରେଖା ଦାସ, ସ୍ମିତିସୁଧା ଦାସ, ଆରତୀବାଳା ଦାସ, ଦେବୀଶ୍ରୀ ଗିରି, ଶାନ୍ତିଲତା ଖଟୁଆ, ରଶ୍ମିରେଖା ଦାସ, ଅନିତାରାଣୀ ଦାସ, ଆଞ୍ଚଲପ୍ରିୟା ବେହେରା, ରୁନି ସିଂ, ବବିତା ଦାସ, ଦ୍ୱିତିକୃଷ୍ଣ ମହାନ୍ତି, ଭଗବାନ ବେହେରା ପ୍ରମୁଖ କର୍ମଚାରୀଗଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରିଫର୍ମର୍ସ ଆଇଡିଆଜ୍ ପରଫର୍ମର୍ସ ଇମ୍ପ୍ଲିମେଣ୍ଟେସନ’-ବାବା ସାହେବ ଡକ୍ଟର ଆମ୍ବେଦକରଙ୍କ ସଂକଳ୍ପ ଓ ଏହାର କାର୍ଯ୍ୟକାରିତା ଉପରେ ବ୍ୟାଖ୍ୟାତ୍ମକ ପୁସ୍ତକର ଉନ୍ମୋଚନ

ଭୁବନେଶ୍ୱର,୧୫/୦୯ (ନି.ପ୍ର): ‘ଆମ୍ବେଦକର ଏଣ୍ଡ ମୋଦୀ : ରିଫର୍ମର୍ସ ଆଇଡିଆଜ୍ ପରଫର୍ମର୍ସ ଇମ୍ପ୍ଲିମେଣ୍ଟେସନ’ ଶୀର୍ଷକ ଏକ ପୁସ୍ତକ ଆସନ୍ତାକାଲି, ସେପ୍ଟେମ୍ବର ୧୬ ତାରିଖ, ୨୦୨୨ରେ ଉନ୍ମୋଚନ କରାଯିବ । ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଅତିଥିମାନଙ୍କ ଉପସ୍ଥିତିରେ ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବ୍ଲୁ କ୍ରାଫ୍ଟ ଡିଜିଟାଲ ଫାଉଣ୍ଡେସନ ଦ୍ୱାରା ଚମତ୍କାର ଢଙ୍ଗରେ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଏହି ପୁସ୍ତକ ସଂକଳନ କରାଯାଇଛି । ବ୍ଲୁ କ୍ରାଫ୍ଟ ଡିଜିଟାଲ ଫାଉଣ୍ଡେସନ ସାମାଜିକ କଲ୍ୟାଣ ପାଇଁ ସଚେତନତା ସୃଷ୍ଟି କରିବା ଏବଂ ଅଭିନବ ଉପାୟକୁ କାର୍ଯ୍ୟକାରୀ କରିବା ମାଧ୍ୟମରେ ଭାରତୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେବା ସହିତ ଭାରତୀୟ ସମାଜକୁ ସଶକ୍ତ କରୁଛି । ରାଜ୍ୟସଭା ସାଂସଦ ତଥା ବିଶିଷ୍ଟ ସଂଗୀତଜ୍ଞ ଇଲୈୟାରାଜା ଏହି ପୁସ୍ତକର ପ୍ରସ୍ତାବନା ଲେଖିଛନ୍ତି । ଏଥିରେ ଡକ୍ଟର ଆମ୍ବେଦକରଙ୍କ କାର୍ଯ୍ୟରେ ନିହିତ ଅମୂଲ୍ୟ ପାଣ୍ଡିତ୍ୟ ଉପରେ ଅବତାରଣା କରାଯାଇଛି । ଅନ୍ୟପକ୍ଷରେ ଡକ୍ଟର ଆମ୍ବେଦକରଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଭିନ୍ନ ନୀତି ଓ ସଂସ୍କାର ଉପରେ ଏକ ତୁଳନାତ୍ମକ ଚିତ୍ର ଏହି ପ୍ରସ୍ତାବନାରେ ଉଲ୍ଲେଖ ରହିଛି । ଡକ୍ଟର ଆମ୍ବେଦକରଙ୍କ ବିଚାରଧାରା ଏବଂ କାର୍ଯ୍ୟ ଉପରେ ନିରନ୍ତର ଗବେଷଣା କରାଯାଇ ‘ଆମ୍ବେଦକର ଓ ମୋଦୀ’ ପୁସ୍ତକରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଛି । ଦେଶର ନୀତିଗତ ପରିଦୃଶ୍ୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବ । ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ଭାରତର ଯାତ୍ରାରେ ଏହା ଏକ ମାଇଲଖୁଣ୍ଟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଏବଂ ସକ୍ରିୟ ନେତୃତ୍ୱରେ ଡକ୍ଟର ଆମ୍ବେଦକରଙ୍କ ଭଳି ବ୍ୟକ୍ତିବିଶେଷଙ୍କ ସ୍ୱପ୍ନ ଦେଶରେ କିଭଳି କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ଏହି ପୁସ୍ତକରେ ବିଶ୍ଳେଷଣ କରାଯାଇଛି । ଏହି ପୁସ୍ତକରେ ଦାର୍ଶନିକ ଦୃଷ୍ଟିକୋଣରୁ ଡକ୍ଟର ଆମ୍ବେଦକରଙ୍କ ଜୀବନ, କାର୍ଯ୍ୟ ଓ ଉପଲବ୍ଧି ଉପରେ ଗଭୀର ଦୃଷ୍ଟିପାତ କରାଯାଇଛି । ଡକ୍ଟର ବି. ଆର. ଆମ୍ବେଦକରଙ୍କ ବିଚାର ଏବଂ ନୂତନ ଭାରତର ବିକାଶ ଯାତ୍ରାରେ କିଭଳି ସାମଞ୍ଜସ୍ୟ ରହିଛି ସେଥିପ୍ରତି ମଧ ଆଲୋକପାତ କରାଯାଇଛି । ଭିତ୍ତିଭୂମି, ଶିକ୍ଷା, ସାମାଜିକ-ଆର୍ଥିକ ପରିବହନ, ଲିଙ୍ଗଗତ ସମାନତା, ଆତ୍ମନିର୍ଭରଶୀଳତା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ୧୨ଟି ଭିନ୍ନ ଭିନ୍ନ ଅଧ୍ୟାୟ ଏହି ପୁସ୍ତକରେ ରହିଛି । ଏଥିରେ କେବଳ ଭାରତ ପାଇଁ ଡକ୍ଟର ଆମ୍ବେଦକରଙ୍କ ସଂକଳ୍ପ ବିଷୟରେ ବର୍ଣ୍ଣନା କରାଯାଇନାହିଁ ବରଂ ବାବାସାହେବଙ୍କ ପ୍ରଦର୍ଶିତ ମାର୍ଗରେ ଦେଶର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ତାଙ୍କ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଓ ଉପଲବ୍ଧି ସମ୍ପର୍କରେ ମଧ ବର୍ଣ୍ଣନା କରାଯାଇଛି । ସାମ୍ପ୍ରତିକ ଭାରତୀୟ ଜୀବନର ବିଭିନ୍ନ ଦିଗ ବିଷୟରେ ଡକ୍ଟର ଆମ୍ବେଦକରଙ୍କ ଭଳି ମହାନ ରାଷ୍ଟ୍ରନେତାମାନେ ପରିକଳ୍ପନା କରିଥିଲେ । ତେବେ ଏସବୁ ସଂକଳ୍ପ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ତାଙ୍କ ସରକାରଙ୍କ ଅମଳରେ ସାକାର ହୋଇପାରିଛି । ଗତ ଆଠ ବର୍ଷ ମଧ୍ୟରେ ଖୋଲା ମଳମୁକ୍ତ ଲକ୍ଷ୍ୟ ହାସଲ ହେଉ, ଦେଶର ଉପାନ୍ତ କ୍ଷେତ୍ରରେ ଔପଚାରିକ ବ୍ୟାଙ୍କ ସେବା ପହଞ୍ଚାଇବା ହେଉ, ସ୍ୱାସ୍ଥ୍ୟ ବୀମା ସହିତ କୋଟି କୋଟି ଟଙ୍କାର ଚିକିତ୍ସା ଖର୍ଚ୍ଚ ସଞ୍ଚୟ, ନାରୀ ସଶକ୍ତିକରଣ ଠାରୁ ଆଗକୁ ଯାଇ ମହିଳା ଆଧାରିତ ବିକାଶ, ସବକା ସାଥ, ସବକା ବିକାଶ ଲକ୍ଷ୍ୟ ନେଇ ଅନ୍ତିମ ପଙ୍କ୍ତିରେ ଛିଡ଼ା ହୋଇଥିବା ବ୍ୟକ୍ତିଙ୍କ ପାଖରେ ସବୁ ସରକାରୀ ଯୋଜନାର ଲାଭ ପହଞ୍ଚାଇବା, ଏସବୁ କ୍ଷେତ୍ରରେ ଦେଶ ଅନେକ ଉପଲବ୍ଧି ହାସଲ କରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଜେପିର ୩ ଦିନିଆ ପ୍ରଶିକ୍ଷଣ....

ଆଜିର ପ୍ରଥମ ତଥା ୧୨ତମ ସତ୍ରରେ ରାଜ୍ୟ ସଭାପତି ସମୀର ମହାନ୍ତି ‘ରାଜ୍ୟ ବିଜେପି’ର ଜୟଲାଭ ପାଇଁ ରୋଡମ୍ୟାପ ଏବଂ ଆଗାମୀ ଦିନରେ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମୋଦି ସରକାରଙ୍କ ପରିମାଣଦାୟୀ ନୀତି ପ୍ରସଙ୍ଗର କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋଚନା କରିଥିବାବେଳେ ପୂର୍ବତନ କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂହ ମୋଦି ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ନୀତିକୁ ନେଇ ଆଲୋଚନା କରିଥିଲେ। ଶେଷ ତଥା ଉଦ୍‌ଯାପନ ସତ୍ରରେ ରାଷ୍ଟ୍ରୀୟ ସାଧାରଣ ସଂପାଦକ(ସାଂଗଠନ) ବି.ଏଲ୍ ସନ୍ତୋଷ ଯୋଗ ଦେଇ ପାର୍ଟିର ସଂଗଠନକୁ ସୁଦୃଢ଼ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ଆଲୋଚନା ହୋଇଥିବା ବିଭିନ୍ନ ପ୍ରସଙ୍ଗ ଏବଂ ବିଷୟ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମହାପାତ୍ର କହିଛନ୍ତି ଯେ, ରାଜ୍ୟର ସାଂପ୍ରତିକ ରାଜନୈତିକ ପରିସ୍ଥିତି ଏବଂ ପାର୍ଟିର ସଂଗଠନ ସଂପର୍କରେ ଗତ ୩ ଦିନ ଧରି ପର୍ଯ୍ୟାୟକ୍ରମେ ବିସ୍ତୃତଭାବେ ଆଲୋଚନା କରାଯାଉଛି। ଏହି ପ୍ରଶିକ୍ଷଣ ଶିବିରରେ ଦଳର ସମସ୍ତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ସଭାପତିମାନେ ଯୋଗ ଦେଇଥିଲେ। ଉଦ୍‌ଯାପନ ଅବସରରେ ଶିବିର ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ କାର୍ଯ୍ୟକର୍ତା, ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭଞ୍ଜନ ମହାପାତ୍ରଙ୍କ ସମେତ ଜିଲ୍ଲାର କାର୍ଯ୍ୟକର୍ତାଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

### ସାର୍ଟିଫିକେଟ୍ ପାଇଁ ଛାତ୍ରଛାତ୍ରୀଙ୍କୁ ....

ନ୍ୟାସନାଲ ମେଡିକାଲ ୟୁନିଭରସିଟି ଓ ଇଭାନୋ-ଫ୍ରାଙ୍କିସ୍କ ନ୍ୟାସନାଲ ମେଡିକାଲ ୟୁନିଭରସିଟି ପୁଣି ଥରେ ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସ ଫେରିବାକୁ କହୁଛନ୍ତି । ବର୍ତ୍ତମାନ ସ୍ଥିତି ସ୍ୱାଭାବିକ ହୋଇଥିବା କହି, ପୁଣି ଥରେ ସେଠାରେ ପଢିବାକୁ ଡାକୁଛନ୍ତି । ନଚେତ୍ ଅରିଜିନାଲ୍ ସାର୍ଟିଫିକେଟ୍ ଦେବେ କଣ, ଟ୍ରାନ୍ସଫର ପାଇଁ ବି ସିଧାସଳଖ ମନା କରୁଛନ୍ତି। ସେପଟେ ଗତ ସେପଟେମ୍ବର ୫ ତାରିଖରେ ୟୁକ୍ରେନରେ ପଢୁଥିବା ଭାରତୀୟ ମେଡିକାଲ୍ ଛାତ୍ରଛାତ୍ରୀଙ୍କୁ ବିଶ୍ୱର ଯେକୌଣସି ୟୁନିଭରସିଟିକୁ ସାମୟିକ ଟ୍ରାନ୍ସଫର ପାଇଁ ଅନୁମତି ଦେଇଛି । ନ୍ୟାସନାଲ ମେଡିକାଲ କମିଶନ ଫଳରେ ୟୁକ୍ରେନରୁ ଫେରିଥିବା ପ୍ରାୟ ୧୮ ହଜାର ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତି ମିଳିଛି । ତେବେ ଏହା ଏତେ ସହଜ ମନେ ହେଉନାହିଁ । କାରଣ ୟୁକ୍ରେନରେ ଏବେବି ସ୍ଥିତି ସ୍ୱାଭାବିକ ହୋଇନି। ଯୁଦ୍ଧରେ ଧ୍ୱଂସ ପାଇଥିବା ୟୁନିଭରସିଟିରୁ ଛାତ୍ରଛାତ୍ରୀଙ୍କ ଡକ୍ୟୁମେଂଟ୍ ଅନ୍ୟ ୟୁନିଭରସିଟିକୁ ଯିବ କେମିତି ? ସାର୍ଟିଫିକେଟ୍ ନଥିଲେ ପିଲାଙ୍କ ଆଡମିଶନ ହେବ କେମିତି ? ତାକୁ ନେଇ ଚିନ୍ତା ବଢ଼ିଛି।

### ଓଟିଏମ୍ ପୁନରୁଦ୍ଧାର ପାଇଁ ....

ପୂର୍ବ ଶୁଣାଣିରେ ଶ୍ରମିକମାନଙ୍କ ପ୍ରାପ୍ୟ ଏବଂ ଦେୟ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ କୋର୍ଟ। ଏହାସହିତ ପୂର୍ବ ମାମଲାର ଶୁଣାଣି ସମୟରେ ହାଇକୋର୍ଟ ଜଣେ ଚାଟାର୍ଡ ଆକାଉଂଟାଂଟ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଓଟିଏମ ପାଇଁ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ୩୦ କୋଟି ଟଙ୍କା ଡିପୋଜିଟ କରିଥିବା ନେଇ ଆଡଭୋକେଟ ଜେନେରାଲ କୋର୍ଟଙ୍କୁ ଅବଗତ କରାଇଥିଲେ। ସେହିପରି ଇଡକୋ ମଧ ୫ କୋଟି ଟଙ୍କା ଡିପୋଜିଟ କରିଛି । କେବଳ ସେତିକି ନୁହେଁ, ଗୋଟିଏ ମିଟରରେ ୯୦ଟି କ୍ୱାର୍ଟରରେ ବିଦ୍ୟୁତ ସଂଯୋଗ ହୋଇଥିବା ନେଇ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ତେବେ ଏନେଇ କୋର୍ଟ ମଧ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ କ୍ୱାର୍ଟରକୁ ଗୋଟିଏ ଲେଖାଏଁ ମିଟର ସଂଯୋଗ କରିବାକୁ କୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

### ଗୁଜରାଟ ମୈଦାନରେ....

ଗଡ଼ ହୋଇ ରହି ଆସିଛି ଗୁଜରାଟ । କିନ୍ତୁ କିଛି ମାସ ହେଲା କେଜ୍ରିୱାଲ ଘନ ଘନ ଗସ୍ତ କରିବା ରାଜ୍ୟ ରାଜନୀତୀର ପାଣିପାଗକୁ ଚହଲେଇ ଦେଇଛି । ଏବେ କଂଗ୍ରେସ ନୁହେଁ ବିଜେପି ପାଇଁ ଚିନ୍ତାର କାରଣ ପାଲଟିଛି ଆପ୍ । କାରଣ କିଛି ମାସ ତଳେ ଆପ୍ ପଞ୍ଜାବକୁ ଅକ୍ତିଆର କରିବା ପରେ ସମଗ୍ର ଦେଶରେ ଦବଦବା ବଜାୟ ରଖିଥିବା ବିଜେପିକୁ ମଧ ଭୟ ଘାରିଛି। ଏହାରି ଭିତରେ କେଜ୍ରିୱାଲ ରାଜ୍ୟବାସୀଙ୍କୁ ୧୦ଟି ଗ୍ୟାରେଣ୍ଟି ଦେଇଛନ୍ତି। ଗ୍ୟରେଣ୍ଟିରେ ମୁଖଫ୍ୟତଃ ଛାତ୍ର-ଛାତ୍ରୀମାନଙ୍କୁ ମାଗଣା ବସ ଯାତ୍ରାର ସୁବିଧା ଦିଆଯିବା ସହ ୨୪ଘଣ୍ଟା ପାଣି ଓ ବିଦ୍ୟୁତ୍ ପାରିବେ ବୋଲି କୁହାଯାଇଛି। ତେବେ ୨୦୧୭ରେ ଆପ ପ୍ରଥମ ଥର ପାଇ ଗୁଜରାଟରେ ବିଧାନସଭା ନିର୍ବାଚନ ଲଢ଼ିଥିଲା। କିନ୍ତୁ ଗୋଟିଏ ବି ସିଟ୍ ଜିତିପାରି ନଥିଲା। ବିଜେପି ପାଇଁ କଂଗ୍ରେସ ମୁଖ୍ୟ ଚ୍ୟାଲେଞ୍ଜ ହୋଇଥିଲା। ୧୮୨ ବିଧାନସଭା ଆସନ ବିଶିଷ୍ଟ ଗୁଜରାଟରେ କଂଗ୍ରେସ ୭୭ଟି ଜିତି ଥିବା ବେଳେ ବିଜେପି ୯୯ଟି ଜିତି ସରକାର ଗଠନ କରିଥିଲା।

### ଯଦି କେନ୍ଦ୍ରରେ ସରକାର....

ରାଜ୍ୟ ଅଛି। ସେଗୁଡ଼ିକ ହେଲା ଅରୁଣାଚଳ ପ୍ରଦେଶ, ଆସାମ, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର (ବର୍ତ୍ତମାନ ଏକ ୟୁନିଅନ୍ ଟେରିଟୋରୀ), ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ୍, ତ୍ରିପୁରା ଏବଂ ଉତ୍ତରାଖଣ୍ଡ ।ରାଜ୍ୟଗୁଡିକ ପାଇଁ ସ୍ୱତନ୍ତ୍ର ମାନ୍ୟତାର ନେଇ ସମ୍ବିଧାନରେ ସେମଥି କିଛି ସ୍ୱତନ୍ତ୍ର ପ୍ରବାଧାନ ନାହିଁ। ତଥାପି, ଜାତୀୟ ଉନ୍ନୟନ ପରିଷଦ ନାମକ ଏକ ସଂସ୍ଥା (ଯାହା ଯୋଜନା ଆୟୋଗର ଏକ ଅଂଶ ଥିଲା ) ୧୧ ଟି ରାଜ୍ୟ ପାଇଁ ଏକ ସ୍ୱତନ୍ତ୍ର ମାନ୍ୟତା ପାଇଁ ସୁପାରିଶ କରିଥିଲା। ମୁଖ୍ୟତଃ ପାହାଡ଼ିଆ ଏବଂ ଦୁର୍ଗମ ଅଞ୍ଚଳ, କମ୍ ଜନସଂଖ୍ୟା ଘନତା ଏବଂ କିମ୍ବା ଆଦିବାସୀ ଜନସଂଖ୍ୟାର ବୃହତ ଅଂଶ, ପଡୋଶୀ ଦେଶ ସହିତ ସୀମା ସମ୍ପର୍କ ଏବଂ ଭିତ୍ତିଭୂମି କ୍ଷେତ୍ରରେ ପଛୁଆ ଥିଲେ ସ୍ୱତନ୍ତ୍ରପାହ୍ୟା ପାଇଁ ମାନଦଣ୍ଡ ସ୍ଥିର ହୋଇଥିଲା।

## ଇଞ୍ଜିନିୟର୍ସ ଦିବସ ପାଳିତ

ଭୁବନେଶ୍ୱର,୧୫/୦୯ (ନି.ପ୍ର): ୧୯୬୮ ମସିହାରୁ ପ୍ରସିଦ୍ଧ ଇଞ୍ଜିନିୟର ଭାରତରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ସ୍ମୃତି ଓ ଅବଦାନ ପ୍ରତି ସମ୍ମାନ ଜଣାଇ ତାଙ୍କ ଜନ୍ମ ଦିବସକୁ ଇଞ୍ଜିନିୟର୍ସ ଦିବସ ରୂପେ ପାଳନ କରାଯାଇ ଆସୁଅଛି। ଚଳିତବର୍ଷ ମଧ ତାଙ୍କ ଜନ୍ମ ଦିବସକୁ ସମ୍ମାନ ଜଣାଇ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼େଇ କହିଲେ ଯେ, ପ୍ରତ୍ୟେକ ଇଞ୍ଜିନିୟରମାନେ ଦେଶ ଓ ରାଜ୍ୟ ଗଠନ କରିବାର ଦାୟିତ୍ୱ ନେଇଛନ୍ତି। ବୈଷୟିକ ଶିକ୍ଷାର ଏଭଳି ଉନ୍ନତି ଘଟିଛି ଯେ, ଜଣେ ଇଞ୍ଜିନିୟର ଘରେ ରହି ଆମେରିକାରେ ରହୁଥିବା ତାଙ୍କର ବିରଷ୍ଟ ସହପାଠୀଙ୍କ ସହିତ ଚାର୍ଟିଂ କରିପାରୁଛନ୍ତି, କଥା ହୋଇପାରୁଛନ୍ତି। ତେଣୁ ବିନା ବୈଷୟିକ ଶିକ୍ଷାରେ କୌଣସି ଦେଶ ଅଗ୍ରଗତି କରିବା ଅସମ୍ଭବ। ସେ ଆହୁରି କହିଥିଲେ ଯେ, ଓଡ଼ିଶା ମାଟିରେ ସମ୍ଭାବନାର ବାର୍ତା ଆଣିବା ସହ ଯୁବ ଇଞ୍ଜିନିୟରମାନଙ୍କ ସ୍ୱପ୍ନକୁ ସାକାର କରିବାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀ ପଟ୍ଟନାୟକ ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଓଡ଼ିଶାରେ ଇଞ୍ଜିନିୟର ଛାତ୍ରଛାତ୍ରୀଙ୍କ ଚିନ୍ତା ଥିଲା ପାଠପଢି ଆମେ କଣ କରିବୁ? ହେଲେ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁଁ ଆଜି ଇଞ୍ଜିନିୟରମାନେ ଦେଶ ନିର୍ମାଣରେ ବିଶ୍ୱକର୍ମା ଭଳି କର୍ତବ୍ୟ ନିର୍ବାହ କରି ଚାଲିଛନ୍ତି। ଏହା ସହିତ ପରିବେଶେ ଓ ବାତାବରଣକୁ ସୁସ୍ଥ ସମୃଦ୍ଧ ରଖିବା ସହିତ ସୌରଶକ୍ତି କ୍ଷେତ୍ରରେ ମଧ ଇଞ୍ଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

## ଶୁଷ୍କ ଜୈବିକ ବର୍ଜ୍ୟବସ୍ତୁର ଅପଘଟନ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ



ବାରିପଦା,୧୫/୦୯ (ନି.ପ୍ର): ଭାବା ଆଣବିକ ଗବେଷଣା କେନ୍ଦ୍ର, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ, କୃଷି ବିଭାଗ, କୃଷକ ସଶକ୍ତି କରଣ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ବାରିପଦା ଓ ଯଶିପୁର, ବାରିପଦା ମହାବିଦ୍ୟାଳୟର ଉଦ୍ଭିଦ ଓ ପ୍ରାଣୀବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ପାଳନର ଅନ୍ତିମ ଦିନରେ ଶୁଷ୍କ ଜୈବକ ବର୍ଜ୍ୟବସ୍ତୁର, ଅପଘଟନରୁ କିଭଳି ଜୈବିକ ସାର ପ୍ରସ୍ତୁତ ହୁଏ ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଲିଭା ପୋଥାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ବିଭାଗର ମୁଖ୍ୟ ଅଧିକାରୀ ରବୀନ୍ଦ୍ର କୁମାର ଖଟୁଆ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା, ମୟୂରଭଞ୍ଜ ଭବାନୀ ଶଙ୍କର କାଳ, ଅବୈତନିକ ବନ୍ୟପ୍ରାଣୀ ତତ୍ୱାବଧାରକ, ବିବେକାନନ୍ଦ ପଟ୍ଟନାୟକ, ବାରିପଦା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଧ୍ୟାପିକା ଡ. ସ୍ମିତା ମହାନ୍ତି, ସହଯୋଗୀ ପ୍ରଫେସର ଏମଏସସିବିଡି ଡ. ଗାର୍ଗୀ ମହାନ୍ତି, ମୁଖ୍ୟ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଯଶିପୁର ଡ. ଦୀପକ ମହାନ୍ତି, ଜିଲ୍ଲା କୃଷି ଅଧିକାରୀ ତଥା ନୋଡାଲ୍ ଅଫିସର, ଜୈବିକ କୃଷି ଡ. ମନୋଜ କୁମାର ନ୍ଦ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ସର୍ବଶ୍ରୀ ଗୋବିନ୍ଦ ଚନ୍ଦ୍ର ରାଉତ, ଅମିତାଭ ମିଶ୍ର, ମନୋଜ କୁମାର ପରିଡା, ବିଜୟ କୁମାର ନାଥ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ପୃଷ୍ଟି ଅତିଥି ପରିଚୟ, କୁଞ୍ଜବାଳା ମହାନ୍ତ ଓ ଲକ୍ଷ୍ମୀନାରାୟଣ ମହାନ୍ତ ସଞ୍ଚାଳନ ତଥା ରାଜୀବ ଲୋଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ନିମିତ୍ତ ଉଦ୍ଦିଷ୍ଟ ବିଭିନ୍ନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ଅହିଂସା ରଥକୁ ବାଲେଶ୍ୱରରେ ଭବ୍ୟ ସ୍ୱାଗତ

ବାଲେଶ୍ୱର,୧୫/୦୯ (ନି.ପ୍ର): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅମୃତ ମହୋତ୍ସବ ପାଳନ ଅବସରରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅବଦାନ ସ୍ମୃତି ଉଜ୍ଜୀବିତ କରିବା ଓ ଗାନ୍ଧୀବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଅଗଷ୍ଟ ୧୫ ତାରିଖରୁ ରାଜ୍ୟବ୍ୟାପୀ ଜାରି ରହିଛି ଅହିଂସା ରଥ ପରିକ୍ରମା। ଏହି କ୍ରମରେ ଅହିଂସା ରଥକୁ ଗୁରୁବାର ବାଲେଶ୍ୱର ସହରରେ ଭବ୍ୟ ସ୍ୱାଗତ କରାଯାଇଛି। ଭୋଗରାଇ ବ୍ଲକରୁ ଏହି ରଥ ବାଲେଶ୍ୱର ଷ୍ଟେସନରେ ପହଞ୍ଚିବା ପରେ ସେଠାରୁ ଏକ ଶୋଭାଯାତ୍ରାରେ ଜିଲାସ୍କୁଲ ପରିସରକୁ ଅଣାଯାଇଥିଲା। ଯୁବ, ମହିଳା, ଛାତ୍ରଙ୍କ ସମେତ ପ୍ରତିଟି ବର୍ଗର ଲୋକେ ଏହି ଶୋଭାଯାତ୍ରାରେ ସମିଲ ହୋଇଥିଲେ। ବ୍ୟାଣ୍ଡ ବାଜା, ଭଜନ କୀର୍ତ୍ତନ, ଶଙ୍ଖ ହୁଳହୁଳି ସାଙ୍ଗକୁ ଜାତୀୟ ପତାକା ଧରି ଭାରତ ମାତା ଓ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜୟଗାନରେ ପ୍ରକମ୍ପିତ ହୋଇଥିଲା ଷ୍ଟେସନଛକରୁ ଜିଲାସ୍କୁଲ ପର୍ଯ୍ୟନ୍ତ ରାସ୍ତା। ଅହିଂସା ରଥ ଜିଲାସ୍କୁଲରେ ପହଞ୍ଚିବା ପରେ ସେଠାରେ ଆୟୋଜିତ ସାଧାରଣ ସଭାରେ ସଦର ବିଧାୟକ ସ୍ୱରୂପ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଅବଦାନକୁ ମନେ ପକାଇଥିଲେ। ତେବେ ସମ୍ବିଧାନର ମୁଖବନ୍ଧରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅହିଂସା ଶବ୍ଦକୁ ସ୍ଥାନୀତ କରିବା ପାଇଁ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାଧୁ ଉଦ୍ୟମ ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ। ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ପୌରାଧ୍ୟକ୍ଷା ସବିତା ସାହୁ, ବାଲେଶ୍ୱର ଉପ-ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ସଦର ବିଡିଓ ନରେନ୍ଦ୍ର ଖମାରୀ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା ଓ ଉପାଧ୍ୟକ୍ଷ ଚୈତନ୍ୟ ସିଂ ପ୍ରମୁଖ ଏଥିରେ ଯୋଗଦେଇ ଗାନ୍ଧିଜୀଙ୍କ ଅହିଂସା ନୀତିର କ୍ଷମତା ଓ ଶକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଶୃଙ୍ଖଳିତ ସାମାଜିକ ବ୍ୟବସ୍ଥା ପାଇଁ ଅହିଂସା ନୀତି ହିଁ ଶ୍ରେଷ୍ଠ ମହୋଷଧି ବୋଲି ଅତିଥିମାନେ ମତ ଦେଇଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ମ ପ୍ରତିଷ୍ଠା ଦିବସ ପାଳନ ଉଦ୍‌ଯାପିତ




ଭଦ୍ରକ, ୧୫/୦୯ (ନି.ପ୍ର): ଗତକାଲି ବୁଧବାର ଠାରୁ ଆରମ୍ଭ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭଦ୍ରକ ମଣ୍ଡଳ ସ୍ତରୀୟ ଦୁଇଦିନିଆ ପ୍ରତିଯୋଗିତା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆଜି ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ମାନ୍ୟବର ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ପ୍ରୀତିମୟ, ସରକାରୀ ହାଇସ୍କୁଲ, ଭଦ୍ରକର ପ୍ରଧାନଶିକ୍ଷକ ବନଲତା ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,ବନ୍ତର ଅଧ୍ୟକ୍ଷ ପାର୍ଥ ସୁନ୍ଦର ମହାକୁଡ଼, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଗାନ, ତର୍କ ବକ୍ତୃତା, ପ୍ରବନ୍ଧ ଆବୃତ୍ତି, ଚିତ୍ରାଙ୍କନ, କ୍ୱିଜ୍ ଆଦି ଭଳି ବିଭିନ୍ନ ପ୍ରତିଯୋଗିତା ଜରିଆରେ ପିଲାମାନଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ଏହି କାର୍ଯ୍ୟକ୍ରମ ଖୁବ୍ ପ୍ରେରଣାଦାୟକ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପାଠପଢ଼ା ସହିତ ଏସବୁ ପ୍ରତିଭାର ବିକାଶ କରି ଆଗକୁ ପିଲାମାନେ ନାଁ କମାନ୍ତୁ ବୋଲି ଅତିଥିମାନେ ପିଲାମାନଙ୍କର ଶୁଭକାମନା କରିଥିଲେ। ଦୁଇଦିନର ମଣ୍ଡଳ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ୬ଟି ଜିଲ୍ଲାର ସମୁଦାୟ ୨୧୬ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

## ରାଜଧାନୀରେ ୪୯ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୫/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଗୁରୁବାର ମୋଟ ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୭୧ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୫ ହଜାର ୪୪୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୩ ହଜାର ୫୦୮ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୭୧୮ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୩୫ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ଖଇରାରେ ଅହିଂସା ରଥକୁ ସ୍ୱାଗତ



ଖଇରା,୧୫/୦୯ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ଅହିଂସା ରଥକୁ ନୃତ୍ୟଗୀତର ତାଳେ ତାଳେ ତଥା ସବା ଶୋଭାଯାତ୍ରା ମାଧ୍ୟମରେ ଉଛସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରଥମେ ରଥ ତୁଡିଗଡିଆରେ ପହଞ୍ଚିବା ପରେ ବିଡିଓ ପର୍ଶୁରାମ ପଣ୍ଡା,ତହସିଲଦାର ମହେନ୍ଦ୍ର କୁମାର ବେହେରା,ପ୍ରାଣି ଚିକିତ୍ସାଧିକାରୀ ରଘୁନାଥ ସିଂ, ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ପାଢ଼ୀ ଏବଂ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ସରପଞ୍ଚ ମଦନ ସାନ୍ତରା ପ୍ରମୁଖ ସ୍ୱାଗତ କରିଥିଲେ। ନିଳାମ୍ବର ହାଇସ୍କୁଲର ଛାତ୍ରଛାତ୍ରୀ, ଶହୀଦ ସ୍ମାରକୀ ଜନକଲ୍ୟାଣ ପରିଷଦର ସଦସ୍ୟ ମାନେ ଉପସ୍ଥିତ ଥିଲେ । ରଥ ଶୋଭାଯାତ୍ରାରେ ଗଣ୍ଡିବେଡ ପହଞ୍ଚିବା ପରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ମାନସ ଦାଶ,ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡା, ସରପଞ୍ଚ ବନିତା ପ୍ରଧାନ, ସମିତି ସଭ୍ୟା ବାସନ୍ତୀ ମହାନ୍ତିଙ୍କ ସହ ଗଣ୍ଡିବେଡ ସରକାରୀ ହାଇସ୍କୁଲ,ୟୁପି ସ୍କୁଲର ଛାତ୍ରୀଛାତ୍ର ମାନେ ସ୍ୱାଗତ ଜଣାଇଥିଲେ । ବିଭିନ୍ନ ମହିଳା ଗୋଷ୍ଠି ମଧ୍ୟ ଏଥିରେ ସାମିଲ ହୋଇଥିଲେ। ପରେ ଖଇରା ବଜାର ଗାୟତ୍ରୀ ମନ୍ଦିର ନିକଟରୁ ଖଇରା କଲେଜ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ ଓ ଖଇରା ହାଇସ୍କୁଲ ଜୁନିୟର ରେଡକ୍ରସ ର ଛାତ୍ରଛାତ୍ରୀ ଗଣ ଏକ ଶୋଭାଯାତ୍ରାରେ ରଥକୁ ଖଇରା ହାଇସ୍କୁଲ ପର୍ଯ୍ୟନ୍ତ ନେଇଥିଲେ । ହାଇସ୍କୁଲ ପରିସରରେ ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସରପଞ୍ଚ ମାଳତୀ ସେଠୀ,ସମିତି ସଭ୍ୟା ନର୍ମଦା ଦେଓ, ପ୍ରଧାନଶିକ୍ଷୟତ୍ରୀ ସୁଜାତା ସାହୁଙ୍କ ସମେତ ଅନ୍ୟଅତିଥିମାନେ ଯୋଗ ଦେଇ ଏଭଳି ରଥ ସ୍ୱାଧିନତା ଆନ୍ଦୋଳନରେ ଶହୀଦଙ୍କ ବଳିଦାନକୁ ମନେ ପକାଇଥିବା ସହ ଯୁବପିଢୀଙ୍କ ମଧ୍ୟରେ ଜାତିୟତା ଭାବନା ସୃଷ୍ଟି କରିବ ବୋଲି କହିଥିଲେ। ସାରକୋଣା ହାଇସ୍କୁଲ ଓ ଖଇରା ହାଇସ୍କୁଲ ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ କରାଯାଇଥିଲା ।

## ଜାମ୍ମୁ-ଶ୍ରୀନଗର ରାଷ୍ଟ୍ରୀୟ ରାଜମାର୍ଗ ହାଲ୍‌କା ଯାନ ପାଇଁ ଖୋଲିଲା

ଜାମ୍ମୁ, ୧୫/୦୯ (ନି.ପ୍ର): ଶ୍ରୀନଗର ରାଷ୍ଟ୍ରୀୟ ରାଜମାର୍ଗ ଗୁରୁବାର ଦିନ ହାଲ୍‌କା ଯାନ ପାଇଁ ଦୁ ପାଖରୁ ଖୋଲା ରହିଛି। ଭାରି ଯାନକୁ ହାଲ୍‌କା ଯାନର ଚଳାଚଳ ପରେ ଗମନାଗମନର ଅନୁମତି ଦିଆଯିବ ଏବଂ ସମସ୍ତ ଛୋଟ ବଡ଼ ଯାନ ବାହାରିବା ପରେ ସୁରକ୍ଷାବଳଙ୍କ ଯାନକୁ ଯିବାକୁ ଅନୁମତି ଦିଆଯିବ।

# ବାଲିଆପାଳ ବସଷ୍ଟାଣ୍ଡ ପାଇଁ ପୁଣି ଆନ୍ଦୋଳନ ତେଜିଲା

ବାଲିଆପାଳ, ୧୫/୦୯ (ନି.ପ୍ର): ସୁବର୍ଣ୍ଣରେଖା ହାଇସ୍କୁଲର ଦୀର୍ଘ ୭୦ ବର୍ଷର ଖେଳ ପଡିଆ ଓ ବାଲିଆପାଳ ଥାନା ପାଖରେ ଥିବା ପୁରୁଣା ବସଷ୍ଟାଣ୍ଡ ପାଇ ଆନ୍ଦୋଳନ ତେଜିବାରେ ଲାଗିଛି । ରାଜ୍ୟ ସରକାର କ୍ରୀଡାକୁ ଅଗ୍ରାଧିକାର ଦେଇଚାଲିଥିବା ବେଳେ ବାଲିଆପାଳ ସୁବର୍ଣ୍ଣରେଖା ହାଇସ୍କୁଲ ନାମରେ ଥିବା ପୁରୁଣା ଖେଳପଡିଆ ଉପରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଶାସନର ଜିଦ ପାଇଁ ବାଲିଆପାଳ ସୂଚନା ଅଧିକାର ଅଭିଯାନ ତରଫରୁ ସାବକ ଖତିୟାନ ଅନୁସାରେ ଖେଳପଡିଆକୁ ମାପ କରି ଜବରଦଖଲକାରୀଙ୍କ କବଳରୁ ଉଦ୍ଧାର କରାଯାଉ ଏବଂ ପୁରୁଣା ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିବା ସ୍ଥାନକୁ ମାପ କରି ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ସେହିଠାରେ ବସଷ୍ଟାଣ୍ଡ ନିର୍ମାଣ କରାଯାଉ ଏହି ଦାବିରେ ମାନ୍ୟବର ତହସିଲଦାର ଉପଜିଲାପାଳ, ଜିଲାପାଳ, ରାଜସ୍ୱକମିଶନର ଓ ସଚିବଙ୍କୁ ଲିଖିତ ଦରଖାସ୍ତ ଦେବା ପରେ ଦିନିକିଆ ଧାରଣା ଦିଆଯାଇଥିଲା । ପ୍ରଶାସନ ଏଥିରେ କର୍ଣ୍ଣପାତ ନ କରିବାରୁ ସୂଚନା ଅଧିକାର ଅଭିଯାନର କର୍ମୀମାନେ ଉଚ୍ଚ ନ୍ୟାୟଳୟରେ ଜନସ୍ୱାର୍ଥଃ ସମ୍ବଳିତ ମାମଲା ଦାୟର କରିଛନ୍ତି । ଯାହାର ନଂ ଡବ୍ଲ୍ୟୁପିସି ୨୩୨୭୪/୨୦୨୨ ମୋକର୍ଦ୍ଦମା ଶରତ କୁମାର ପାତ୍ର ଏବଂ ଅନ୍ୟମାନେ ଭାରସେସ ଓଡିଶା ସରକାର ଅଟନ୍ତି ।

## ସଂଖ୍ୟାଲଘୁଙ୍କୁ ସଚେତନତା : ୨ଦିନରେ ୫୭୦ଜଣଙ୍କୁ କୋଭିଡ୍ ଟିକା

ଜଳେଶ୍ୱର, ୧୫/୦୯ (ନି.ପ୍ର): ଜଳେଶ୍ୱରର ଶାସନବାର୍ଡ-ବିଦ୍ୟାଧରପୁର ବିଦ୍ୟାଳୟରେ ଗତ ୨ଦିନରେ ୫୭୦ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଜଳେଶ୍ୱର ପୌରପାଳିକାର ୭ନଂ ୱାର୍ଡରେ ବହୁ ସଂଖ୍ୟାଲଘୁ ବ୍ୟକ୍ତି ଟିକା ନେଇନଥିଲେ। ଗତ କିଛିଦିନ ଧରି ପୌରପାଳ ପ୍ରତୀପ କୁମାର ପ୍ରଧାନଙ୍କ ପରାମର୍ଶରେ କାଉନ୍‌ସିଲର ମୀର ଆବାସ ଅଲ୍ଲି କେତେକ ଯୁବକଙ୍କ ସହାୟତାରେ ଲୋକଙ୍କୁ ସଚେତନତା କରି ଆସୁଥିଲେ । ଗତ ବୁଧବାର ଦିନ ୨୨୦ ଓ ଆଜି ୩୫୦ ଜଣଙ୍କୁ କୋଭିଡ୍ ଟିକା ଦିଆଯାଇ ପାରିଛି । ଆଗାମୀ ଦିନରେ ଅଧିକ ଟିକା ଦେବାପାଇଁ ଅନୁରୋଧ କରାଯାଇଛି । ସେଠାରେ ଅଂଗନୱାଡି କର୍ମୀ ଆଜମେରୀ ବିବି, ଅଶାକର୍ମୀ ତାହେରା ବେଗମ୍, ସେକ୍ ସରାଫତ, ସେକ୍‌ସୁଲତାନରୁଦ୍ଦିନ ଓ ସହାୟିକାମାନେ ସହାୟତା କରିଥିଲେ। ଏପରି କାର୍ଯ୍ୟ ସ୍ଥାନୀୟ ଅଂଚଳରେ କରାଯାଇଥିବାରୁ ତାହା ବିଶେଷ ଉଦାହରଣ ସୃଷ୍ଟି କରିଛି ବୋଲି କୁହାଯାଇଛି ।

## କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀନିବାସ ନେଇ ସୁରକ୍ଷା ନିୟମାବଳୀ ପ୍ରସ୍ତୁତ

ଭୁବନେଶ୍ୱର,୧୫/୦୯ (ନି.ପ୍ର): କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀନିବାସରେ ରହୁଥିବା ବାଳିକାମାନଙ୍କର ସୁରକ୍ଷା ଓ ନିରାପତା ନିମନ୍ତେ ଏକ ପରାମର୍ଶ ବୈଠକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱେସ୍ଥୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ବୈଠକରେ ସମୀକ୍ଷାପୂର୍ବକ ମତାମତ ପ୍ରଦାନ କରିଥିଲେ। ଏଥିରେ ୟୁନିସେଫ୍, ଏନ୍‌ଏଡବ୍ଲ୍ୟୁ, ମହିଳା ଓ ଶିଶୁ ବିକାଶ ବିଭାଗର ପଦାଧିକାରୀ, ରେଭେନ୍ସା କଲିଜିଏଟ୍ ସ୍କୁଲର ଅଧକ୍ଷା, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଦୁଇଜଣ ପ୍ରଧାନ ଶିକ୍ଷୟିତ୍ରୀ, ଓସେପାର ବାଳିକା ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶିକା, ରାଜ୍ୟ ବାଳିକା ଶିକ୍ଷା ସଂଯୋଜିକା ପ୍ରମୁଖ ଯୋଗଦାନ କରି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଉପରୋକ୍ତ ବିଭାଗୀୟ କର୍ମକର୍ତାମାନଙ୍କ ମତାମତକୁ ନେଇ ଏକ ନିୟମାବଳୀ (ଗାଇଡ୍‌ଲାଇନ୍) ପ୍ରସ୍ତୁତ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ ।

## ଗୋପନାରାୟଣ ଦାସଙ୍କ ବିୟୋଗରେ ଶୋକ

ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଗୋପନାରାୟଣ ଦାସଙ୍କ ଅକାଳ ବିୟୋଗରେ ମୁଁ ଗଭୀର ଭାବେ ମର୍ମାହତ । ଶ୍ରୀଯୁକ୍ତ ଦାସ କେବଳ ଜଣେ ରାଜନେତା ନଥିଲେ, ସେ ଥିଲେ ଜଣେ ଦରଦୀ ହୃଦୟର ବ୍ୟକ୍ତିତ୍ୱ । ଜଣେ ଭଲ ମଣିଷ ହିସାବରେ କାହାରି ଅନିଷ୍ଟ କେବେ ଚିନ୍ତା କରୁନଥିଲେ । ବିଧାୟକ ସମୟରେ ହେଉ ଅବା ଅନ୍ୟ ସମୟରେ ବାଲେଶ୍ୱର ର ବିକାଶ କଥା ହିଁ ଚିନ୍ତା କରୁଥିଲେ । ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ୍ୱ ଆମର ପାରିବାରିକ ସମ୍ପର୍କ ଥିଲା । ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ଏବଂ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି ।

ରବୀନ୍ଦ୍ର କୁମାର ଜେନା
ପୂର୍ବତନ ସାଂସଦ, ବାଲେଶ୍ୱର

ବାଲେଶ୍ୱରର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଗୋପନାରାୟଣ ଦାସଙ୍କ ଆକସ୍ମିକ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ । ସେ ଜଣେ ଆମ ପରିବାରର ଲୋକ ଥିଲେ । ବିଶ୍ୱାସ କରି ହେଉନି ଯେ ସେ ଆମ ଗହଣରେ ନାହାନ୍ତି । ବାଲେଶ୍ୱରର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ତାଙ୍କ ଅବଦାନ ଚିର ସ୍ମରଣୀୟ । ବାଲେଶ୍ୱର ବାସୀ ତାଙ୍କୁ କେବେବି ଭୁଲିପାରିବେ ନାହିଁ । ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏବଂ ତାଙ୍କ ପରିବାର ବର୍ଗଙ୍କୁ ଏଭଳି ଦୁଃଖଦ ସମୟକୁ ସାମନା କରିବା ପାଇଁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।

ସୁବାସିନୀ ଜେନା
ରାଜ୍ୟ କାର୍ଯ୍ୟକାରୀ ସଭାପତି,
ବିଜୁ ମହିଳା ଜନତା ଦଳ

ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କଂଗ୍ରେସ ଦଳର ଜଣେ ଟାଣୁଆ ନେତା ଓ ବାଲେଶ୍ୱରର ସମସ୍ତଙ୍କର ପ୍ରିୟ ଗୋପଭାଇ ଆଉ ନାହାନ୍ତି । ସେଥିଲେ ଜଣେ ସଂଗଠକ ପରୋପକାରୀ ଓ ସମସ୍ତଙ୍କ ପ୍ରିୟଭାଜକ। କେବଳ ସେତିକି ନୁହେଁ, ତାଙ୍କର ଉଦ୍ୟମରେ ବାଲେଶ୍ୱର ଜିଲ୍ଲାରେ ଅନେକ କିଛି ଜନହୀତକର କାର୍ଯ୍ୟ ହୋଇପାରିଛି । ସେଥିଲେ ମୋ ରାଜନୈତିକ ଜୀବନର ବନ୍ଧୁ। ତାଙ୍କ ମୃତ୍ୟୁରେ ମୁଁ ଗଭୀର ଶୋକ ପ୍ରକାଶ କରୁଛି । ଭଗବାନଙ୍କ ନିକଟରେ ତାଙ୍କର ଆତ୍ମାର ସଦ୍‌ଗତି ପ୍ରାର୍ଥନା କରୁଛି ।

ରଘୁନାଥ ମହାନ୍ତି
ପୂର୍ବତନ ମନ୍ତ୍ରୀ

ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ବିୟୋଗରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ଗଭୀର ଶୋକ ପ୍ରକାଶ କରିଅଛନ୍ତି । ୰ ଗୋପନାରାୟଣ ଦାସ, ସଦର ବ୍ଲକର ଅଧ୍ୟକ୍ଷ ଥିଲାବେଳେ ମୁଁ ବିଡିଓ ଭାବରେ କାର୍ଯ୍ୟରତ ଥିଲି । ତେଣୁ ତାଙ୍କ ସହିତ କାର୍ଯ୍ୟ କିବାର ସୁଯୋଗ ମୋତେ ମିଳିଥିଲା । ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସେ ସର୍ବଦା ତତ୍ପର ଥିଲେ । ସେହିଭଳିଭାବରେ ମୁଁ ବାଲେଶ୍ୱର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବାବେଳେ ସେ ସଂଗ୍ରେସ୍ ଦଳର ଜଣେ ଟାଣୁଆ ନେତା ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କ ବିୟୋଗରେ ମୁଁ ଗଭୀର ଶୋକ ପ୍ରକଟ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଅଛି । ଭଗବାନ ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସହାୟ ହୁଅନ୍ତୁ ।

ଅନନ୍ତ ଦାସ
ବିଧାୟକ ଭୋଗରାଇ

ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା କଂଗ୍ରେସ ଦଳର ଜଣେ ଟାଣୁଆ ନେତା ଭାବରେ ଗୋପନାରାୟଣ ଦାସ ସମସ୍ତଙ୍କର ପ୍ରିୟଭାଜନ ହୋଇ ପରିଥିଲେ । ସେ ଜଣେ ଦୃଢ଼ ସଂଗଠକ, ସମାଜସେବକ, ପରୋପକାରୀ ଓ ବନ୍ଧୁବତ୍ସଳ ଭାବରେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ରସାଳପୁର ଯଦୁନାଥ ମହାବିଦ୍ୟାଳୟର ପ୍ରତିଷ୍ଠା ତଥା ବାଲେଶ୍ୱର ମହିଳା କଲେଜର ପ୍ରତିଷ୍ଠାରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି । ମୋର ତାଙ୍କର ସହିତ ବନ୍ଧୁତ୍ୱ ସମ୍ପର୍କ ଦୀର୍ଘଦିନ ଧରି ରହିଆସିଛି । ତାଙ୍କ ବିୟୋଗରେ ମୁଁ ଜଣେ ଉତ୍ତମ ବନ୍ଧୁଙ୍କୁ ହରାଇ ମର୍ମାହତ । ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମୁଁ ପ୍ରଭୁ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛି ।

ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ
ସଭାପତି, ଜିଲ୍ଲା ବିଜେଡି ଏସ୍.ସି. ସେଲ୍

# ରୋଟାରୀ କ୍ଲବ ପକ୍ଷରୁ ନେସନ ବିଲ୍ଡର ଆୱାର୍ଡ଼ ପ୍ରଦାନ : ସମ୍ବର୍ଦ୍ଧିତ ହେଲେ ୨୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ




ବାଲେଶ୍ୱର,୧୫/୦୯ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ନେସନ ବିଲ୍ଡର ଆୱାର୍ଡ଼ ପ୍ରଦାନ କାର୍ଯ୍ୟକ୍ରମ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ କ୍ଲବ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଜିଲା ଶିକ୍ଷାଧିକାରୀ ବିଷ୍ଣୁ ମୋହନ ସୂତାର ଏଥରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରୋଟାରୀ କ୍ଲବ କେବଳ ସମାଜସେବାରେ ସୀମିତ ନ ରହି ଏଭଳି ପ୍ରତିଭାଧାରୀଙ୍କୁ ଉଚିତ ମୂଲ୍ୟାଙ୍କନ କରିବା ବେଶ ସାଧୁ ଉଦ୍ୟମ ବୋଲି କହିଥିଲେ। କ୍ଲବର ସଭାପତି ଇଂ ସୌରଭ ବେହେରା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ନେସନ ବିଲ୍ଡର ଆୱାର୍ଡ଼ ପ୍ରଦାନ କାର୍ଯ୍ୟକ୍ରମର ଚେୟାରମ୍ୟାନ ଶିକ୍ଷାବିତ ଡ. ପଙ୍କଜ ଜେନା ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଜିଲାର ୧୨ ଗୋଟି ବ୍ଲକ ସମେତ ପୌରାଞ୍ଚଳରୁ ବିଭିନ୍ନ ବିଦ୍ୟାଳୟର ୨୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ଲକ୍ଷ୍ମୀପ୍ରିୟା ଜେନା ଏଥିରେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କ୍ଲବର ସମ୍ପାଦକ ସୁଖମୟ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାତୃଦତ ଦାସ, ଯୋଗେଶ ସାହା, ପ୍ରଭାତ ରଞ୍ଜନ ଜେନା, ଡ. ଶ୍ରୀମାନ ଶ୍ରୀଚନ୍ଦନ, ଡ. ମନୋରଂଜନ ଦାସ, ସୁବ୍ରତ କର, ଯଶୋଦା ନନ୍ଦନ ଆଶ, ସୁକୁମାର ରଣା, ବିଷ୍ଣୁଦାସ କୁଣ୍ଡୁ, ଭି ଉଦୟ କୁମାର, ଭୋଳାନାଥ ବେହେରା, ରାଧାକରଣ ବିଶ୍ୱାଳ, ସଲମ ଶୁଭା ସାହା, ସପନ ମହାପାତ୍ର, ସୁଜାତା ପଟ୍ଟନାୟକ, ଡ.ଶିରୀଶ ଚନ୍ଦ ଜେନା, ଭାବଗ୍ରହୀ ମହାନ୍ତି, କ୍ଷେତ୍ରମୋହନ ମହାପାତ୍ର, ବିକ୍ରମଜିତ କର, ସତ୍ୟନାରାୟଣ ନନ୍ଦ, ସତୀଶ ଅଗ୍ରୱାଲ, ପଦାରବିନ୍ଦ ମହାପାତ୍ର ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୭ ରୁ ୧୯ ଜିଲ୍ଲା ପରିକ୍ରମା କରିବ ଅହିଂସା ରଥ

ଭଦ୍ରକ, ୧୫/୦୯ (ନି.ପ୍ର): ସ୍ୱାଧୀନତାର ଅମୃତ ମହୋତ୍ସବ ଆଧାରରେ ଗତ ୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୪ଟି ଅହିଂସା ରଥ ପରିକ୍ରମା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ମହାତ୍ମାଗାନ୍ଧୀଙ୍କ ଅହିଂସା ମନ୍ତ୍ର ସହ ଦେଶପ୍ରେମର ବାର୍ତ୍ତା ବଣ୍ଟନ ଆଭିମୁଖ୍ୟରେ ରାଜ୍ୟର ସମସ୍ତ ଜିଲ୍ଲା ପରିକ୍ରମା କରିବା ପରିପ୍ରେକ୍ଷୀରେ ଚଳିତ ମାସ ୧୭ ତାରିଖ ଶନିବାର ରୁ ୧୯ ତାରିଖ ସୋମବାର ପର୍ଯ୍ୟନ୍ତ ୨ଟି ଅହିଂସା ରଥ ଭଦ୍ରକ ଜିଲ୍ଲାର ସମସ୍ତ ବ୍ଲକ ପରିକ୍ରମା କରିବ । ଏହି ପରିକ୍ରମା କାର୍ଯ୍ୟର ସୁପରିଚାଳନା ପାଇଁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ଆଭାସି ବୈଠକରେ ସମସ୍ତ କାର୍ଯ୍ୟକ୍ରମର ରୂପରେଖ ନେଇ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଛି । ଜିଲ୍ଲା ପରିଷଦ, ଭଦ୍ରକର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ପ୍ରୀତିମୟଙ୍କୁ ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ ମୁଖ୍ୟ ନୋଡ଼ାଲ ଅଧିକାରୀ ଦାୟିତ୍ୱ ଅର୍ପଣ କରାଯାଇଥିଲା ବେଳେ ଜିଲ୍ଲାର ବି.ଡ଼ି.ଓ. ଓ ପୌରପାଳିକା / ଏନ୍.ଏ..ସିର ନିର୍ବାହୀ ଅଧିକାରୀମାନଙ୍କୁ ସଂପୃକ୍ତ ଅଞ୍ଚଳ ପାଇଁ ନୋଡ଼ାଲ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ୨ଟି ରଥ ମଧ୍ୟରୁ ଗୋଟିଏକୁ ବାସୁଦେବପୁର ବ୍ଲକ ର ସୀମାନ୍ତ ବେତଡ଼ା ଠାରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଠାରୁ ସ୍ୱାଗତ ପୂର୍ବକ ଗ୍ରହଣ କରାଯିବ ଓ ଅନ୍ୟଟିକୁ ବନ୍ତ ବ୍ଲକର ଆପରପଡ଼ା ନିକଟବର୍ତ୍ତୀ ଜିଲ୍ଲା ସୀମାନ୍ତରେ ସ୍ୱାଗତ ପୂର୍ବକ ଗ୍ରହଣ କରାଯିବ । ୧ମ ରଥଟି ବାସୁଦେପୁର ଦେଇ ଇରମ୍ ରେ ପହଞ୍ଚିବ । ବାସୁଦେବପୁର ପୌରାଞ୍ଚଳରେ ରାସ୍ତା ପାର୍ଶ୍ୱ ସ୍ୱାଗତ ଶୋଭାଯାତ୍ରା ସହ ରକ୍ତତୀର୍ଥ ଇରମ୍‌ରେ ଭବ୍ୟ ସ୍ୱାଗତ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ଅହିଂସା ରଥରେ ସ୍ୱାଧୀନତା ଆନ୍ଦୋଳନରେ ସଂଗ୍ରାମୀମାନଙ୍କ ବଳିଦାନ ସମ୍ପର୍କିତ ଭିଡ଼ିଓ ବାର୍ତ୍ତା , ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା, ଗାନ୍ଧୀଜୀ ଓ ଓଡ଼ିଶା ଶୀର୍ଷକ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ ବ୍ୟବସ୍ଥା ରହିଛି । ଅନ୍ତିମ ଦିନରେ ଭଣ୍ଡାରିପୋଖରୀ ହାଇସ୍କୁଲରୁ ପରିକ୍ରମା ଆରମ୍ଭ କରି ଷୋଳମପୁର ସ୍ଥିତ ବୌଦ୍ଧ ବିହାରରେ ପହଞ୍ଚିବ । ଅପରାହ୍ନରେ ରଣଜିତ ପଞ୍ଚାୟତର ଗାନ୍ଧୀ ସ୍ମାରକୀପୀଠ ମଞ୍ଜୁରି ରେ ଦ୍ୱିତୀୟ ରଥ ପରିକ୍ରମାର ଅନ୍ତିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୨୦ ତାରିଖ ଦିନ ସକାଳେ ଦୁଇଟିଯାକ ରଥକୁ ଯାଜପୁର ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯିବ । ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି, ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର ସଦସ୍ୟା ବୃନ୍ଦ , ଅଙ୍ଗବାଡ଼ି କର୍ମୀ, ଆଶା, ସ୍କୁଲ କଲେଜର ଛାତ୍ରଛାତ୍ରୀ, ଅଞ୍ଚଳବାସୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସମସ୍ତେ ନିଜ ନିଜ ଅଞ୍ଚଳରେ ସାମିଲ ହୋଇ ଏହି ରଥକୁ ସ୍ୱାଗତ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାବାସୀଙ୍କୁ ଅନୁରୋଧ କରାଯାଇଛି ।

# ଗୋପାଳପୁର ଠାରେ ବାଲେଶ୍ୱର ଜିଲ୍ଲା ବାରିକ ସମିତିର ଏକ ଜରୁରୀ ବୈଠକ



ବାଲେଶ୍ୱର,୧୫/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାରିକ ସମିତିର, ଏକ ଜରୁରୀ ବୈଠକ, ଗୋପାଳପୁର ଠାରେ, ବିଦ୍ୱାନ ଶିକ୍ଷାବିତ୍ ଶ୍ରୀଯୁକ୍ତ କୁର୍ତ୍ତିବାସ ଚନ୍ଦ୍ର ବେଜଙ୍କ ସଭାପତିତ୍ୱରେ,ମହା ସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଥିଲେ, ବାଲେଶ୍ୱର ଜିଲ୍ଲା ବାରିକ ସମିତିର ଉପ ସଭାପତି ଶ୍ରୀଯୁକ୍ତ ପରମାନନ୍ଦ ବାରିକ । ମୁଖ୍ୟ ବକ୍ତା ଥିଲେ , ବାଲେଶ୍ୱର ଜିଲ୍ଲା ବାରିକ ସମିତିର ସମ୍ପାଦକ ଶ୍ରୀଯୁକ୍ତ ଶୁଭ୍ରଲୋଚନ ବାରିକ(ବିମଳ) । ସମ୍ମାନୀତ ବକ୍ତା ଥିଲେ, ବାଲେଶ୍ୱର ଜିଲ୍ଲା ବାରିକ ସମିତିର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ହରେକୃଷ୍ଣ ବାରିକ, ଶ୍ରୀଯୁକ୍ତ ଭଗବାନ ବାରିକ, ଶ୍ରୀଯୁକ୍ତ ଉମାକାନ୍ତ ବାରିକ,ଶ୍ରୀଯୁକ୍ତ ସୋମନାଥ ବାରିକ,ଜିଲ୍ଲା କାର୍ଯ୍ୟକାରି ସମ୍ପାଦକ, ଶ୍ରୀଯୁକ୍ତ ରମାକାନ୍ତ ବାରିକ ଏବଂ ଆଞ୍ଚଳିକ ସମ୍ପାଦକ ଶ୍ରୀଯୁକ୍ତ ଦିବାକର ବାରିକ ଇତ୍ୟାଦି ମଞ୍ଚାସୀନ ଥିଲେ ।ରାଜ୍ୟ ସଙ୍ଗଠନ,ନିଖିଳ ଉତ୍କଳ ବାରିକ ସମିତି-ଜଡାମଠ-ପୁରୀ ସହିତ ସମ୍ପର୍କ ସ୍ଥାପନ,କରୁଣ ମହାମାରୀ ପାଇଁ ସଙ୍ଗଠନ ସବୁ ନିଷ୍କ୍ରିୟ ସୋଇ ଯାଇଛି,ତାହାକୁ ସକ୍ରିୟ କରିବା ନିମନ୍ତେ ଏବଂ ସଙ୍ଗଠନର ପୁନଃ କର୍ମକର୍ତ୍ତା ନିର୍ବାଚନ ଉପରେ ଗଭୀର ଆଲୋଚନା କରାଯାଇ ସର୍ବସମ୍ମତୀ କ୍ରମେ ସିଦ୍ଧାନ୍ତ ମାନ ଗ୍ରହଣ କରାଯାଇ ଥିଲା । ଉପସ୍ଥିତ ଥିଲେ-ଶ୍ରୀଯୁକ୍ତ ବିଶ୍ୱଜିତ୍ ବାରିକ, ଯଶୋବନ୍ତ ବାରିକ, ଜତୀନ୍ଦ୍ର ବାରିକ,ସନାତନ ବାରିକ,ପ୍ରଫୁଲ୍ଲ ବାରିକ,ବିଶ୍ୱରଞ୍ଜନ ବାରିକ,ବଳରାମ ବାରିକ, ରତିକାନ୍ତ ବାରିକ, ଖଗେଶ୍ୱର ବାରିକ, ଲକ୍ଷ୍ମୀଧର ବାରିକ,ଘନଶ୍ୟାମ ବାରିକ,କରୁଣାକର ବାରିକ, ଗ୍ୟାଙ୍ଗ ବାରିକ, ସନ୍ତୋଷ ବାରିକ, ନୀରଞ୍ଜନ ବାରିକ, ବାପି ବାରିକ, ଶିବଶଙ୍କର ମାନ୍ନା, ରବିନ୍ଦ୍ର ବେଦ, ଶ୍ରୀବତ୍ସ ବାରିକ,ବନମାଳୀ ବାରିକ, ଟୁକୁନା ବାରିକ, ଅନାଦି ବାରିକ, ପ୍ରଶାନ୍ତ ବାରିକ, ରତିକାନ୍ତ ବାରିକ, ସପନ ବାରିକ ଓ ସନ୍ତୋଷ ବାରିକ ଇତ୍ୟାଦି ଶତାଧିକ ଜାତି ଭାଇମାନେ । ଶେଷରେ ରତ୍ନାକର ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ଏକାତ୍ମ ସ୍ୱାଦିଷ୍ଟ ବ୍ୟଞ୍ଜନରେ ସମସ୍ତଙ୍କୁ ଆପ୍ୟାୟିତ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo